ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
TM
ସମ୍ବାଦ କଳିକା
The Sambad Kalika
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
E-mail : sambadkalikanews@gmail.com
● ବର୍ଷ–୩୩ ● ସଂଖ୍ୟା–୧୪୯ ● ୨୯ ଜୁନ ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-149 ● 29th June 2026, Monday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27



ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଫାଇନାଲ୍‌ରେ ଶ୍ରୀକାନ୍ତ

ମନ୍ କି ବାତ୍ ୧୩୫ତମ ଅଧ୍ୟାୟ

ସମୁଦ୍ରରୁ ଆକାଶ ପର୍ଯ୍ୟନ୍ତ ଆତ୍ମନିର୍ଭର ଭାରତର ଗାଥା ଶୁଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୮।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ କି ବାତ' କାର୍ଯ୍ୟକ୍ରମ ରବିବାର ୧୩୫ତମ ଏପିସୋଡ୍‌ରେ ପହଞ୍ଚିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଯୁବକମାନଙ୍କ ପାଇଁ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିବା ସହିତ ଦେଶ ଦୁନିଆରେ ଘଟୁଥିବା ସାମ୍ପ୍ରତିକ ଘଟଣାବଳୀ ଉପରେ ଆଲୋକପାତ କରିଥିଲେ। ବର୍ଷ ୨୦୨୬ର ଅର୍ଦ୍ଧେକ ଶେଷ ହୋଇଯାଇଛି। ଏତିକି ଦିନ ମଧ୍ୟରେ ସରକାରର ସଫଳ କାର୍ଯ୍ୟକ୍ରମଗୁଡ଼ିକ ଉପରେ ପ୍ରଧାନମନ୍ତ୍ରୀ ଆଲୋଚନା କରିଛନ୍ତି। ଏହା ସହିତ ଦେଶକୁ ଗୌରବାନ୍ୱିତ କରିଥିବା ଘଟଣାବଳୀ ଉପରେ ସେ ନିଜର ଭାବନା ପ୍ରକାଶ କରିଛନ୍ତି।

ଦେଶ ସୁରକ୍ଷା ଓ ଆତ୍ମନିର୍ଭରତା ଦିଗରେ ସଫଳତା ହାସଲ କରିଛି। 'ନିକଟରେ କୋଲକତାରେ ଆୟୋଜିତ ଏକ ନୌବାହିନୀ କାର୍ଯ୍ୟକ୍ରମରେ ସାମିଲ ହେବାର ସୁଯୋଗ ମିଳିଥିଲା। ଯେଉଁଠାରେ ଆଇଏନଏସ ଦୁନାଗିରି, ଆଇଏନଏସ ସଂଶୋଧକ, ଆଇଏନଏସ ଅଗ୍ରେ

ଭାରତୀୟ ନୌସେନାରେ ସାମିଲ ହୋଇଥିଲା। ଏହାର ଡିଜାଇନ ଠାରୁ ଆରମ୍ଭ କରି ନିର୍ମାଣ ବିଧି ସବୁକିଛି ସ୍ୱଦେଶୀ ଅଟେ', ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯେ, ଦେଶ ଜୁନ ମାସରେ ଆଭିଏସନ୍ କ୍ଷେତ୍ରରେ ବହୁ ଉନ୍ନତି ଦେଖିଛି। ସି-୨୯୫ ଏୟାରକ୍ରାଫ୍ଟ ମେଡ୍ ଇନ୍ ଇଣ୍ଡିଆ ଅଟେ। ଏହି ବିମାନ ନିଜର ପ୍ରଥମ ଉଡ଼ାଣ ସଫଳତାର ସହିତ ଶେଷ କରିଛି ଏବଂ ଏଭଳି ୪୦ଟି ବିମାନ ନିର୍ମାଣ ଚାଲୁରହିଛି। ଏହା ଦ୍ୱାରା ଏମଏସଏମଇ ଓ ଏରୋସ୍ପେସ୍ କ୍ଷେତ୍ରରେ ବହୁ ଉନ୍ନତି ପରିଲକ୍ଷିତ ହେଉଛି। ରୋଜଗାର ପନ୍ଥା ବଢୁଛି। ଆତ୍ମନିର୍ଭର ଭାରତର ପରିକଳ୍ପନା ସୁଦୃଢ ହେଉଛି।

ସେ ଆହୁରି କହିଛନ୍ତି, ଏହି ମାସରେ ଡିଆରଡିଓ ମଧ୍ୟ ଏକ ସ୍ୱଦେଶୀ ଲଙ୍ଗ ରେଞ୍ଜ ଲ୍ୟାଣ୍ଡ ଆଟାକ୍ କ୍ରୁଜ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିଥିଲା। ଏହାକୁ ଡିଆରଡିଓ ପରୀକ୍ଷାଗାର ଏବଂ ଭାରତୀୟ ଶିଳ୍ପ ଅଂଶୀଦାରମାନଙ୍କ ଦ୍ୱାରା ମିଳିତ ଭାବରେ ବିକଶିତ କରାଯାଇଛି। ଅନ୍ୟ ଶବ୍ଦରେ, ସମୁଦ୍ରରୁ ଆକାଶ ପର୍ଯ୍ୟନ୍ତ, ଭାରତ ଦ୍ରୁତ ଗତିରେ ଅଧିକ ସୁରକ୍ଷିତ ଏବଂ ଆତ୍ମନିର୍ଭରଶୀଳ ହେଉଛି।

ପ୍ରଧାନମନ୍ତ୍ରୀ କହିଥିଲେ, ଆମକୁ ବର୍ଷାଜଳର ପ୍ରତ୍ୟେକ ବୁନ୍ଦା ସଂରକ୍ଷଣ କରିବାକୁ ପଡିବ। ଆମେ 'କ୍ୟାଚ୍ ଦି ରେନ୍' ଅଭିଯାନର ଗତିକୁ ଟିକିଏ ବି ଧୀମା ହେବାକୁ ଦେଇପାରିବୁ ନାହିଁ। ସେଥିପାଇଁ ମୁଁ ଆପଣଙ୍କୁ ଏକ ବିଶେଷ ନିବେଦନ କରୁଛି: ଆସନ୍ତୁ ଆମେ ସମସ୍ତେ ଏକାଠି ହୋଇ ପ୍ରତ୍ୟେକ ବୁନ୍ଦା ବର୍ଷାକୁ ସଂରକ୍ଷଣ କରିବା।

ଦେଶରେ ଜୁନ ମାସରେ ଅନ୍ତର୍ଜାତୀୟ ଯୋଗ ଦିବସ ଆୟୋଜିତ ହୋଇଥିଲା। ଯାହାକୁ ସାରା ବିଶ୍ୱରେ ଲୋକ ନିଜ ଜୀବନରେ ସାମିଲ କରିବାକୁ ପ୍ରତିବଦ୍ଧ ହୋଇଥିଲେ। ଚଳିତବର୍ଷ ଦେଶ ଓ ବିଦେଶରେ ୨,୫୦୦ରୁ ଅଧିକ ସ୍ଥାନରେ ଯୋଗ ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆମ ଦେଶର କୋଟି କୋଟି ଜନତା ଯୋଗ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। (ପୃଷ୍ଠା ୭ରେ)

ଆଜି ମହାପ୍ରଭୁଙ୍କ ସ୍ନାନଯାତ୍ରା : ଚଳଚଞ୍ଚଳ ଶ୍ରୀକ୍ଷେତ୍ର

ପୁରୀ, ୨୮।୬
ନ୍ୟୁଜ୍‌ବ୍ୟୁରୋ

ରାତି ପାହି ସକାଳ ହେଲେ ୧୦୮ କଳସ ପାଣିରେ ଦୁଲୁ ଦୁଲୁ କି ଗାଧେଇବ କାଳିଆ। ସେ ପୁଣି ବରଫ ଭଳିଆ ଥଣ୍ଡା ପାଣି। ହେଲେ ତା' ଆଗରୁ ପରା ତା'ର ଦୁନିଆ ନୀତି। ସେଇଥି ପାଇଁ ପରା ତ୍ରୟୋଦଶୀରୁ ଶ୍ରୀମନ୍ଦିରରେ ହାଜର ହେଲେଣି ଦଇତାପତି। ଓଃ ତାଙ୍କୁ ଦେଖି ଜଗାର କି ଖୁସି। ଖୁସିରେ ତ ଝୁମିଲାଣି ଆଉ। ଏତେ ଖୁସି ଯେ ତା ଶ୍ରୀଅଙ୍ଗ ରସିକ ଡୋର ବି ଢ଼ିଲା ହେଇଗଲାଣି।

ସ୍ନାନଯାତ୍ରା ପାଇଁ ପୂରା ପ୍ରସ୍ତୁତି ଶେଷ କରିଛନ୍ତି ଦଇତା ସେବକ। ଦଇତାଙ୍କ ଖୁସି ବି କହିଲେ ନସରେ। ଏତେ ଦିନେ ପୁଣି ଥରେ ଆସିଛି ଏ ମହାର୍ଘ୍ୟ ବେଳା। ସବୁ କଥାକୁ ପଛରେ ପକାଇ ଭିଡ଼ିଆସିଛନ୍ତି ଚାରି ଦିଅଁଙ୍କ ପାଖକୁ। ଆଜିଠୁ ପରା ତାଙ୍କର ସବୁଠୁ ବଡ଼ କାମ। ସ୍ନାନ ବେଦୀକୁ ବଡ଼ ଦିଅଁ ଯିବା ଆଗରୁ ତାଙ୍କୁ ପୁଣି ସଜେଇବାକୁ ପଡ଼ିବ ତ, ଯେମିତି ତାଙ୍କ ଶ୍ରୀଅଙ୍ଗକୁ ବାଧା ନହେବ, ତାଙ୍କ ଶ୍ରୀ ଅଙ୍ଗ ପୂରା ସୁରକ୍ଷିତ ରହିବ।

ଖୋଜା ହୋଇ ବଡ଼ ଠାକୁରଙ୍କ ପାଇଁ ପରା ବଉଳ କାଠ ଆସିଛି। ସେଥିରେ ବଡ଼ ଭାଇ ବଳଭଦ୍ର, ସାନ ଗୋସେଇଁ କାଳିଆ ଠାକୁର, ଗେହ୍ଲି ଭଉଣୀ ମା' ସୁଭଦ୍ରାଙ୍କ ପଶ୍ଚାତପଟରେ ରବିବାର ସେନାପଟା ଲାଗି ହୋଇଛି। ଶ୍ରୀଭୁଜରେ ଲାଗି ଭିଡ଼ା ହୋଇଛି ବାହୁଟକଣ୍ଠି। ମସ୍ତକ ପାଖରେ ବନ୍ଧା ହେବ ତ୍ରିମୁଣ୍ଡି ସୁରକ୍ଷା,

ଚକା ଭିଡ଼ା ସହ ମୁଖ ଚାରିପଟେ ବନ୍ଧା ହେବ ପାଟ କପଡ଼ାର ଅଧର କୁସୁମି। ଇଏ ଛୋଟିଆ କାମ ନୁହଁ ଭାରି ଦାୟିତ୍ୱ କାମ। ଟିକେ ଓଲମ ବିଲମ ହେବନି। ସେଥିପାଇଁ ପରା ଦଇତା ଆଖିରେ ଆଉ ନିଦ ନାହିଁ କି ଦେହରେ ଆଳସ୍ୟ ନାହିଁ।

ଏମିତି ଦିଅଁ ଯେ ଯାହାର ନୀତି କଥା କହିବା ବି କଷ୍ଟ। ସେ ଯେମିତି ରହସ୍ୟମୟ, ତାଙ୍କ ସବୁ ଲୀଳାଖେଳା ବି ସେତିକି ରହସ୍ୟମୟ। ଜାଣିଲେ ଶୁଣିଲେ ଦେହ ଶିହରି ଉଠେ, ମନ ତା'ରି ପାଖରେ ହଜିଯାଏ ଯେ ଫେରିବାକୁ ଇଚ୍ଛା କରେନା। ଏତେ ଦିନେ ବରଷକ ପରେ ପୁଣି ଖୋଲା ଆକାଶ ତଳକୁ ଆସିବେ ପ୍ରାଣ ପ୍ରିୟ କଳା ଠାକୁର। ସମସ୍ତଙ୍କ ଆଗରେ ଗାଧୋଇବେ, ସଜ ହେବେ, ପୁଣି ଗଜବେଶ ଧରିବେ।

ସ୍ନାନମଣ୍ଡପରେ ସୁବାସିତ ଜଳରେ ସ୍ନାନ କରିବା ପରେ ହାତୀବେଶ ବା ଗଜାନନ ବେଶରେ ଦର୍ଶନ ଦେବେ ମହାପ୍ରଭୁ। ସ୍ନାନବେଦୀରେ ମହାପ୍ରଭୁଙ୍କ ଏହି ଦିବ୍ୟ ବେଶ ଦର୍ଶନ ପାଇଁ ଚାତକ ଭଳି (ପୃଷ୍ଠା ୭ରେ)

ସ୍ନାନଯାତ୍ରା ପାଇଁ ପୁରୀରେ ସବୁ ସ୍କୁଲ୍ ବନ୍ଦ

ସୋମବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା। ସୋମବାର ପୁରୀ ମହାନଗର ନିଗମରେ ବନ୍ଦ ରହିବ ସମସ୍ତ ସ୍କୁଲ। ଶିଶୁ ବାଟିକାଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ସ୍କୁଲ୍ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଦେବସ୍ନାନ ପୂର୍ଣ୍ଣିମା ଭିଡ଼କୁ ଦେଖି ସବୁ ସ୍କୁଲ ବନ୍ଦ ନିଷ୍ପତ୍ତି ନିଆଯାଇଛି। ସମସ୍ତ ସରକାରୀ, ବେସରକାରୀ ସ୍କୁଲ ବନ୍ଦ ରହିବ।

ସୁପ୍ରିମକୋର୍ଟ କଲେଜିୟମର ସଦସ୍ୟ ହେବେ ଜଷ୍ଟିସ୍ ପି.ଏସ୍. ନରସିମ୍ହା

ନୂଆଦିଲ୍ଲୀ, ୨୮।୬

ଜଷ୍ଟିସ୍ ଜେ.କେ.ମହେଶ୍ୱରୀ ଅବସର ନେବା ଯୋଗୁ ଜଷ୍ଟିସ୍ ପି.ଏସ୍. ନରସିମ୍ହା ସୁପ୍ରିମକୋର୍ଟ କଲେଜିୟମ ସଦସ୍ୟ ହେବାକୁ ଯାଉଛନ୍ତି। ଜଷ୍ଟିସ୍ ନରସିମ୍ହା ୨ ମେ' ୨୦୨୮ରେ ଚାକିରିରୁ ଅବସର ଗ୍ରହଣ କରିବେ, ତେବେ ସେ ପର୍ଯ୍ୟନ୍ତ ସେ କଲେଜିୟମ ସଦସ୍ୟ ରହିବେ। ଜଷ୍ଟିସ୍ ମହେଶ୍ୱରୀ ତାଙ୍କ ୫ ବର୍ଷର କାର୍ଯ୍ୟକାଳ ପରେ ରବିବାର ଅବସର ଗ୍ରହଣ କରିଛନ୍ତି। ଏଣୁ କଲେଜିୟମରେ ଏବେ ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ବି.ଭି.ନାଗରତ୍ନା, ଜଷ୍ଟିସ୍ ଏମ.ଏମ.ସୁନ୍ଦରେଶ ଓ ଏବେ ଜଷ୍ଟିସ୍ ପି.ଏସ. ନରସିମ୍ହା ସାମିଲ ହେବେ। ୧୯୯୩ ମସିହାରେ ଅସ୍ତିତ୍ୱକୁ ଆସିଥିବା ସୁପ୍ରିମକୋର୍ଟ କଲେଜିୟମ ପ୍ରଣାଳୀ ସୁପ୍ରିମକୋର୍ଟର ଶୀର୍ଷ ୫ ବିଚାରପତି, ୨୫ ଉଚ୍ଚନ୍ୟାୟାଳୟଙ୍କ ବିଚାରପତି ନିଯୁକ୍ତି, ସେମାନଙ୍କ ସ୍ଥାନାନ୍ତରଣ ଓ ପଦୋନ୍ନତୀ ସୁପାରିସ କରନ୍ତି। ଏହି ପ୍ରଣାଳୀ ଅନୁସାରେ ସରକାର ସୁପାରିସକୁ କଲେଜିୟମକୁ ଫେରସ୍ତ ପଠାଇ ପାରନ୍ତି। ତେବେ ପରେ ଯଦି ସୁପାରିସ ଦୋହରା ଯାଏ ତେବେ ଏହାକୁ ଗ୍ରହଣ ମଧ୍ୟ କରନ୍ତି। କିଛି ମାମଲାରେ ସରକାର ଫାଇଲ ଫେରସ୍ତ କରନ୍ତିନି ନଚେତ ପ୍ରତିକ୍ରିୟା ଦେଇ ନଥାନ୍ତି। ଜଷ୍ଟିସ୍ ନରସିମ୍ହାଙ୍କ ଜନ୍ମ ୩ ମେ' ୧୯୬୩ରେ (ପୃଷ୍ଠା ୭ରେ)

ଶୃଙ୍ଖଳିତ ରଥଯାତ୍ରା ପାଇଁ କଠୋର ହେଲା ପ୍ରଶାସନ

ପୁରୀ, ୨୮।୬
ନ୍ୟୁଜ୍‌ବ୍ୟୁରୋ

ଶୃଙ୍ଖଳିତ ରଥଯାତ୍ରା ପାଇଁ କଠୋର ହୋଇଛି ପ୍ରଶାସନ। ଶ୍ରୀମନ୍ଦିର ପରିଚାଳନା କମିଟି ଅନୁମୋଦିତ ବ୍ୟବସ୍ଥାବଳୀ ଭାଙ୍ଗିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ହୋଇଛି। ବ୍ୟବସ୍ଥାବଳୀ ଅନୁଯାୟୀ, ଶ୍ରୀଗୁଣ୍ଡିଚା ଦିନ ପହଣ୍ଡି ପୂର୍ବରୁ ଶ୍ରୀଜୀଉମାନଙ୍କ ବିଜେ ଡୋରି ଠିକ୍ ଢଙ୍ଗରେ ବନ୍ଧାଯିବା ପାଇଁ ସଂପୃକ୍ତ ବାଡ଼ର ବାଡ଼ଗ୍ରାହୀ ଧ୍ୟାନ ଦେବେ। ପୂର୍ବ ଅଘଟଣକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ହୋଇଛି। ସେହିପରି କେବଳ ଆବଶ୍ୟକସଂଖ୍ୟକ ଅଭିଜ୍ଞ ଓ ଦାୟିତ୍ୱ ସମ୍ପନ୍ନ ସେବକ ପହଣ୍ଡିରେ ଭାଗ ନେବେ। ସମ୍ପୃକ୍ତ ଠାକୁରଙ୍କ ବାଡ଼ଗ୍ରାହୀ ଏଥିପ୍ରତି ଯତ୍ନବାନ ହେବେ ଓ ଶୃଙ୍ଖଳିତ ଭାବେ ପହଣ୍ଡି

କରାଇବେ। ଦଇତାପତିମାନେ ଶ୍ରୀଅଙ୍ଗରକ୍ଷକ ସେବକ ହୋଇଥିବାରୁ ଟାହିଆ ସୁରକ୍ଷା କାର୍ଯ୍ୟ କରିବେ। ପ୍ରତିହାରୀ ସେବକ ଓ ଆରକ୍ଷୀ ବାହିନୀ ମଧ୍ୟ ଟାହିଆର ସୁରକ୍ଷା ପ୍ରତି ଯତ୍ନବାନ ହେବେ। ଶ୍ରୀଜୀଉମାନେ ରଥ ଉପରକୁ ସମ୍ପୂର୍ଣ୍ଣ ଉଠିବା ପରେ ଟାହିଆ ଗୁଡ଼ିକ ସମ୍ମାନର ସହିତ ଖୋଲାଯିବ। ଟାହିଆ ଭାଙ୍ଗିଥିବା ବ୍ୟକ୍ତି ଓ ଟାହିଆର ଅଂଶ ଧରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରୀଜୀଉମାନଙ୍କ ରଥ ଉପରକୁ ପହଣ୍ଡି ବିଜେ ପୂର୍ବରୁ କିମ୍ବା ପହଣ୍ଡି ବିଜେ ସମୟରେ ଅରୁଣସ୍ତମ୍ଭ (ପୃଷ୍ଠା ୭ରେ)

୨୨ ରାଜ୍ୟରେ ମୌସୁମୀ ପ୍ରବେଶ ବଜ୍ରାଘାତରେ ୧୪ ମୃତ

ନୂଆଦିଲ୍ଲୀ, ୨୮।୬

ଦେଶର ୨୨ଟି ରାଜ୍ୟକୁ ମୌସୁମୀ ଛୁଇଁସାରିଛି। ଆସନ୍ତା ଜୁଲାଇ ୫ ତାରିଖ ସୁଦ୍ଧା ବାକି ରାଜ୍ୟଗୁଡ଼ିକୁ ଛୁଇଁପାରେ। ଉତ୍ତର ପ୍ରଦେଶରେ ମୌସୁମୀ ନଅ ଦିନ ବିଳମ୍ବରେ ପହଞ୍ଚିଥିଲା। ବର୍ତ୍ତମାନ ଉତ୍ତର ପ୍ରଦେଶ, ରାଜସ୍ଥାନ, ହରିୟାଣା ଓ ଦିଲ୍ଲୀର ଅନେକ ଅଞ୍ଚଳରେ ପ୍ରାକ୍ ମୌସୁମୀ ବର୍ଷା ଜାରି ରହିଛି। ମୌସୁମୀ ଆଗମନ ସତ୍ତ୍ୱେ ଉତ୍ତର ପ୍ରଦେଶ, ରାଜସ୍ଥାନ ଓ ହରିୟାଣାର ତାପମାତ୍ରା ୪୩° ସେଲସିୟସ ଅତିକ୍ରମ କରିଛି। ରାଜସ୍ଥାନର ଫଲୋଦିରେ ତାପମାତ୍ରା ୪୩.୮ ଡିଗ୍ରୀ ରେକର୍ଡ଼ କରାଯାଇଛି। ମଧ୍ୟପ୍ରଦେଶରେ ପ୍ରବଳ ଝଡ଼ବର୍ଷା ହୋଇଛି। ଛିନ୍ଦୱାଡ଼ା ଜିଲ୍ଲାରେ ଦୁଇଟି ପୃଥକ୍ ଘଟଣାରେ ବଜ୍ରାଘାତରେ ୪ ଜଣ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଆହତ ହୋଇଛନ୍ତି। ଶିବପୁରୀର ଅନେକ ଅଞ୍ଚଳରେ ପ୍ରବଳ ପବନ ଯୋଗୁଁ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। ଏକ ରେଷ୍ଟୁରାଣ୍ଟ ଓ ଏକ ଘର ଭୁଶୁଡ଼ି ପଡ଼ିଛି। କାର୍, ବାଇକ୍ ଓ ଏକ ପେଟ୍ରୋଲ ପମ୍ପ କ୍ଷତିଗ୍ରସ୍ତ ହୋଇଛି। ଝାଡ଼ଖଣ୍ଡରେ ବଜ୍ରପାତରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଛତିଶଗଡ଼ରେ ଦୁଇଜଣଙ୍କ (ପୃଷ୍ଠା ୭ରେ)

ବିମାନ ଦୁର୍ଘଟଣା : ୧୪ ମୃତ

ପ୍ୟାରିସ, ୨୮।୬

ଫ୍ରାନ୍ସର ପୂର୍ବାଞ୍ଚଳ ସ୍ଥିତ ଟୋୟଲେନ୍ ସହରରେ ଏକ ବେସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୧୪ ଜଣ ଲୋକଙ୍କ ମୃତ୍ୟୁ ଘଟିଛି। ଟୋୟଲେନ୍ ଦୁର୍ଘଟଣାକୁ ଫ୍ରାନ୍ସର ଚଳିତ ବର୍ଷର ଏକ ବଡ଼ ବିମାନ ଦୁର୍ଘଟଣା ଭାବେ ଗ୍ରହଣ କରାଯାଉଛି। ଟୋୟଲେନ୍‌ର ବିମାନବନ୍ଦର ନିକଟରେ ବିମାନଟି ଖସିପଡ଼ିବାରୁ ପୁଲିସ ସେହି ଅଞ୍ଚଳକୁ ଘେରାବନ୍ଦୀ (ପୃଷ୍ଠା ୭ରେ)

ମହାନଦୀରେ ଗାଧୋଇବା ବେଳେ ବୁଡ଼ି ୩ ଛାତ୍ର ନିଖୋଜ

କଟକ, ୨୮।୬
ନ୍ୟୁଜ୍‌ବ୍ୟୁରୋ

କଟକ ମହାନଦୀରେ ଗାଧୋଉଥିବା ବେଳେ ରବିବାର ସନ୍ଧ୍ୟାରେ ୩ଜଣ ଛାତ୍ର ନିଖୋଜ ହୋଇଯାଇଛନ୍ତି। କଟକଜିଲ୍ଲା ଜଗତପୁର ଖଇରା ବ୍ରିଜ ସାତବାଟିଆ ନିକଟ ମହାନଦୀରେ ଏହି ଅଘଟଣ ଘଟିଛି। ରିପୋର୍ଟ ଲେଖାଯିବା ବେଳକୁ ନିଖୋଜ ଛାତ୍ରମାନଙ୍କର ପରିଚୟ ମିଳିପାରି ନାହିଁ। ସୂଚନା ଅନୁସାରେ ଆଜି ସନ୍ଧ୍ୟାରେ ଜଗତପୁର ଖଇରା ବ୍ରିଜ ସାତବାଟିଆ ନିକଟ ମହାନଦୀକୁ କିଛି ଛାତ୍ର ଗାଧୋଇବା ପାଇଁ ଯାଇଥିଲେ। ସେଠାରେ ସେମାନେ ଗାଧୋଉଥିବା ବେଳେ ଜଳର ଗଭୀରତା ଜାଣିପାରି ନଥିଲେ। ଗଭୀର ପାଣିରେ ପ୍ରବେଶ କରିବା (ପୃଷ୍ଠା ୭ରେ)

ସେଶେଲ୍ସର ସର୍ବୋଚ୍ଚ ରାଷ୍ଟ୍ରପତି ପୁରସ୍କାରରେ ସମ୍ମାନିତ ହେଲେ ପ୍ରଧାନମନ୍ତ୍ରୀ ମୋଦୀ

ଭିକ୍ଟୋରିଆ, ୨୮।୬

ପରିବେଶ ସଂରକ୍ଷଣ ଓ ସ୍ଥାୟୀ ବିକାଶ କ୍ଷେତ୍ରରେ ଅଗ୍ରଣୀ ନେତୃତ୍ୱ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେଶେଲ୍ସର ସର୍ବୋଚ୍ଚ ରାଷ୍ଟ୍ରପତି ସମ୍ମାନ 'ଗାର୍ଡିଆନ୍ ଅଫ୍ ଦି ବ୍ଲୁ ହରାଇଜନ୍' ପ୍ରଦାନ କରାଯାଇଛି। ସେଶେଲ୍ସ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଏହି ସମ୍ମାନ ଗ୍ରହଣ କରିବା ସହ ଏହାକୁ ଜଳବାୟୁ ପରିବର୍ତ୍ତନର ବଢୁଥିବା ଆହ୍ୱାନର ସାମ୍ନା କରୁଥିବା ଏବଂ ପରିବେଶ ସୁରକ୍ଷାକୁ ନିଜର ଦାୟିତ୍ୱ ମନେ କରୁଥିବା ସମସ୍ତ ଦେଶ ପ୍ରତି ଉତ୍ସର୍ଗ କରିଛନ୍ତି। ସୋସିଆଲ ମିଡିଆ ଆକାଉଣ୍ଟ 'ଏକ୍ସ'ରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ସେଶେଲ୍ସର ଜନସାଧାରଣ, ସରକାର ଓ ରାଷ୍ଟ୍ରପତି ପାଟ୍ରିକ୍ ହର୍ମିନିଙ୍କୁ ଏହି ସମ୍ମାନ ପାଇଁ

କୃତଜ୍ଞତା ଜଣାଇଛନ୍ତି। ବିଶ୍ୱକୁ ଅଧିକ ସବୁଜ ସୁନ୍ଦର କରିବା ପାଇଁ ଭାରତର 'ଲାଇଫ୍ ମିଶନ', ଅନ୍ତର୍ଜାତୀୟ ସୌର ମେଣ୍ଟ ଭଳି ବିଶ୍ୱସ୍ତରୀୟ ପ୍ରୟାସ ଏହି ଦିଗରେ କାର୍ଯ୍ୟ କରୁଛି ବୋଲି ସେ ପ୍ରକାଶ କରିଛନ୍ତି।

ତେବେ ନିଜର ଏହି ତିନିଦିନିଆ ଗସ୍ତର ପ୍ରଥମ ଦିନ ରବିବାର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସେଶେଲ୍ସର ରାଷ୍ଟ୍ରପତି ପାଟ୍ରିକ୍ ହର୍ମିନିଙ୍କ ସହ ଷ୍ଟେଟ୍ ହାଉସଠାରେ ବ୍ୟାପକ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏଥିରେ ଦୁଇ ଦେଶ ମଧ୍ୟରେ ଥିବା ରଣନୀତିକ ସମ୍ପର୍କ, ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ ଏବଂ ସାମୁଦ୍ରିକ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତର 'ମହାସାଗର' ଭିଜନ ଅଧୀନରେ ସେଶେଲ୍ସ ଭାରତର ଏକ ପ୍ରମୁଖ ସାମୁଦ୍ରିକ ସହଯୋଗୀ ଅଟେ। ସୋମବାର ପ୍ରଧାନମନ୍ତ୍ରୀ ସେଶେଲ୍ସର ସୁବର୍ଣ୍ଣ ଜୟନ୍ତୀ ଜାତୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ଏବଂ ସେଠାକାର ଜାତୀୟ ସଭାକୁ ସମ୍ବୋଧିତ କରିବା ସହ ପ୍ରବାସୀ ଭାରତୀୟଙ୍କ ସହ ମଧ୍ୟ ମତ ବିନିମୟ କରିବେ।

ମାଲକାନଗିରିରୁ ଜବତ ହେଲା ବିପୁଳ ମାଓ ସାମଗ୍ରୀ

ମାଲକାନଗିରି, ୨୮।୬
ନ୍ୟୁଜ୍‌ବ୍ୟୁରୋ

ଆଣ୍ଟି ନକ୍ସଲ ଅପରେସନରେ ମାଲକାନଗିରି ପୋଲିସକୁ ମିଳିଛି ବଡ ସଫଳତା। ଆନ୍ଧ୍ର-ଓଡ଼ିଶା ସୀମାନ୍ତରୁ ଜବତ ହୋଇଛି ବିପୁଳ ପରିମାଣର ମାଓ ସାମଗ୍ରୀ। ଜବତ ସାମଗ୍ରୀ ଆନ୍ଧ୍ର-ଓଡ଼ିଶା ବୋର୍ଡର ସ୍ପେଶାଲ ଜୋନାଲ କମିଟିର ହୋଇଥିବା ସୂଚନା ଦେଇଛନ୍ତି ମାଲକାନଗିରି ଏସିପି। ଜବତ ସାମଗ୍ରୀ ମଧ୍ୟରେ ୨ଟି ଏସ୍‌ଏଲ୍‌ଆର୍ ବନ୍ଧୁକ, ୨ଟି ଦେଶୀ ପିସ୍ତଲ, ଗୋଟିଏ ୟୁଏସଏ ନିର୍ମିତ ପିସ୍ତଲ, ଗୋଟିଏ ଥ୍ରୀ ନଟ ଥ୍ରୀ ବନ୍ଧୁକ, ଦୁଇଟି ଆଇଡି, ଗୋଟିଏ କ୍ଲେମର ମାଇନ, ୪ଟି ବିଜିଏଲ ସେଲ ସମେତ ୩୭ ପ୍ରକାର ମାଓ ସାମଗ୍ରୀ ଜବତ କରାଯାଇଛି। ଗତ ୯ ଜୁନରେ ମଧ୍ୟ ମାଲକାନଗିରି କିରିମିଟି ଓ କଟୁଆପଦର ଜଙ୍ଗଲରୁ ମାଲକାନଗିରି ପୋଲିସ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଜବତ କରିଥିଲା।

ଏକାଳ ପଖାଳ

ଭକତ ଗହଣେ ଆସିବେ ଚାଲି
ସ୍ନାହାନ ବେଦୀରେ ହୋଇବେ ବିଜେ
ଶହେଆଠ ଗରା ଗାଧୋଇ ହେବେ
ଜଗତ ଗୋସାଇଁ କାଳିଆ ନିଜେ
ଗରମ ଦେହରେ ଉତ୍ତାପ ତେଜେ
ଜ୍ୱରରେ ଶୋଇବେ ଅଣସର ଘରେ
ଲୀଳାରେ ଧରଣୀ ବୈକୁଣ୍ଠ ସାଜେ।

ଭାରତ ଭଳି ଜଳୁଛି ଫ୍ରାନ୍ସ : ୟୁରୋପରେ ୪ ଦିନରେ ହଜାରେ ମୃତ୍ୟୁ

ମୁମ୍ବାଇ, ୨୮।୬

ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଳୁଗୁଳି। ମୌସୁମୀ ଛୁଇଁଥିଲେ ବି ସନ୍ତୁଳି ହେଉଛି ଭାରତ। ସେପଟେ ୟୁରୋପରେ ମଧ୍ୟ ତାତିର ତାଉ ଦେଖିବାକୁ ମିଳିଛି। ଫ୍ରାନ୍ସରେ ଚଳିତ ସପ୍ତାହରେ ଅନୁଭୂତ ହୋଇଛି ଭୀଷଣ ଗରମ। ଯେଉଁଥିପାଇଁ ହସ୍ପିଟାଲ୍‌ରେ ଭିଡ଼ ସହ ଜରୁରୀକାଳୀନ ସେବାର ଚାହିଦା ବୃଦ୍ଧି ପାଇଛି। ଜୁନ୍ ୨୪ ତାରିଖରୁ ଏବେ ସୁଦ୍ଧା ୟୁରୋପରେ ପ୍ରାୟ ୧ ହଜାର ଲୋକଙ୍କ ମୃତ୍ୟୁ ହୋଇଛି। ଫ୍ରାନ୍ସର ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ପାର୍ କରିଛି। ଫଳରେ ସେଠାରେ ଜରୁରୀକାଳୀନ ସେବାର ଚାହିଦା ଅଚାନକ ବୃଦ୍ଧି ପାଇଛି।

ରବିବାର ପବ୍ଲିକ୍ ହେଲ୍‌ଥ ଫ୍ରାନ୍ସ ଏକ ବୟାନ ଜାରି କରିଛି। ଯେଉଁଥିରେ କୁହାଯାଇଛି ଯେ, ବୁଧବାର ଜୁନ୍ ୨୪ ସୁଦ୍ଧା ଦେଶରେ ସାଧାରଣ ଦିନ ଅପେକ୍ଷା ପ୍ରାୟ ୧ ହଜାରରୁ ଅଧିକ ଅତିରିକ୍ତ ମୃତ୍ୟୁ ହୋଇଛି। ଆଉ ଲୋକେ ମୃତ୍ୟୁବରଣ କରିଥିବା ଅଞ୍ଚଳ ଗୁଡ଼ିକରେ ରେଡ୍ ହିଟ୍ ଆଲର୍ଟ ରହିଥିଲା। ଯେଉଁଥିରେ ଇଲେ-ଡି-ଫ୍ରାନ୍ସ, ନୁବଲେ-ଅକିଟେନ୍, ବ୍ରିଟନୀ, ସେଣ୍ଟର-ଭାଲ ଡି ଲାୟର, ନର୍ମଡି ଓ ପେସ୍ ଡି ଲା ଲାୟର ଆଦି ରହିଛି। ହଜାରେରୁ ଅଧିକ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୮୫ ପ୍ରତିଶତ ମୃତକଙ୍କ ବୟସ ୬୫ ବର୍ଷରୁ ଅଧିକ।

ସେପଟେ ପ୍ୟାରିସ୍‌ରେ (ପୃଷ୍ଠା ୭ରେ)

ମୌସୁମୀ ଆସିବାରେ ବିଳମ୍ବ ହେଲାଣି

ମହିଳା ହିଂସା ଓ ଲିଙ୍ଗଗତ ଭେଦଭାବ ବିରୋଧରେ ପଦକ୍ଷେପ

ସୁବର୍ଣ୍ଣପୁର , ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ପଞ୍ଚାୟତ ସମିତି ସଭାଗୃହ ଠାରେ ଦି ହଙ୍ଗର୍ ପ୍ରୋଜେକ୍ଟ ପକ୍ଷରୁ ବ୍ଲକ ପ୍ରଶାସନିକ ଅଧିକାରୀ ଓ ଅଲିଭା ଗ୍ରାମ ପଞ୍ଚାୟତ ମହିଳା ପ୍ରତିନିଧି ମହାସଂଘ ସଦସ୍ୟା ମାନଙ୍କର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ହଙ୍ଗର ପ୍ରୋଜେକ୍ଟ ଇଣ୍ଡିଆ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କ୍ଷେତ୍ର ସହଯୋଗି ଧନୁର୍ଦ୍ଧର ନାଏକ ସମସ୍ତଙ୍କୁ ସ୍ୱାଗତ ଜଣାଇଥିବା ବେଳେ ତାଲିମ୍ ପ୍ରଶିକ୍ଷକ ଗୁଣନିଧି ମାଝୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରି କାର୍ଯ୍ୟ ପରିଚାଳନା କରିଥିଲେ। ବୈଠକରେ ମୁଖ୍ୟ ଅତିଥି ଭାବରେ ତରଭା ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ଶିବାନନ୍ଦ କର୍ମୀ ଯୋଗଦେଇ ମହିଳା ହିଂସା, ଲିଙ୍ଗଗତ ଭେଦଭାବ ସହ ଅଲିଭା କାର୍ଯ୍ୟକ୍ରମକୁ ପ୍ରଶଂସା କରି ସହଯୋଗ କରିବି ବୋଲି ମତ ରଖିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ଭତ୍ତା ସମସ୍ୟା, ଆଧାର ଲିଙ୍କ, ଜାତୀୟ ପରିବାର ମଙ୍ଗଳ ଯୋଜନା ର ନୂତନ ମାର୍ଗଦର୍ଶିକା ବିଷୟରେ ଅବଗତ କରିଥିଲେ, ଓଡିଶା ଜୀବନଜୀବିକା ମିଶନର ବି ପି ଏମ ମନୋଜ ବାଘ ସରକାରୀ ଅଧିନରେ ଥିବା ମହିଳା ସ୍ୱଂୟ ସହାୟକ ଗୋଷ୍ଠିର ଯୋଜନା ଓ ସମସ୍ୟା ଉପରେ ମତ ରଖିଥିଲେ, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ର, ନୂତନ ଶିକ୍ଷା ନୀତି, ବାଳିକା ମାନଙ୍କ ପାଇଁ ଥିବା ସୁବିଧା ସୁଯୋଗ ସହ ଛାତ୍ର ବୃତ୍ତି ଉପରେ ଦିଗଦର୍ଶନ ଦେଲେ । ଯୋଗାଣ ନିରୀକ୍ଷକ ସଂଗୀତା ମହାପାତ୍ର ରାସନ କାର୍ଡରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ବ୍ଲକ ପ୍ରାଣିଚିକିତ୍ସକ ଅଧିକାରୀ ହରିହର ଧରୁଆ ତାଙ୍କ ଅଧୀନରେ ଥିବା ଯୋଜନା କହିଥିଲେ। ଅଲିଭା ମହାସଂଘର ସଭାନେତ୍ରୀ ଆହୁତି କୁମ୍ଭାର ଓ ସମ୍ପାଦିକା କାମିନୀ ମିଶ୍ର ସଂଘର କାର୍ଯ୍ୟକ୍ରମ ରୂପ ରେଖ ଓ କରିଥିବା କାର୍ଯ୍ୟକ୍ରମ ବିଷୟରେ ଉପସ୍ଥାପନ କରିଥିଲେ । ସେହି କାର୍ଯ୍ୟକ୍ରମରେ ତରଭା ବ୍ଲକର ୧୫ ଟି ପଞ୍ଚାୟତରୁ ସର୍ବମୋଟ ୪୩ ଜଣ ମହିଳା ପ୍ରତିନିଧି ସରପଞ୍ଚ, ନାଏବ ସରପଞ୍ଚ, ୱାର୍ଡ ମେମ୍ବର ଉପସ୍ଥିତ ରହି ନିଜ ଗ୍ରାମ ପଞ୍ଚାୟତର ସମସ୍ୟା ଗୁଡିକ ଉପସ୍ଥାପନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅଲିଭା ମହାସଂଘର ସଦସ୍ୟାଙ୍କ ପକ୍ଷରୁ ବିଭିନ୍ନ ସମସ୍ୟା ସମ୍ବଳିତ ଦାବିପତ୍ର ଉପସ୍ଥିତ ଅଧିକାରି ମାନଙ୍କୁ ଦିଆଯାଇଥିଲା। ଏଥିରେ ଜିତେନ୍ଦ୍ର ସାହୁ ସହଯୋଗ କରିଥିବା ବେଳେ ଅଲିଭା ମହାସଂଘର ସଭାନେତ୍ରୀ ଆହୁତି କୁମ୍ଭାର ଧନ୍ୟବାଦ୍ ଅର୍ପଣ କରିଥିଲେ।

ସୁସ୍ଥ ଜୀବନଶୈଳୀ ହିଁ ବିକଶିତ ଭାରତର ମୂଳ ଆଧାର

ବାଲେଶ୍ୱର , ନ୍ୟୁଜ୍ ବ୍ୟୁରୋ

ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଯୋଗ ଦିବସ-୨୦୨୬ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମୂହିକ ଯୋଗାଭ୍ୟାସ ଓ ଯୋଗ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ନୀଳଗିରି ବିଧାନସଭା କ୍ଷେତ୍ରର ବିଧାୟକ ସନ୍ତୋଷ ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଯୋଗ କେବଳ ଏକ ବ୍ୟାୟାମ ପ୍ରଣାଳୀ ନୁହେଁ, ବରଂ ଏହା ସୁସ୍ଥ ଶରୀର, ସୁସ୍ଥ ମନ ଓ ସନ୍ତୁଳିତ ଜୀବନର ଆଧାର। ନିୟମିତ ଯୋଗାଭ୍ୟାସ ଦ୍ୱାରା ବ୍ୟକ୍ତି କର୍ମକ୍ଷେତ୍ରରେ ଅଧିକ ସଫଳତା ହାସଲ

କରିପାରିବ ଏବଂ ସୁସ୍ଥ ଜୀବନଶୈଳୀ ହିଁ ବିକଶିତ ଭାରତ ଗଠନର ମୂଳ ଉପାଦାନ ବୋଲି ସେ ମତ ପ୍ରକାଶ କରିଥିଲେ। ଯୋଗ ପାଠ୍ୟକ୍ରମ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାମାନେ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମର ପ୍ରଦର୍ଶନ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାସ୍ଥ୍ୟ ପ୍ରତି ସଚେତନ ଓ ଯତ୍ନଶୀଳ ହେବା ସହ ନିୟମିତ ଯୋଗାଭ୍ୟାସ ମାଧ୍ୟମରେ ନିରୋଗ ଜୀବନ ଅନୁସରଣ କରିବାକୁ ଆହ୍ୱାନ ଜଣାଇଥିଲେ। ସେ ଚଳିତ ବର୍ଷର ଯୋଗ ଦିବସର ବିଷୟବସ୍ତୁ "ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ"ର ଗୁରୁତ୍ୱ ବ୍ୟାଖ୍ୟା କରି କହିଥିଲେ ଯେ, ସୁସ୍ଥ ଶରୀର, ସୁସ୍ଥ ମନ ଓ ସକାରାତ୍ମକ ଚିନ୍ତନ ପାଇଁ ଯୋଗାଭ୍ୟାସର ବିକଳ୍ପ ନାହିଁ। କାର୍ଯ୍ୟକ୍ରମରେ ଉତ୍ସାହର ସହ ଅଂଶଗ୍ରହଣ କରିଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦର ସଭାପତି ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ ଯୋଗର ବିଭିନ୍ନ ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ସୁସ୍ଥ ଓ ସମୃଦ୍ଧ ଜୀବନଯାପନରେ ଯୋଗର ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ମାନବ ଶରୀରରେ ଦେଖାଯାଉଥିବା ବିଭିନ୍ନ ରୋଗର ନିବାରଣ ପାଇଁ ଉପଯୋଗୀ ଯୋଗମୁଦ୍ରା ଓ ଯୋଗାଭ୍ୟାସ ପ୍ରଣାଳୀ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀମତୀ କୁକୁମିନା ଦାସ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା, ବିଭାଗୀୟ ମୁଖ୍ୟମାନେ, ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସାମୂହିକ ଯୋଗାଭ୍ୟାସ କରିବା ସହ ପରିସର ସ୍ଥିତ ଜଳାଶୟ ଗୁଡିକ ସଫା କରିଥିଲେ। ପ୍ରକାଶଯୋଗ୍ୟ ଯେ, ଚଳିତ ବର୍ଷ ଆନ୍ତର୍ଜାତିକ ଯୋଗ ଦିବସକୁ "ଯୋଗ ସଙ୍ଗମ" ଶୀର୍ଷକରେ ପାଳନ କରାଯାଉଛି। ବିଶ୍ୱବିଦ୍ୟାଳୟରେ ତିନି ଦିନ ଧରି ଏହି ଅବସର ପାଳିତ ହେବା ସହ ଯୋଗାଭ୍ୟାସ, ଚାରାରୋପଣ, ପରିସର ସ୍ୱଚ୍ଛତା କାର୍ଯ୍ୟକ୍ରମ ଓ ପରିବେଶ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମର ସମନ୍ୱୟ କରାଯାଇଥିଲା। ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ଡ଼କ୍ଟର ପ୍ରତିମା ପ୍ରଧାନ, ଡ଼କ୍ଟର ପ୍ରୀତିରଞ୍ଜନ ମାଝୀ, ଡ଼କ୍ଟର ପ୍ରଜ୍ଞା ପଣ୍ଡା ଓ ଶ୍ରୀ ବସନ୍ତ କୁମାର ମଲ୍ଲିକଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

ରମ୍ଭା ଏନଏସିରେ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ସରକାରଙ୍କ ଲୋକପ୍ରିୟ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲା ରମ୍ଭା ପରିଷଦର କଲ୍ୟାଣ ମଣ୍ଡପ ପରିସରରେ ବୃହତ ଉତ୍ସାହ ଉଦ୍ଦୀପନା ସହ ଅନୁଷ୍ଠିତ ହୋଇଯାଇଛି। ପୁରୀ ଠାରେ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ଓଡ଼ିଶା ସାରା ଭିଡିଓ କନଫେର୍ସ ମାଧ୍ୟମରେ ଶୁଭାରମ୍ଭ କରିଥିବା ବେଳେ ରମ୍ଭା ଏନଏସିର କଲ୍ୟାଣ ମଣ୍ଡପ ଠାରେ ଏହି କାର୍ଯ୍ୟକ୍ରମରେ ଭିଡ଼ିଓ ଏଲଇଡ଼ି ମାଧ୍ୟମରେ ମନ୍ତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ବକ୍ତା ରୂପେ ବିଧାୟକ ପ୍ରତିନିଧି ସୀମାଞ୍ଚଳ ବାଡ଼ତ୍ୟା, ସମ୍ମାନିତ ଅତିଥି ଉପାଧ୍ୟକ୍ଷ କାଳିଆ ତରେଇ,ଏକ୍ଜୁକେଟିଭ ଅଫିସର ଆଶାଲତା ରଚମାଳା ଉପସ୍ଥିତ ରହି

ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟକୁ ସିଧାସଳଖ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ସହ ସେମାନଙ୍କ ଅଭିଯୋଗ ଓ ପରାମର୍ଶ ସଂଗ୍ରହ କରି ତୁରନ୍ତ ସମାଧାନର ପଦକ୍ଷେପ ନେବା ଦିଗରେ ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ ପ୍ରଶାସନର ଅଧିକାରୀମାନେ ସେମାନଙ୍କ ପାଖରେ ପହଞ୍ଚି ଆବାସ ଯୋଜନା, ମଧୁବାବୁ ପେନ୍ସନ୍, ରାସନ୍ କାର୍ଡ, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ, ରାସ୍ତା ଓ ନିର୍ମଳ ଓଡ଼ିଶା ଆଦି ବିଭିନ୍ନ ଯୋଜନାର ସୁବିଧା ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମ ସ୍ଥଳରେ ସ୍ଥାପିତ ହୋଇଥିବା ଷ୍ଟଲ୍ ମାଧ୍ୟମରେ ହିତାଧିକାରୀମାନେ ସ୍ୱଟ୍ ରେଜିଷ୍ଟ୍ରେସନ୍ ଓ ସେବା ପାଇଥିଲେ। ଅନେକ ହିତାଧିକାରୀ ସେମାନଙ୍କ ଦୀର୍ଘଦିନର ଅଭିଯୋଗ ଲିଖିତ ଭାବେ ଦାଖଲ କରିଥିବା ବେଳେ ଅଧିକାରୀମାନେ ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଡ଼. ସରୋଜ ଦାଶ ଉପସ୍ଥାପକ ରହିଥିଲେ।କାର୍ଯ୍ୟକ୍ରମରେ ଏନଏସିର ସୁଇପର ଭାଇ ଭଉଣୀ,ଏମସିସି,ଏମଆରଏଫ ପ୍ଲାଣ୍ଟର କାର୍ଯ୍ୟରତ କର୍ମଚାରୀ, ସ୍ୱଚ୍ଛ ସାଥି ସୁପର ଭାଇଜର ପ୍ରମୁଖଙ୍କୁ ଉପଢୌକନ ସହ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ରମ୍ଭା ଏନଏସି ର ସମସ୍ତ ୱାର୍ଡରୁ ଶହ ଶହ ହିତାଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ମତ୍ସ୍ୟଜୀବୀ ଓ ସାଧାରଣ ଜନତା ବହୁ ସଂଖ୍ୟାରେ ଯୋଗଦେଇଥିଲେ। ସ୍ଥାନୀୟ ଲୋକେ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ପ୍ରଶାସନ ସେମାନଙ୍କ ଦ୍ୱାରେ ପହଞ୍ଚୁଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଭବିଷ୍ୟତରେ ମଧ୍ୟ ଏପରି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଦାବି କରିଥିଲେ। କାର୍ଯ୍ୟକ୍ରମକୁ ରମ୍ଭା ଏନଏସିର ନିର୍ବାହୀ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିମାନେ ପରିଚାଳନା କରିଥିଲେ।ଦିପକ କୁମାର ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

କଟକ ଜିଲ୍ଲା ଏସ.ଆଇ.ଆର ସଂକ୍ରାନ୍ତ ବୁଥ୍ସ୍ତରୀୟ ଏଜେଣ୍ଟ ବୈଠକ

କଟକ, ନ୍ୟୁଜ୍ ବ୍ୟୁରୋ

କଟକ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ.ଆଇ.ଆର.) ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଆସନ୍ତା ୨୮ ତାରିଖରେ ଶେଷ ହେବାକୁ ଯାଉଛି। ଗତ ମେ ୩୦ ତାରିଖରୁ ବୁଥ ସ୍ତରୀୟ ଅଧିକାରୀମାନେ ଘରକୁ ଘର ପରିଦର୍ଶନ କରି ଭୋଟର ତଥ୍ୟ ସଂଗ୍ରହ ଓ ଯାଞ୍ଚ କରିବା ସହ ସଂଗୃହୀତ ଏନୁମରେଶନ ଫର୍ମ ଗୁଡିକର ଡିଜିଟାଇଜେସନ କରୁଛନ୍ତି। ୨୮ ଜୁନ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କାର୍ଯ୍ୟ ସମାପ୍ତ କରାଯାଇ ଖସଡା ଭୋଟର ତାଲିକା ୦୫ ଜୁଲାଇ ୨୦୨୬ରେ ପ୍ରକାଶ ପାଇବ। ସମସ୍ତ ପ୍ରକ୍ରିୟାକୁ ଶୃଙ୍ଖଳିତ ଭାବେ କରିବା ଦିଗରେ ବୁଥ ସ୍ତରୀୟ ଏଜେଣ୍ଟ ମାନଙ୍କର ମଧ୍ୟ ଗୁରୁତ୍ୱପୁର୍ଣ ଭୂମିକା ରହିଛି। ଆଜି ଏ ସମ୍ପର୍କରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହଠାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଦତ୍ତାତ୍ରୟ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା କାଲି ଓ ତା ପରଦିନ ବିଭିନ୍ନ ବୁଥରେ ବୁଥସ୍ତରୀୟ ଅଧିକାରୀ ଓ ବୁଥସ୍ତରୀୟ ଏଜେଣ୍ଟମାନଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ବଡ ପଡିଥିବା ଭୋଟରମାନଙ୍କ ତଥ୍ୟ ପ୍ରଦାନ କରାଯିବ। ଯଦି କୌଣସି ଯୋଗ୍ୟ ଭୋଟର ବାଦ ପଡ଼ିଥିବେ ତେବେ ସେମାନଙ୍କୁ ନୋଟିସ କରାଯିବ ଏବଂ ନିର୍ଦ୍ଧାରିତ ପ୍ରକ୍ରିୟାରେ ସେମାନଙ୍କ ନାମ ସଂଯୋଗ କରାଯିବ। ବୁଥସ୍ତରୀୟ ଏଜେଣ୍ଟମାନେ ଏ ଦିଗରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଜୁଲାଇ ୦୫ ତାରିଖରୁ ଅଗଷ୍ଟ ୦୪ ତାରିଖ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ। ଦାବି ଓ ଆପତ୍ତିର ନିଷ୍ପତ୍ତି ସେପଟ୍ମ୍ବର ୦୨ ତାରିଖ ସୁଦ୍ଧା କରାଯିବା ପରେ ୦୬ ସେପଟ୍ମ୍ବର ୨୦୨୬ରେ ଅନ୍ତିମ ଭୋଟର ତାଲିକା ପ୍ରକାଶ ପାଇବ। ଏସ. ଆଇ.ଆର ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସଂଯୁକ୍ତ କରିବା ଏବଂ ଅନଧିକୃତ ପ୍ରବାସୀ କିମ୍ବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ ଦେବା। ଏଥିସହ ମୃତ ବ୍ୟକ୍ତିଙ୍କ ନାମ ଏବଂ ନକଲି ନାମ ଗୁଡିକୁ ଚିହ୍ନଟ କରାଯାଇ ତାଲିକାରୁ ବାଦ ଦିଆଯିବ ଓ ସ୍ଥାନାନ୍ତରିତ ମତଦାତାଙ୍କ ନାମ ସଂଶୋଧନ କରାଯିବ। କୌଣସି ଯୋଗ୍ୟ ଭୋଟର୍ଙ୍କ ନାମ ବାଦ ଦିଆଯିବ ନାହିଁ ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାରେ ଆଜିସୁଦ୍ଧା ୯୯ ପ୍ରତିଶତ ଫର୍ମ ବିତରଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ପ୍ରାୟ ୭୦ ପ୍ରତିଶତ ଡିଜିଟାଇଜେସନ କାର୍ଯ୍ୟ ସେଶ ହୋଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ କଟକ ସଦର ନିର୍ବାଚନ ପଞ୍ଜୀକରଣ ଅଧିକାରୀ କମଲଜିତ୍ ଦାସ,ସାଲେପୁର ପାଇଁ ନିୟୋଜିତ ହୋଇଥିବା ନିର୍ବାଚନ ପଞ୍ଜିକରଣ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ଦିବ୍ୟଲୋଚନ ମହାନ୍ତି, ଚୌଦ୍ୱାର କଟକ ପାଇଁ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ବାରବାଟୀ-କଟକ ପାଇଁ ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ୱତିରଞ୍ଜଦେଓ, ଆଠଗଡ ପାଇଁ ପ୍ରହଲ୍ଲାଦ ନାରାୟଣ ଶର୍ମା, ନିଆଳି ପାଇଁ ଅତିରିକ୍ତ ଉପ ଜିଲ୍ଲାପାଳ, ଶ୍ରୀ ଦେବାଶିଷ ମହାପାତ୍ର, ମାହାଙ୍ଗା ପାଇଁ କଟକ ମହାନଗର ନିଗମ ଅତିରିକ୍ତ ଆୟୁକ୍ତ ସୋନା ଟୁଡୁ ଏବଂ ବଡ଼ମ୍ବା ପାଇଁ ମହାନଗର ନିଗମର ଯୁଗ୍ମ ଆୟୁକ୍ତ, ବରେନ୍ଦୁ ମହାନ୍ତି, ଡେପୁଟୀ କଲେକ୍ଟର, ନିର୍ବାଚନ ଅମ୍ଳାନ ଅପରାଜିତା ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ମାଟି କାମରେ ନିୟୋଜିତ ଶ୍ରମିକମାନଙ୍କୁ ପାଉଣା ପ୍ରଦାନ ପାଇଁ ଦାବି

ପାଟଣାଗଡ, ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ କରୁଆଁଝର ପଞ୍ଚାୟତର ଚାଉଳଡ଼ିଆ ଗ୍ରାମର ଶ୍ରମିକମାନେ ମଙ୍ଗଳବାର ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ଭେଟି ସମ୍ପ୍ରତି ଗାଁର ମାଟି କାମ ଉପରେ ଉଠିଥିବା ଦୁର୍ନୀତି ଅଭିଯୋଗ ସମ୍ପର୍କରେ ନିଜ ପକ୍ଷ ଉପସ୍ଥାପନ କରିଥିଲେ। ଶ୍ରମିକମାନଙ୍କ କହିବା ଅନୁଯାୟୀ, କିଛି ଦିନ ତଳେ ଗ୍ରାମର କିଛି ବ୍ୟକ୍ତି ସରପଞ୍ଚ ଓ ଅନ୍ୟ କିଛି ଲୋକଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିଲେ। ତେବେ ଏହି ଅଭିଯୋଗକୁ ଶ୍ରମିକମାନେ ସଂପୂର୍ଣ୍ଣ ଭାବେ ଖଣ୍ଡନ କରି କହିଛନ୍ତି ଯେ, ଯେଉଁମାନେ ଅଭିଯୋଗ କରିଛନ୍ତି ସେମାନେ ଦୀର୍ଘ ସମୟ ଧରି ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟରେ କାର୍ଯ୍ୟରତ ଥିଲେ ଏବଂ ଗାଁକୁ ଫେରିବା ପରେ ଭିତ୍ତିହୀନ ଅଭିଯୋଗ କରୁଛନ୍ତି। ଏହି ପ୍ରସଙ୍ଗରେ ପ୍ରାୟ ୩୦ ଜଣ ଶ୍ରମିକ ବିଡିଓଙ୍କୁ ଭେଟି ଗ୍ରାମର ପ୍ରକୃତ ପରିସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ଶ୍ରମିକମାନଙ୍କ ମତାମତ ଶୁଣିବା ପରେ ବିଡିଓ ଶ୍ରୀ ଷଡ଼ଙ୍ଗୀ କହିଥିଲେ ଯେ, ସରକାରୀ କାର୍ଯ୍ୟ ଆସିଲେ ନିୟମ ଅନୁଯାୟୀ ସମସ୍ତ ଯୋଗ୍ୟ ଶ୍ରମିକଙ୍କୁ ଆଉ ଅଧିକ କାମ ଯୋଗାଇ ଦିଆଯିବ। ଅଯଥା ମିଥ୍ୟା ଅଭିଯୋଗ ନ କରି ଗ୍ରାମର ସମସ୍ତେ ଏକତା ଓ ସୌହାର୍ଦ୍ଦ୍ୟର ସହ କାମ କଲେ ଉନ୍ନତି କାର୍ଯ୍ୟ ଅଧିକ ସୁଚାରୁ ଭାବେ ଆଗେଇ ପାରିବ ବୋଲି ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ କରୁଆଁଝର ଓ ଚାଉଳଡ଼ିଆ ଗ୍ରାମର ଶ୍ରମିକ ଯଦୁମଣି ରଣା, ହେମସାଗର ରଣା, ସାବିତ୍ରୀ ରଣା, ଅହଲ୍ୟା ରଣା, ଚମ୍ପେ ଭୋଇ, ମହେଶ୍ୱର ରଣାଙ୍କ ସମେତ ବହୁ ସଂଖ୍ୟକ ଶ୍ରମିକ ଉପସ୍ଥିତ ଥିଲେ।

ଜୟପୁର ରେଳପଥ ପ୍ରକଳ୍ପର ଜମିଅଧିଗ୍ରହଣ କ୍ଷତି ପୂରଣ ପ୍ରଦାନ

ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ

ନବରଙ୍ଗପୁର ସ୍ଥାନୀୟ ପୋଲିସ ପଡ଼ିଆ ଠାରେ ନବରଙ୍ଗପୁର ଜୟପୁର ରେଳପଥ ପ୍ରକଳ୍ପ ସକାଶେ ଭୂମି ଅଧିଗ୍ରହଣ ବାବଦ ତୃତୀୟ ପର୍ଯ୍ୟାୟ କ୍ଷତି ପୂରଣ ରାଶି ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି,ସାଂସଦ ଲୋକସଭା ବଳଭଦ୍ର ମାଝୀ ବରେଣ୍ୟ ଅତିଥି ଏବଂ ସମ୍ମାନୀତ ଅତିଥି ଭାବେ ମାନ୍ୟବର ବିଧାୟକ ନବରଙ୍ଗପୁର ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ,ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଯୋଗ ଦେଇ ଜମି ଅଧିଗ୍ରହଣ ଯୋଗୁଁ ନନ୍ଦାହାଣ୍ଡି ତହସିଲର ଜମି ହରାଇଥିବା ୧୪୪ ଜଣ ବ୍ୟକ୍ତିଙ୍କୁ ୧୫୩ କୋଟିଟଙ୍କା ର ଅର୍ଥରାଶି ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ୍ ଚନ୍ଦ୍ର ବର୍ମନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବିଶିଷ୍ଟ ସମାଜସେବୀ କୁଞ୍ଜ ବିହାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏହି ପ୍ରକଳ୍ପ ନିମନ୍ତେ ନନ୍ଦାହାଣ୍ଡି ତହସିଲ ର ଦହିଭଟା, ନୁଆଗୁଡା, ଗଦବାଗୁଡା,ସିନ୍ଧିଗୁଡା ମୌଜା ର ୧୦୮.୫୫ ଏକର ଜମି ଅଧିଗ୍ରହଣ କରାଯାଇଛି ଏବଂ ଏହି ପ୍ରକଳ୍ପ ପାଇଁ ୫.୧୩ ଏକର ସରକାରୀ ଜମି ମଧ ଅଧିଗ୍ରହଣ ହୋଇଛି।ମୁଖ୍ୟ ଅତିଥି ଏହି ଅବସରରେ ରେଳ ପ୍ରକଳ୍ପ ଯୋଗୁଁ ନବରଙ୍ଗପୁର ଜିଲ୍ଲାବାସୀଙ୍କ ବହୁଦିନର ସ୍ୱପ୍ନ ପୂରଣ ହେବ ବୋଲି କହିଥିଲେ।ନିଜ ବକ୍ତବ୍ୟରେ କେନ୍ଦ୍ର ସରକାର ଙ୍କ ଓଡ଼ିଶା ରାଜ୍ୟରେ ରେଳ ପ୍ରକଳ୍ପ ବିକାଶ ପାଇଁ ୧୦,୦୦୦ କୋଟି ଟଙ୍କା ର ବ୍ୟୟବରାଦ କୁ ପ୍ରଶଂସା କରିବା ସହ ଭାରତ ମାଳା ରାସ୍ତା,ଜୟପୁର ବ୍ରହ୍ମପୁର ୬ ଟିକିଆ ରାସ୍ତା,ମେଡିକାଲ କଲେଜ,ବ୍ଲକ୍ ଷ୍ଟାଡିୟମ, ଆଦର୍ଶ ବିଦ୍ୟାଳୟ,ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଇ ଏହି ଜିଲ୍ଲାର ବିକାଶ ରେ ବିଶେଷ ସହାୟକ ହେବ ବୋଲି କହିଥିଲେ। ମାନ୍ୟବର ସାଂସଦ ନିଜ ବକ୍ତବ୍ୟରେ ଏହି ରେଳ ପ୍ରକଳ୍ପ ନବରଙ୍ଗପୁର ଜିଲ୍ଲା ବାସୀଙ୍କ ବହୁ ଦିନର ଦାବି ଓ ସ୍ୱପ୍ନକୁ ପୂରଣ କରିବ ଏବଂ ଡିସେମ୍ବର ସୁଦ୍ଧା ଖୁବ ଶୀଘ୍ର ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିବା ସହ ରେଳ ପ୍ରକଳ୍ପ ରେ ଜମି ଦେଇଥିବା ବ୍ୟକ୍ତିଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।ପ୍ରକାଶ ଥାଉ କି ପ୍ରସ୍ତାବିତ ଜୁନାଗଡ- ନବରଙ୍ଗପୁର ,ନବରଙ୍ଗପୁର - ଜୟପୁର ଏବଂ ମାଲକାନଗିରି - ଭଦ୍ରାଚଳମ ମୋଟ ୪୬୦ କିମି ସ୍ୱାଧୀନ ଭାରତର ଦ୍ୱିତୀୟ ବୃହତ୍ତମ ରେଳପଥ ପ୍ରକଳ୍ପ ଅଟେ। ମାନ୍ୟବର ବିଧାୟକ ନବରଙ୍ଗପୁର ନିଜ ବକ୍ତବ୍ୟରେ ଜିଲ୍ଲାର ବିକାଶ ରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଉଛି ଏବଂ ଏହି ରେଳ ପ୍ରକଳ୍ପ ଶୀଘ୍ର ନିର୍ମାଣ ହେଲେ ଜିଲ୍ଲାବାସୀ ଙ୍କ ଆର୍ଥିକ ଅଭିବୃଦ୍ଧି ରେ ବିଶେଷ ସହାୟକ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜମି ହରାଇ କ୍ଷତି ପୂରଣ ପାଇଥିବା ବ୍ୟକ୍ତି, ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ କଂସ, ତହସିଲଦାର ନନ୍ଦାହାଣ୍ଡି ଚନ୍ଦ୍ରହାସ ମହାନନ୍ଦିଆ, ତହସିଲଦାର ନବରଙ୍ଗପୁର ଭୋଳେଶ୍ୱର ନାୟକ,ବିଡି ଓ ନବରଙ୍ଗପୁର ସୁନିଲ ଖରା ଓ ମନୋଜ ବେହେରା ଙ୍କ ସମେତ ଅନେକ ହିତାଧିକାରୀ, ବୁଦ୍ଧିଜୀବି, ସ୍ଥାନୀୟ ଜନ ସାଧାରଣ,ଛାତ୍ର, ଛାତ୍ରୀ,ତହସିଲ କାର୍ଯ୍ୟାଳୟ କର୍ମଚାରୀ,ଗଣ ମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

୧୫ ଲକ୍ଷ ୮୦ ହଜାର ଟଙ୍କାର ଫେବର ରାସ୍ତା ଦବିଲା

ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ସହରର ଅଧିକାଂଶ ୱାର୍ଡ ବା ସାହିରେ ନିର୍ମାଣ ହୋଇଛି ଫେବର ବ୍ଲକ ରାସ୍ତା । ଆଉ କିଛି ସାହିରେ ବର୍ତ୍ତମାନ ମଧ୍ୟ ଫେବର ବ୍ଲକରେ ରାସ୍ତା କାମ ଚାଲିଛି । କିନ୍ତୁ ଅଧକ୍ଷା ଙ୍କ ପ୍ରତିନିଧିଙ୍କ ଫେବର ବ୍ଲକ କମ୍ପାନୀ ଥିବା ହେତୁ ସବୁଠି ଫେବର କାମ ହୋଉଛି ତାହା ପୁଣି ଠିକାଦାର ଙ୍କୁ ସୁହାଇଲା ଭଳି ହେଲେ ଠିକାଦାର ଙ୍କ ବେପରୁଆ ତଥା ନିମ୍ନ ମାନର କାର୍ଯ୍ୟ ଯୋଗୁଁ ନିର୍ମାଣ ହେବାର ଦୁଇମାସ ନ ପୂରୁଣୁ ତାହା ଭାଙ୍ଗି ରୁଜି ଯାଉଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ୱାର୍ଡ ନଂ ୫ ପୁରୁଣା ପେଟ୍ରୋଲ ପମ୍ପ ଠାରୁ ମାହାନ୍ତି ଘର ପର୍ଯ୍ୟନ୍ତ । ଚାରିଶହ ମିଟର ରାସ୍ତା ନିର୍ମାଣ ପାଇଁ ୧୫ ଲକ୍ଷ ୮୦ ହଜାର ୩୨୦ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ତଥାପି ନିର୍ମାଣର ଦୁଇ ମାସ ପୂରିନି ଗାର୍ଡ ୱାଲ ଭାଙ୍ଗିଯିବା ସହ କିଛି କିଛି ସ୍ଥାନରେ ଫେବର ଦବି ଯାଇଥିବା ଦେଖିବାକୁ ମିଳିଛି । ଏହାକୁ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯାଇଛି । ଅଧିକାଂଶ ସାହିର ରାସ୍ତା ସେହିଭଳି ମାଙ୍କଡ଼ ହାତରେ ଶାଳଗ୍ରାମ ଭଳି ଏନଏସି ପ୍ରଶାସନ ପକ୍ଷରୁ ଯାହାକୁ ନାହିଁ ତାକୁ କାମ ଦେଇ ମୋଟା ଅଙ୍କର ପିସି ନେଉଥିବା ଯୋଗୁଁ ସ୍ଥାନୀୟ ଅଞ୍ଚଳ ଏଭଳି ଅବସ୍ଥା ଭୋଗ କରୁଛନ୍ତି ବୋଲି ସାନ ବଜାର ବଣିକ ସଙ୍ଘ ସମ୍ପାଦକ ପ୍ରଭାତ ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ନବନିର୍ମାଣ ଶ୍ରମିକ ସଂଗଠନର ଦାବି

ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ

ଖୋର୍ଦ୍ଧା ଜିଲ୍ଲା ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ସାଙ୍ଗଠନିକ ସମ୍ମିଳନୀ ବାଟ ମଙ୍ଗଳା ପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ ମହିଳା ନେତ୍ରୀ ମଧୁମିତା ସାମଲ, ଯୁବ ଛାତ୍ର ସଂଯୋଜକ ମନୱର ଅଲ୍ଲୀ ଅତିଥି ଭାବେ ଯୋଗଦେଇ ଥିଲେ। ବୈଠକ ଆରମ୍ଭରେ ରାଜ୍ୟ ମହିଳା ନେତ୍ରୀ ମଧୁମିତା ସାମଲ ଏବଂ ଜିଲ୍ଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂହ ବୈପ୍ଲବିକ ସଂଗୀତ ଗାନ କରିଥିଲେ। ପରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କୃଷକମାନଙ୍କୁ ଉଦବୋଧନ ଦେଇ କହିଲେ ଯେ, ଆମେ କେବଳ ଧାନର ଦର୍ ବୃଦ୍ଧି କିମ୍ବା, ଚାଷୀଙ୍କ ପାଇଁ ଲଢେଇ କରୁନେ, ଆମେ ସମାଜରେ ସମ୍ପୂର୍ଣ୍ଣ ବ୍ୟବସ୍ଥା ପରିବର୍ତ୍ତନ ପାଇଁ ଏ ଲଢେଇ କରୁଛୁ। ବ୍ୟବସ୍ଥା ପରିବର୍ତ୍ତନ ପାଇଁ ଯେଉଁ ମାନେ ଲଢେଇ କରିବେ, ସେମାନେ ବୈପ୍ଲବିକ ଭାବେ ବିଚାରରେ ଶାଣିତ ହେଲା ପରେ, ସେ ଯେକୌଣସି ଲଢେଇକୁ କାନ୍ଧରେ ବୋହି ଆଗକୁ ନେଇ ପାରିବ। ଯୁବ ଛାତ୍ର ସଂଯୋଜକ ମନୱର ଅଲ୍ଲୀ କହିଥିଲେ ଯେ, ନବନିର୍ମାଣ କୃଷକ ସଂଗଠନର ଐତିହାସିକ ଲଢେଇ ଫଳରେ କେବଳ କାଳିଆ, ଧାନ ଦର ବୃଦ୍ଧି, କିମ୍ବା ବାର୍ଦ୍ଧକ୍ୟ ଭତ୍ତା ନୁହେଁ ପଲ୍ୟୁସନ ପର୍ଯ୍ୟନ୍ତ ସରକାର ବ୍ରେକ୍ ଲଗାଇଛନ୍ତି। ନବନିର୍ମାଣ ସବୁବେଳେ ବୈପ୍ଲବିକ ସଂସ୍ଥା ଭାବେ ଲୋକଙ୍କ ପାଇଁ ଲଢେଇ କରିଛି। ସଂଗଠନର ରାଜ୍ୟ ମହିଳା ନେତ୍ରୀ ମଧୁମିତା ସାମଲ

କହିଥିଲେ ଯେ, ଅକ୍ଷୟ କୁମାରଙ୍କ ନେତୃତ୍ୱରେ କ୍ରମାଗତ ଚାଲିଥିବା ଚାଷୀ ଆନ୍ଦୋଳନ ଓଡ଼ିଶା ଚାଷୀଙ୍କ ଆଶା ଓ ଭରଷାର କେନ୍ଦ୍ର ବିନ୍ଦୁ ପାଲଟିଛି। ଏହି ଚାଷୀ ଆନ୍ଦୋଳନରେ ଛାତ୍ର, ଯୁବକ, ମହିଳା ସମସ୍ତ ଉତ୍ସର୍ଗତ ଭାବରେ ଲଢେଇ କଲେ ଏହି ଆନ୍ଦୋଳନ ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଆନ୍ଦୋଳନ ହେବା ସହ ଚାଷୀ କୂଳର ସ୍ୱାର୍ଥ ହାସଲ ହେଇପାରିବ। ବରିଷ୍ଠ ସଂଗଠନ ଜୟନ୍ତ ତ୍ରିପାଠୀ, ବେଗୁନିଆ ସଂଗଠକ ମଦନ ସାହୁ, ବୋଲଗଡ଼ ସଂଯୋଜକ କାହ୍ନୁ ବେହେରା ପ୍ରମୁଖ ଖୋର୍ଦ୍ଧା ଜିଲ୍ଲାରେ ସଂଗଠନକୁ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଦେବା ସହ ଆଗାମୀ ଦିନରେ ବିଶାଳ ଚାଷୀ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଆଜିର ବୈଠକରେ ସମିତି ସଭ୍ୟ ରଂଜନ ପଣ୍ଡା, ମୃତ୍ୟୁଞ୍ଜୟ ପ୍ରଧାନ, ରାଜ କିଶୋର ଦାସ, ନିକୁଞ୍ଜ ବିହାରୀ ଦାସ, ନାରାୟଣ ସେନ, ରସିକ୍ ସେନ୍, ସଞ୍ଜୟ ପାତ୍ର, ଅଧିକାରୀ ବେହେରା, ନିରଞ୍ଜନ ପ୍ରଧାନ, ପ୍ରସନ୍ନ ପ୍ରଧାନ, ପ୍ରସନ୍ନ ଭଞ୍ଜ, ସୁବାଷ ଚନ୍ଦ୍ର ରାଏ, ପ୍ରଫୁଲ୍ଲ ପରିଡ଼ା, ମୁରଲୀ ଜେନା, ମୁନାୱର ଅଲ୍ଲୀ, ପ୍ରେମାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ନାଗରିକ ସହାଭାଗିତା କାର୍ଯ୍ୟକ୍ରମ: ବିକାଶ କାର୍ଯ୍ୟ ଉପରେ ଗୁରୁତ୍ୱ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲା ସ୍ତରୀୟ ଜନ ସମ୍ପର୍କ ଏବଂ ନାଗରିକ ସହାଭାଗିତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ଯୋଗ ଦେଇଥିଲେ। ଭାରତ ସରକାରଙ୍କ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ହୋଇଥିବା ସମସ୍ତ ପ୍ରକାରର ଉନ୍ନତି ଏବଂ ବିଭିନ୍ନ ପ୍ରକଳ୍ପର ସମୀକ୍ଷା ହେବା ସହିତ ଜିଲ୍ଲାର ବିଭିନ୍ନ ସଂଗଠନରୁ ଆସିଥିବା ପ୍ରତିନିଧିମାନଙ୍କର ମତାମତ ନିଆଯାଇଥିଲା। ବିକାଶର ଧାରା ଓଡିଶା ସାରା ର ଏହି କାର୍ଯ୍ୟକ୍ରମ ଅବସରରେ ମାନନୀୟ ସାଂସଦ ବଲାଙ୍ଗୀରଙ୍କ ପ୍ରତିନିଧି ସାନନ୍ଦ ମେହେର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲୋ ଏବଂ ସାମାଜିକ କର୍ମୀ ବେଣୁଧର ଦାସ ଉପସ୍ଥିତ ଥିଲେ। ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଏକ ସଭାଗୃହ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସୁବର୍ଣ୍ଣପୁରର ବିକାଶରେ ସହାୟକ ହୋଇପାରିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଚର୍ଚ୍ଚା ହୋଇଥିଲା। ଏହି ଅବସରରେ ମାନ୍ୟବର ବିଧାୟକ କହିଥିଲେ ଯେ ସରକାର ସମସ୍ତଙ୍କୁ ନେଇ ଚାଲିବ ଏବଂ ସମସ୍ତଙ୍କର ମତାମତ ଏ ବାବଦରେ ନିହାତି ଆବଶ୍ୟକ। ସଭାଗୃହ ବୈଠକରେ ସୁବର୍ଣ୍ଣପୁରର ରିଙ୍ଗ ରୋଡ଼ ପ୍ରକଳ୍ପକୁ ପୂର୍ଣ୍ଣ କରିବା ପାଇଁ ପ୍ରସ୍ତାବ ରଖାଯାଇଥିଲା। ସେହିପରି ସୁବର୍ଣ୍ଣପୁରରେ ନୂତନ ମତ୍ସ୍ୟ ମହାବିଦ୍ୟାଳୟର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଏବଂ ସୁବର୍ଣ୍ଣପୁର-ସମ୍ବଲପୁର ଚାରି ଟିକିଆ ରାସ୍ତା ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲ୍ଲାରେ ଅନେକ ବିକାଶମୂଳକ ପ୍ରକଳ୍ପ ଚାଲିଛି। ସେଥିମଧ୍ୟରେ ୩୫୦୦ କୋଟି ଟଙ୍କାର ଇଣ୍ଟେରିମ ଷ୍ଟୋରେଜ ଷ୍ଟ୍ରକଚର, ୬୦୦ କୋଟି ଟଙ୍କାର ମେଗା ପାନୀୟ ଜଳ ପ୍ରକଳ୍ପ ଏବଂ ସୁରେଶ୍ୱରୀ ଓ ଚରଦା ମନ୍ଦିରର ଉନ୍ନତି ପ୍ରକଳ୍ପ ଅନ୍ତର୍ଭୁକ୍ତ। ଜିଲ୍ଲାର ଜନସାଧାରଣଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା କାର୍ଯ୍ୟକାରୀ ହେଉଛି। ୬୪ କୋଟି ଟଙ୍କାର ପାତାଳି ଶ୍ରୀକ୍ଷେତ୍ର ବିକାଶ ପ୍ରକଳ୍ପ ଏବଂ ୮୪ କୋଟି ଟଙ୍କାର ନୂଆ ବସ୍ଷ୍ଟାଣ୍ଡ ପ୍ରକଳ୍ପକୁ ମାନ୍ୟବର ବିଧାୟକ ପରିଦର୍ଶନ କରିଥିଲେ। ତାଙ୍କ ସହିତ ସଚେତନ ନାଗରିକ, ଛାତ୍ରଛାତ୍ରୀ ଏବଂ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସୋନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗର ୮ଟି ଷ୍ଟଲ ପ୍ରଦର୍ଶନ କରାଯାଇଥିଲା।

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ପୂଣ୍ୟତିଥି ପାଳିତ

ରାଇଘର, ନ୍ୟୁଜ୍ ବ୍ୟୁରୋ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରବି ସିଂ ମାଝୀ ଙ୍କ ପୁଣ୍ୟ ତିଥି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ନବରଙ୍ଗପୁର ଜିଲ୍ଲା ର ରାଇଘର ବ୍ଲକ ର ଚିତ୍ର କୋଟ ଠାରେ ସ୍ୱର୍ଗତ ରବି ସିଂ ଫୋଟ ଚିତ୍ର ରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିବା ଅମର ଆତ୍ମା ର ସଦଗତି କାମନା କରିଥିଲେ। ଏହା ସହ ଉମରକୋଟ ରେ ଥିବା ରବିସିଂ ମାଝୀ ଙ୍କ ଝରୀଗାଁ ରୋଡ଼ ସ୍ଥିତ ପ୍ରତିମୂର୍ତ୍ତି କୁ ସାଂସଦ ଶ୍ରୀ ବଳଭଦ୍ର ମାଝୀ ମାଲ୍ୟାର୍ପଣ ଦେବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ବରିଷ୍ଠ ବିଜେପି ନେତ୍ରୀ ପ୍ରୀତିସ୍ମିତା ମହାପାତ୍ରଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ।

କେନ୍ଦ୍ରାପଡାର ସମସ୍ତ ନିର୍ବାଚନ ମଣ୍ଡଳୀରେ ଡିଜିଟାଇଜେସନ୍ ସଫଳତାର ସହ ସମ୍ପୂର୍ଣ୍ଣ

କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ

ଜୁଲାଇ ୫ରେ ଖସଡା ମତଦାନ ତାଲିକା ପ୍ରକାଶ ପାଇଁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଗ୍ରହଣ କରାଯିବ। ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍.ଆଇ.ଆର୍) ୨୦୨୬ କେନ୍ଦ୍ରାପଡା ଜିଲ୍ଲା ଆଉଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଜିଲ୍ଲାର ସମସ୍ତ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ୧୪୪୯ ଟି ମତଦାନ କେନ୍ଦ୍ରରେ ମତଦାତାଙ୍କ ସୂଚନାର ଡିଜିଟାଇଜେସନ୍ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ୫ଟି ବିଧାନସଭା ମଧ୍ୟରୁ ୯୭- କେନ୍ଦ୍ରାପଡା (ଏସ୍.ସି) ବିଧାନସଭା ମଣ୍ଡଳୀ ଶତ ପ୍ରତିଶତ ଡିଜିଟାଇଜେସନ୍ କରି ଜିଲ୍ଲାପାଳଙ୍କ ଠାରୁ ପ୍ରଶଂସିତ ହୋଇଛି। ବୁଥ୍ ସ୍ତରୀୟ ଅଧିକାରୀ ବିଏଲ୍ଓ ମାନେ ଗତ ୩୦ ତାରିଖରୁ ଘରକୁ ଘର ବୁଲି ପରିଗଣନା ଫର୍ମ ବାଣ୍ଟିବା, ସଂଗ୍ରହ ସହିତ ମତଦାନ ସୂଚନା ସଂଗ୍ରହ କରିଥିଲେ। ସଂଗୃହୀତ ତଥ୍ୟର ସଠିକ୍ ଯାଂଚ୍ ଓ ଡିଜିଟାଇଜେସନ୍ ପରେ ଆସନ୍ତା ଜୁଲାଇ ୫ ତାରିଖରେ ଖସଡା ମତଦାନ ତାଲିକା ପ୍ରକାଶ ପାଇବ। ଏହାପରେ ଜୁଲାଇ ୫ରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ସାଧାରଣ ମତଦାତାମାନେ ନିଜର ଦାବି ଓ ଆପତ୍ତି ଦାଖଲ କରିପାରିବେ। ସମସ୍ତ ଦାବି ଓ ଆପତ୍ତିର ବିଚାର ପରେ ସେପ୍ଟେମ୍ବର ୬ ତାରିଖରେ ଚୂଡାନ୍ତ ମତଦାନ ତାଲିକା ପ୍ରକାଶ କରାଯିବ। ଡିଜିଟାଇଜେସନ୍ କାର୍ଯ୍ୟ ସହିତ ସମସ୍ତ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇ.ଆର୍.ଓ), ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ, ବୁଥ୍ସ୍ତରୀୟ ଅଧିକାରୀ, ବିଏଲ୍ଓ ଏବଂ ବୁଥ୍ ସ୍ତରୀୟ ଏଜେଣ୍ଟ ମାନଙ୍କ ସହ ସମନ୍ୱୟ ବୈଠକ ମଧ୍ୟ ସଫଳତାର ସହ ସଂପୂର୍ଣ୍ଣ ହୋଇଯାଇଛି। ଏହି ସଫଳତା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ସମସ୍ତ ରାଜନୈତିକ ଦଳ, ଜନସାଧାରଣ, ସମସ୍ତ ଇ.ଆର୍.ଓ, ଏ.ଇ.ଆର୍.ଓ, ବିଏଲ୍ଓ, ବିଏଲ୍ଏ ଏବଂ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସହ ଜଡିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ନିଷ୍ଠା ସମନ୍ୱୟ ଏବଂ ପରିଶ୍ରମକୁ ପ୍ରଶଂସା କରି ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଜିଲ୍ଲାପାଳ ସମସ୍ତ ଯୋଗ୍ୟ ମତଦାତାଙ୍କୁ ଖସଡା ମତଦାନ ତାଲିକା ପ୍ରକାଶ ପରେ ନିଜ ନାମ ଓ ବିବରଣୀ ଯାଂଚ କରି ଆବଶ୍ୟକସ୍ଥଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ଓ ଆପତ୍ତି ଦାଖଲ କରିବାକୁ ଅନୁରୋଧ କରିଛନ୍ତି।

ଆବର୍ଜନାରୁ ପ୍ରସ୍ତୁତ ହେବ 'ଅଙ୍ଗାର': ବାସୁଆଘାଇରେ ୪ ଏକର ଜମିରେ ବିଏମ୍ସି କରିବ ପ୍ଲାଣ୍ଟ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଦିନକୁ ଦିନ ଭୁବନେଶ୍ୱରର ଆବର୍ଜନା ଭାର ବଢ଼ିବାରେ ଲାଗିଛି। ଏବେ ବି ସଂପୂର୍ଣ୍ଣ ଆବର୍ଜନା ପ୍ରକ୍ରିୟାକରଣ ସମ୍ଭବ ହେଉ ନଥିବାରୁ ବିଏମ୍ସି ମାଗଣାରେ ସିମେଣ୍ଟ ଫ୍ୟାକ୍ଟ୍ରିକୁ ଆରଡିଏଫ୍ ଯୋଗାଉଛି। ଏହା ବ୍ୟୟସାପେକ୍ଷ ଥିବାରୁ ଏହି ଖର୍ଚ୍ଚ ଭାର କମାଇବାକୁ 'ଚାରକୋଲ୍' ପ୍ଲାଣ୍ଟ ବସାଇବାକୁ ନିଷ୍ପତ୍ତି ନେଇଛି ବିଏମ୍ସି। ପ୍ରକଳ୍ପ ପାଇଁ ବାସୁଆଘାଇଠାରେ ୪ ଏକର ଜମି ଚିହ୍ନଟ ହୋଇଛି ଓ ଏଥିପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଏହି ପ୍ଲାଣ୍ଟ ଜରିଆରେ ବିଏମ୍ସି ଅଞ୍ଚଳରୁ ନିର୍ଗତ ପ୍ରାୟ ୨୦୦ ଟନ୍ ଆବର୍ଜନାର ଦୈନିକ ପ୍ରକ୍ରିୟାକରଣ କରି ଦୈନିକ ୫୦ ଟନ୍ ଚାରକୋଲ୍ ବା ଅଙ୍ଗାର ପ୍ରସ୍ତୁତ କରାଯିବ। ଟେଣ୍ଡର ନେଉଥିବା ସଂସ୍ଥା ପ୍ଲାଣ୍ଟ ବସାଇବାଠାରୁ ଆରମ୍ଭ କରି ଅଙ୍ଗାର ପ୍ରସ୍ତୁତି, ସବୁକଥା ବୁଝିବ। ବଜାରରେ ବି ଏହାକୁ ବିକ୍ରି କରିବ। ବିଏମ୍ସି କେବଳ ଏହି ପ୍ଲାଣ୍ଟ ସ୍ଥାପନ ପାଇଁ ଜମି ଓ ଆବଶ୍ୟକ ଆବର୍ଜନା ଯୋଗାଇଦେବ। ଏ ବାବଦରେ ସଂପୃକ୍ତ

ଏଜେନ୍ସିଠାରୁ ବିଏମ୍ସି ରୟାଲିଟି ନେବ। ବାକି ପ୍ଲାଣ୍ଟ ପାଇଁ ପାଣି, ବିଜୁଳି, ରାସ୍ତାଘାଟ ଆଦିର ସୁବିଧା କରିବ।

ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ରାଜ୍ୟ ଓ ବିଏମ୍ସିର ସ୍ୱତନ୍ତ୍ର ଟିମ୍ଙ୍କୁ ନେଇ କିଛି ମାସ ତଳେ ବାରଣାସୀ ଯାଇଥିଲେ। ସେଠାରେ ଏହି 'ୱେଷ୍ଟ ଟୁ ଚାରକୋଲ୍' ପ୍ରକଳ୍ପ ଦେଖିବା ପରେ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହି ପ୍ରକଳ୍ପ ନେଇ ଜାଗା ଚିହ୍ନଟ ଓ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ବିଏମ୍ସି ଅଞ୍ଚଳରୁ ଏବେ ଦୈନିକ ୮୦୦ ମେଟ୍ରିକ ଆବର୍ଜନା ବାହାରୁଛି। ଯେଉଁଥିରୁ ୩୮୪ ଟନ୍ ଓଦା ଓ ୪୧୬ ଟନ୍ ଶୁଖିଲା ବର୍ଜ୍ୟ। ୨୦ରୁ ୮୦ ଟନ୍ ପର୍ଯ୍ୟନ୍ତ ସବୁଜ ଆବର୍ଜନା ବାହାରୁଛି। ୩୬ଟି ଏମ୍ସିସି ଜରିଆରେ ଦୈନିକ ୧୧୦ ଟନ୍ ଓଦା ବର୍ଜ୍ୟ ପ୍ରକ୍ରିୟାକରଣ ହେଉଛି। ସେହିଭଳି ୨୪ଟି ଏମ୍ଆରଏଫ୍ ଜରିଆରେ ଦୈନିକ ୨୭୦ ଟନ୍ ଶୁଖିଲା ବର୍ଜ୍ୟ ପ୍ରକ୍ରିୟାକରଣ ହେଉଛି। ୮୫ ପ୍ରତିଶତ ଶୁଖିଲା ଆବର୍ଜନା ଆରଡିଏଫ୍ ଆକାରରେ ସିମେଣ୍ଟ ଫ୍ୟାକ୍ଟ୍ରିକୁ ମାଗଣାରେ ଦିଆଯାଉଛି, ଯାହାର ପରିବହନ ଖର୍ଚ୍ଚ ବିଏମ୍ସି ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହି ଖର୍ଚ୍ଚ ଭାର କମାଇବାକୁ ନିକଟରେ ମେହରପଲ୍ଲୀଠାରେ ୩୦୦ ଟିପିଡି କମ୍ପ୍ରେସ୍ଡ ବାୟୋ ଗ୍ୟାସ ପ୍ଲାଣ୍ଟର ଭିତ୍ତିପ୍ରସ୍ତର ପଡ଼ିଛି। ୨୦୨୭ ମସିହା ଏପ୍ରିଲରୁ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ଓ ପ୍ରଥମ ପର୍ଯ୍ୟାୟରେ ଦୈନିକ ୨୦୦ ଟନ୍ ଆବର୍ଜନା ପ୍ରକ୍ରିୟାକରଣ କରାଯିବ। ବାକି ଆବର୍ଜନା ସୈନିକ ସ୍କୁଲ ଟିଟିଏସ୍ରେ ୱିଣ୍ଡ୍ରୋ କମ୍ପୋଷ୍ଟିଂ ଫ୍ୟାସିଲିଟି ଜରିଆରେ ପ୍ରକ୍ରିୟାକରଣ କରାଯାଉଛି। କିନ୍ତୁ ଟିଟିଏସ୍କୁ ଯାଉଥିବା ଆବର୍ଜନା ସହ ଅନ୍ୟାନ୍ୟ ସ୍ଥାନର ଆବର୍ଜନା ଏବେ ସିଧାସଳଖ ଏହି ଚାରକୋଲ୍ ପ୍ଲାଣ୍ଟ ଯିବ। ଯୋଜନା ଅନୁଯାୟୀ, ବିଏମ୍ସି ନିଜ ଅଞ୍ଚଳରୁ ନିର୍ଗତ ଓଦା, ଶୁଖିଲା, ମିଶା ଆବର୍ଜନା ସହ ସବୁଜ ଆବର୍ଜନାକୁ ମିଶାଇ ଦୈନିକ ୨୦୦ ଟନ୍ ଆବର୍ଜନା ଏହି ପ୍ଲାଣ୍ଟକୁ ଯୋଗାଇଦେବ। ଯାହାକୁ ବୈଷୟିକ ଉପାୟରେ ୩ଶହରୁ ୪ଶହ ଡିଗ୍ରି ତାପମାତ୍ରାରେ ଦହନ କରି ଟେଣ୍ଡର ନେଇଥିବା ଏଜେନ୍ସି ଅଙ୍ଗାର ପ୍ରସ୍ତୁତ କରିବ। ପ୍ରକଳ୍ପରୁ ଗ୍ୟାସ ଓ ବାୟୋ ଅଏଲ୍ ବାହାରିବ, ଯାହାକୁ କେମିକାଲ୍ ଓ ସାର ପ୍ରସ୍ତୁତି ସହ ସିନ୍ଥେଟିକ୍ ଫୁଏଲ୍ ଭାବେ ବ୍ୟବହାର କରାଯିବ। ଆବର୍ଜନା ଜଳିବା ବେଳେ ଧୂଆଁ ନିର୍ଗତ ନ ହେବା ପାଇଁ ଚିମିନି ବ୍ୟବସ୍ଥା କରାଯିବ। ଏହି ପ୍ଲାଣ୍ଟ ସ୍ଥାପନ ହେଲେ ବିଏମ୍ସି ଆବର୍ଜନା ମାଟିରେ ଜମି ପୋତିବା ଜଞ୍ଜାଳ, ଆରଡିଏଫ୍ ଭଳି ସମସ୍ୟାରୁ ମୁକ୍ତି ପାଇବ। ଟେଣ୍ଡର ଅନୁଯାୟୀ, ଯେଉଁ ଏଜେନ୍ସି ଟେଣ୍ଡର ନେବ, ସେ ପ୍ରକଳ୍ପ ଡିଜାଇନ୍, ନିର୍ମାଣ, ଆର୍ଥିକ ପରିଚାଳନା ଓ ରକ୍ଷଣାବେକ୍ଷଣ କଥା ବୁଝିବ। ଏଜେନ୍ସିକୁ ୧୫ ବର୍ଷ ପାଇଁ ପ୍ରକଳ୍ପ ପରିଚାଳନା ଦାୟିତ୍ୱ ଦିଆଯିବ।

ମିନିଟ୍ରକ ଧକ୍କାରେ ୪ ବର୍ଷର ଶିଶୁ ମୃତ

ଉମରକୋଟ, ନ୍ୟୁଜ ବ୍ୟୁରୋ

ନବରଙ୍ଗପୁର ଜିଲ୍ଲା ଉମରକୋଟରୁ ଆସିଛି ଏକ ଅତ୍ୟନ୍ତ ଦୁଃଖଦ ଏବଂ ହୃଦୟବିଦାରକ ଖବର। ୪ ବର୍ଷର ଏକ ଶିଶୁ ଉପରେ ଚଢ଼ିଗଲା ମିନିଟ୍ରକ। ଯାହା ଫଳରେ ଘଟଣା ସ୍ଥଳରେ ହିଁ ଶିଶୁର ମୃତ୍ୟୁ ଘଟିଛି। ଉମରକୋଟ ପୁରୁଣା ବସ ଷ୍ଟାଣ୍ଡ ନିକଟରେ ଘଟିଛି ଏହି ଦୁର୍ଘଟଣା। ସୂଚନା ଅନୁଯାୟୀ, ଝରିଗାଁ ବ୍ଲକ ଡ଼ଙ୍ଗରିଗୁଡ଼ା ପଂଚାୟତ କୋଇଗାଁ ଅଞ୍ଚଳର ଜଣେ ମା' ନିଜର ୩ ପିଲାଙ୍କ ସହ ଉମରକୋଟ ପୁରୁଣା ବସ ଷ୍ଟାଣ୍ଡ ନିକଟ ରାସ୍ତାରେ ଯାଉଥିଲେ। ଏହି ସମୟରେ ପଛ ପଟୁ ଆସୁଥିବା ଏକ ମିନି ଟ୍ରକ୍ ହଠାତ ୪ ବର୍ଷର ଶିଶୁଟି ଉପରେ ଚଢ଼ି ଯାଇଥିଲା। ଦୁର୍ଘଟଣା ଘଟିବା ସଙ୍ଗେ ସଙ୍ଗେ ସ୍ଥାନୀୟ ଜଣେ ଅଟୋ ଚାଳକ ଶିଶୁଟିକୁ ଗୁରୁତର ଅବସ୍ଥାରେ ଉମରକୋଟ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବର ପାଇ ଉମରକୋଟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ପୋଲିସ ଗାଡିଟିକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରୁଛି। ତେବେ ଦୁର୍ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଉମରକୋଟ ପୁରୁଣା ବସ ଷ୍ଟାଣ୍ଡ ନିକଟରେ ରାସ୍ତା ଅତ୍ୟନ୍ତ ଅଣଅସରିଆ ହୋଇ ରହିଛି। ଯାହା ଫଳରେ ଏଠାରେ ସବୁବେଳେ ଟ୍ରାଫିକ ସମସ୍ୟା ଉପୁଜୁଛି ଏବଂ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

ଜିଲ୍ଲାସ୍ତରୀୟ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଶୁଭାରମ୍ଭ

ଲୋକାଭିମୁଖୀ ଯୋଜନା ଏବଂ ଭିଜନ-୨୦୩୬ର ଭବିଷ୍ୟତ ବିକାଶ ରୂପରେଖ ସମ୍ପର୍କରେ ଆଲୋକପାତ

ବୌଦ୍ଧ, ନ୍ୟୁଜ ବ୍ୟୁରୋ

ଓଡ଼ିଶାର ବିକାଶ ଯାତ୍ରାର ଦୁଇବର୍ଷର ସଫଳତାକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିବାସହ ଭବିଷ୍ୟତର ରୂପରେଖ 'ଭିଜନ-୨୦୩୬' ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମର ପ୍ରଥମ ଦିବସ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ସଭାପତିତ୍ୱରେ ବୌଦ୍ଧ ଟାଉନହଲ୍ ଠାରେ ଉତ୍ସାହ ଓ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବିଧାୟକ କନ୍ଧମାଳ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ କହ୍ନାଇ ଚ଼ରଣ ଡାଙ୍ଗ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚ଼ନ୍ଦ୍ର ଦଣ୍ଡସେନା, ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇ, ବୌଦ୍ଧ ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ ପ୍ରମୁଖ ଯୋଗଦେଇଥିଲେ। ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ

ହୋଇଥିଲା। 'ବନ୍ଦେ ମାତରମ୍' ସଙ୍ଗୀତ ପରିବେଷଣ ପରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଦଣ୍ଡସେନା ସ୍ୱାଗତ ଭାଷଣ ପ୍ରଦାନ କରି ବିଗତ ଦୁଇ ବର୍ଷ ମଧ୍ୟରେ ଜିଲ୍ଲାରେ ବିଭିନ୍ନ ବିଭାଗ ଦ୍ୱାରା ସମ୍ପାଦିତ ବିକାଶମୂଳକ କାର୍ଯ୍ୟ, ଲୋକାଭିମୁଖୀ ଯୋଜନା ଏବଂ ଭିଜନ-୨୦୩୬ ଅନୁଯାୟୀ ବୌଦ୍ଧ ଜିଲ୍ଲାର ଭବିଷ୍ୟତ ବିକାଶ ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ଶ୍ରୀ ଡାଙ୍ଗ ରାଜ୍ୟ ସରକାରଙ୍କ ଗତ ଦୁଇ ବର୍ଷର ଶାସନ ଅବଧିରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ମହିଳା ସଶକ୍ତିକରଣ ଓ ସାମାଜିକ ସୁରକ୍ଷା କ୍ଷେତ୍ରରେ ଅନେକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି, ଯାହା ସାଧାରଣ ଲୋକଙ୍କ ଜୀବନଯାତ୍ରାରେ ସକାରାତ୍ମକ ପରିବର୍ତ୍ତନ ଆଣିଛି। ରାଜ୍ୟର ଭିଜନ-୨୦୩୬ ଏବଂ କେନ୍ଦ୍ରର ଭିଜନ-୨୦୪୭ ଅନୁଯାୟୀ ବୌଦ୍ଧ ଜିଲ୍ଲାର ସ୍ୱପ୍ନ ସାକାର କରିବା ପାଇଁ ସେ ଉପସ୍ଥିତ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆୟୋଜିତ ଆଲୋଚ଼ନା ଚ଼କ୍ରରେ ରାଜସ୍ୱ ବିଭାଗ ତରଫରୁ ଉପ ଜିଲ୍ଲାପାଳ ଏବଂ ଦକ୍ଷତା ବିକାଶ, ଶିକ୍ଷା, ବୈଷୟିକ ଶିକ୍ଷା, ଶିଳ୍ପ, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ ତଥା ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ମିଶନ ଶକ୍ତି, ସାମାଜିକ ସୁରକ୍ଷା ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ନିଜ ନିଜ ବିଭାଗର ସଫଳତା, ଉପଲବ୍ଧି ଓ ଆଗାମୀ କାର୍ଯ୍ୟଯୋଜନା ସମ୍ପର୍କରେ ତଥ୍ୟଭିତ୍ତିକ ଉପସ୍ଥାପନା ରଖିଥିଲେ। ଏହି ଅବସରରେ ଜିଲ୍ଲାପାଳ ସମସ୍ତଙ୍କୁ ସମ୍ବୋଧନ କରି ଜିଲ୍ଲାର ବିକାଶ ଧାରାକୁ ଆହୁରି ଗତିଶୀଳ କରିବା ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ଓ ଜନସହଭାଗିତା ଅତ୍ୟନ୍ତ ଆବଶ୍ୟକ ବୋଲି କହିଥିଲେ। ବିକାଶ କେବଳ ଭିତ୍ତିଭୂମି ନିର୍ମାଣରେ ସୀମିତ ନୁହେଁ, ବରଂ ଜନସାଧାରଣଙ୍କ ଜୀବନମାନର ଉନ୍ନତି, ସାମାଜିକ ନ୍ୟାୟ ଓ ସମାବେଶୀ ଅଗ୍ରଗତି ହିଁ ପ୍ରକୃତ ବିକାଶର ପରିମାପ। ସେ ଭିଜନ-୨୦୩୬ ଅନୁଯାୟୀ ବୌଦ୍ଧ ଜିଲ୍ଲାକୁ ଏକ ଆଦର୍ଶ ଓ ସମୃଦ୍ଧ ଜିଲ୍ଲାରେ ପରିଣତ କରିବା ଲକ୍ଷ୍ୟରେ ସମସ୍ତଙ୍କ ମିଳିତ ପ୍ରୟାସ ଆହ୍ୱାନ କରିଥିଲେ। ଜିଲ୍ଲାରେ ସ୍ପେଶାଲ ଇଣ୍ଟେନ୍ସିଭ ରିଭିଜନ (ଏସଆଇଆର) କାର୍ଯ୍ୟକ୍ରମରେ ଶତପ୍ରତିଶତ ସଂଶୋଧନ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ ହୋଇଥିବାରୁ ସମାରୋହରେ ୧୨ ଜଣ ଏଇଆରଓ, ୧୨ ଜଣ ବିଏଲ ସୁପରଭାଇଜର ଓ ୩୬ ଜଣ ବିଏଲଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ୨୧ ଜଣ ହିତାଧିକାରୀଙ୍କୁ ସଂଶୋଧିତ ପଟ୍ଟା ବଣ୍ଟନ କରାଯାଇଥିଲା। ଜିଲ୍ଲା ଦକ୍ଷତା ବିକାଶ ବିଭାଗ ତରଫରୁ ୪ ଜଣ କୃତୀ ଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ବିଭାଗର ତରଫରୁ ସଜ୍ଜିତ ହୋଇଥିବା ଉନ୍ନୟନ ପ୍ରଦର୍ଶନୀକୁ ବିଧାୟକ ଉଦ୍ଘାଟନ କରିବା ସହିତ ଅତିଥିମାନେ ବୁଲି ପରିଦର୍ଶନ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚ଼ନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ମଞ୍ଚ ପରିଚ଼ାଳନା କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବହୁ ସଂଖ୍ୟାରେ ଜନପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ, କର୍ମଚ଼ାରୀ, ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଏବଂ ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ଥିଲେ।

ବର୍ଷା ନାହିଁ, ଚିନ୍ତାରେ ଚାଷୀ

ଧର୍ମଶାଳା, ନ୍ୟୁଜ ବ୍ୟୁରୋ

ଜୁନ ଯାଇ ଜୁଲାଇ ମାସ ଆରମ୍ଭ ହେଲା। ବର୍ଷାର ଦେଖାନାହିଁ। ଧର୍ମଶାଳାବ୍ଲକ ଅଞ୍ଚଳରେ ଖରିଫ ଚାଷ ଆରମ୍ଭ ହୋଇପାରୁନାହିଁ। ଚାଷ ଜମି ସବୁ ପଡିଆହେବ। ମରୁଡି ଆଶଙ୍କାଦେଖା ଚାଷୀ ଛାନିଆ ହେଲେଣି। କେତେକ ପଞ୍ଚାୟତରେ ଚାଷୀଧାନ ତଳି ପକାଇଛନ୍ତି। ବ୍ଲକର ପଶ୍ଚିମ ଅଞ୍ଚଳରେ ଥିବା ରଖିଦେଇପୁର, ତାଳଜଙ୍ଗ, ରାଇଛନ୍ଦା, କବାଟ ବନ୍ଧ, ମର୍ଜ୍ଜିତାପୁର, ବୃନ୍ଦାଦେଇପୁର, ଜେନାପୁର, ଅଞ୍ଜିରା, ଚକ୍ରଧରପୁର, ମଧୁସୁଦନପୁର, ସାହାଣିଡିହ, କମାଗଡ଼ ପଞ୍ଚାୟତର ଚାଷୀମାନେ ମୁଖ୍ୟତଃ ବର୍ଷା ଉପରେ ନିର୍ଭରକରନ୍ତି। ରଜପୂର୍ବରୁ ଅଳ୍ପ ବର୍ଷାରେ ତଳିପକାଇବା ଓ ଧାନବୁଣା କାମ ଆରମ୍ଭ କରିଥିଲେ। ସେଠାରେ ଧାନତଳି ବିଲସବୁ ଫାଟିଲାଣି। କେନାଲ ଉପରେ ନିର୍ଭର କରିଥିବା ଅଞ୍ଚଳର ଚାଷୀଙ୍କ ଅବସ୍ଥା ମଧ୍ୟ ଏକା ପରି। ଅନିଶ୍ଚିନ୍ତତା ପାଣିପାଗ ଚାଷ କାମକୁ ପ୍ରଭାବିତ କରିଛି।ପ୍ରସାଶନ ଓ କୃଷି ବିଭାଗ ଏବେଠୁ ତତ୍ପର ହେବାକୁ ଦାବି ହେଉଛି।

କୂଳ ମୁହାଁ ସମୁଦ୍ର: ସଙ୍କୁଚିତ ହେଲାଣି ବେଳାଭୂମି

ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ

ଗଞ୍ଜାମ ଜିଲ୍ଲାର ରଷିକୂଲ୍ୟା ମୁହାଣ ପୁରୁଣାବନ୍ଧଠାରୁ ପ୍ରୟାଗି ପର୍ଯ୍ୟନ୍ତ ବେଳାଭୂମି ଦ୍ରୁତ ଗତିରେ ଅବକ୍ଷୟ ଘଟୁଥିବା ଲକ୍ଷ୍ୟ କରାଯାଉଛି। କିଛି ମାସ ହେଲା ସମୁଦ୍ର ଧୀରେ ଧୀରେ କୂଳ ଆଡ଼କୁ ମାଡ଼ି ଆସୁଛି। ବିଶେଷ କରି ଗୋଖରକୁଦାଠାରୁ ବଟେଶ୍ୱର ମନ୍ଦିର ବେଳାଭୂମି ପର୍ଯ୍ୟନ୍ତ ଅଧିକ ବେଳାଭୂମି କ୍ଷୟ ହେବାରେ ଲାଗିଛି। ଏଠାରେ ଥିବା ବିସ୍ତୀର୍ଣ୍ଣ ବେଳାଭୂମି ନଷ୍ଟ ହେବା ସହ ବଟେଶ୍ୱର ଠାରୁ ସମୁଦ୍ର କୂଳକୁ ସଂଯୋଗ ରାସ୍ତା ମଧ୍ୟ ଜୁଆର ମାଡ଼ରେ ଭାଙ୍ଗି ଗଲାଣି। ଏହି ସମସ୍ୟାକୁ ନେଇ ଅଚଂଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ମଧ୍ୟ ସୃଷ୍ଟି ହେବା ସହ ୭ ଗାଁବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସମୁଦ୍ର କୂଳ ଲଙ୍ଘିବା ସହ ବେଳାଭୂମି ସମ୍ପୂର୍ଣ୍ଣ ନଷ୍ଟ ହେବାରେ ଲାଗିଛି। ସମୁଦ୍ର ପାଣି ଧୀରେ ଧୀରେ ପାଳିବନ୍ଧ ପଂଚାୟତର ଗୋଖରକୁଦା, କଂଟିଆକୁଦା, ପୁରୁଣାବନ୍ଧ ଓ ପାଳିବନ୍ଧ ଗ୍ରାମର ଅତି ନିକଟରେ ପହଂଚି ଗଲାଣି। ବେଳାଭୂମି ଧୀରେ ଧୀରେ କ୍ଷୟ ହେବା ସହିତ ଝାଉଁ ଜଙ୍ଗଲ ମଧ୍ୟ ନଷ୍ଟ ହେବାରେ ଲାଗିଲାଣି। ଫଳରେ ବଟେଶ୍ୱର ପୀଠକୁ ଯାଉଥିବା ପର୍ଯ୍ୟଟକମାନେ ସମୁଦ୍ରକୂଳକୁ ଗଲେ ସେଠାରେ ବୁଲିବାକୁ ବିସ୍ତୀର୍ଣ୍ଣ ବେଳାଭୂମି ପାଉନାହାନ୍ତି। ଏହାକୁ ନେଇ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରୁଥିବା ବେଳେ ବୁଦ୍ଧିଜୀବୀ ଓ ପରିବେଶବିତ୍ ଚିନ୍ତା ପ୍ରକଟ କଲେଣି। ବର୍ତ୍ତମାନ ଯେଉଁଭଳି ଭାବେ ବେଳାଭୂମି ନଷ୍ଟ ହେବାରେ ଲାଗିଛି ତାହାର ଯଦି କିଛି ସ୍ଥାୟୀ ପ୍ରତିକାର ସରକାର କରାନଯାଏ, ତେବେ ସ୍ଥାନୀୟ ଅଚଂଳ ପ୍ରତି ଆସୁଥିବା ବିପଦକୁ ରୋକି ହେବନାହିଁ। ଏହି ସମସ୍ୟାର ପ୍ରତିକାର ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ପୂର୍ବରୁ ଗଞ୍ଜାମ ଜିଲ୍ଲାର ଆର୍ଯ୍ୟପଲ୍ଲୀ, ପୋଡ଼ମପେଟା ଅଚଂଳରେ ମଧ୍ୟ ସମୁଦ୍ର କୂଳ ଲଙ୍ଘୁଥିବାରୁ ସ୍ଥାନୀୟ ଗ୍ରାମବାସୀ ମଧ୍ୟ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୦୬-୦୭ ରେ ଏହିଭଳି ଉଚ୍ଚ ଲହଡ଼ି ଏବଂ ସମୁଦ୍ର କୂଳ ଲଙ୍ଘିବା ଫଳରେ ପୁରୁଣା ପୋଡ଼ମ୍ ?ପେଟା ଗ୍ରାମର ଅନେକ ଘର ଭାଙ୍ଗିଯିବା ସହ ଜାଲ, ଡଙ୍ଗା ମଧ୍ୟ ଭାସିଗଲା। ଏଭଳି ବାରମ୍ବାର ହେବା ଯୋଗୁଁ ୨୦୧୨ ରେ ସେଠାରୁ ପ୍ରାୟ ୧୪୨ ପରିବାରକୁ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କରାଯାଇଥିଲା। ବିସ୍ଥାପିତମାନେ ବର୍ତ୍ତମାନ ରାମଗଡ଼ ପଂଚାୟତ ଅଧୀନରେ ରହିଛନ୍ତି। ପରବର୍ତ୍ତୀ ସମୟରେ ବଳକା ପରିବାରଙ୍କୁ ଫାଇଲିନ୍ ବାତ୍ୟା ପରେ ଓଡ଼ିଆ ?ପି ଯୋଜନାରେ ମୟୂରପଦା ନିକଟ କାଜୁ ଜଙ୍ଗଲରେ ଥଇଥାନ କରାଯାଇଛି। ଫଳରେ ସେମାନେ ଏହି ସମସ୍ୟାରୁ ବର୍ତ୍ତି ଯାଇଥିଲେ। ଅନ୍ୟପଟେ ବେଳାଭୂମି ନଷ୍ଟ ହେବା ଯୋଗୁଁ ୨୦୨୧ ରେ ରଷିକୂଲ୍ୟା ମୁହାଣ ଅଚଂଳ ବେଳାଭୂମିରେ ବିରଳ ଅଲିଭ୍ ରିଡ଼ଲେ ସାମୁଦ୍ରିକ କଇଁଛଙ୍କ ଗଣ ଅଣ୍ଡା ଦାନ ପ୍ରକ୍ରିୟା ହୋଇପାରିନଥିଲା। ଚଳିତ ବର୍ଷ ଏହି ଗଣ ଅଣ୍ଡା ଦାନ ପ୍ରକ୍ରିୟା ଠିକ୍ ହୋଇଥିଲା। ତେବେ ବର୍ତ୍ତମାନ ଯେଉଁଭଳି ଭାବେ ବେଳାଭୂମି ଅବକ୍ଷୟ ହେଉଛି ତାହା ଜାରି ରହିଲେ ଗଣ ଅଣ୍ଡା ଦାନ ପ୍ରକ୍ରିୟା ବେଳେ ସମସ୍ୟା ଉପୁଜିପାରେ। ଏହି ସମସ୍ୟା ଲାଗି ରହିଲେ ଆଗାମୀ ଦିନରେ ସ୍ଥାନୀୟ ଅଚଂଳ ସମୁଦ୍ର ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ରହିଥିବା ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଆଦିତ୍ୟ ଆଲୁମିନିୟମ ପକ୍ଷରୁ ମହିଳାମାନଙ୍କ ପାଇଁ ଛତୁ ଚାଷର ପ୍ରଶିକ୍ଷଣ

ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ

ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ତାହାର ସହଯୋଗୀ ସ୍ୱେଚ୍ଛାସେବୀ ସଂସ୍ଥା କର୍ତ୍ତବ୍ୟ ସହ ମିଶି ଲପଙ୍ଗା ଠାରେ ଏକ ଛତୁ ଚାଷର କ୍ଷମତା ବିକାଶ ପ୍ରଶିକ୍ଷଣ ଓ ପ୍ରଦର୍ଶନ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରିଥିଲା। ଉକ୍ତ ତାଲିମ୍ ଶିବିରରେ ରାଜେନ୍ଦ୍ର ଭୋଇ,ଉଦ୍ୟାନ ପର୍ଯ୍ୟବେକ୍ଷକ, ଉପସ୍ଥିତ ମହିଳାମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ ଦେଇଥିଲେ। ଶିବିରରେ ସେ ଧିଙ୍ଗିରି ଏବଂ ପାଳ ଛତୁ ଚାଷ ସମ୍ବନ୍ଧୀୟ ଉତ୍ପାଦନ ପ୍ରଣାଳୀ, ପରିଚାଳନା ପଦ୍ଧତି ଏବଂ ଆୟବୃଦ୍ଧିର ସୁଯୋଗ ବିଷୟରେ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଏସଆର୍ ରବି ନିୱାସ, ଉପ ପ୍ରବନ୍ଧକ ମନୋରଞ୍ଜନ ବେହେରା ଉପସ୍ଥିତ ରହି ଅଂଶଗ୍ରହଣକାରୀମାନଙ୍କୁ ପ୍ରେରିତ କରିଥିଲେ। ପ୍ରାୟୋଗିକ ପ୍ରଦର୍ଶନ ମାଧ୍ୟମରେ ଅଂଶଗ୍ରହଣକାରୀମାନେ ଛତୁ ଚାଷର ପଦକ୍ଷେପ ଭିତ୍ତିକ ପ୍ରକ୍ରିୟାକୁ ଶିଖିବାର ସୁଯୋଗ ପାଇଥିଲେ, ଯାହା ପ୍ରଶିକ୍ଷଣକୁ ଅଧିକ ବ୍ୟବହାରିକ ଓ ଆକର୍ଷଣୀୟ କରିଥିଲା। ସେମାନଙ୍କର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଛତୁ ଚାଷକୁ ଏକ ସ୍ଥାୟୀ ଜୀବିକାର ମାଧ୍ୟମ ଭାବେ ଗ୍ରହଣ କରିବା ପ୍ରତି ସେମାନଙ୍କ ଆଗ୍ରହକୁ ପ୍ରତିଫଳିତ କରିଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବହୁତ ସକାରାତ୍ମକ ପ୍ରତିକ୍ରିୟା ମିଳିଥିଲା, ଯାହା ସାମୁହିକ ସଶକ୍ତିକରଣ ଏବଂ କୌଶଳ ବିକାଶ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହୋଇଛି।

ଆଜିର ଭଲମନ୍ଦ

ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର



ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

ତା୨୯।୦୬।୨୦୨୬, ଜ୍ୟେଷ୍ଠ ଦ୧୫ନ, ସୋମବାର

ସୂର୍ଯ୍ୟୋଦୟ- ଘ ୫।୧୧।୪୯ ଚନ୍ଦ୍ରୋଦୟ- ସଂଘ ୬।୧୫।୨୩

ପୂର୍ଣ୍ଣିମା ଅହୋରାତ୍ର, ମୂଳା ନକ୍ଷତ୍ର ରାଘ ୪।୦୫ ପର୍ଯ୍ୟନ୍ତ। **ଧନୁ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ, ମୀନ ରାଶିର। **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଆମିଷ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୮।୪୫ ଗତେ ଦିଘ ୧୦।୩୨ ମଧ୍ୟେ। **ପର୍ବୋତ୍ସବ-** ଶ୍ରୀମନ୍ଦିରରେ ସ୍ନାନଯାତ୍ରା, ଚନ୍ଦ୍ରପୂଜା, ଦେବସ୍ନାନ ପୂର୍ଣ୍ଣିମା, ଜ୍ୟେଷ୍ଠ ପୂର୍ଣ୍ଣିମା।

ମେଷ: ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ। ଶତ୍ରୁ ନାଶ ହେବେ। ବ୍ୟବସାୟରେ ଲାଭବାନ ହେବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ଘଟିବ। ପାରିବାରିକ ଜୀବନ ସୁଖମୟ ହେବ। ଦେହନ ଭଲ ରହିବ।



ବୃଷ: ପରିଶ୍ରମରେ ଆର୍ଥିକ ଅନାଟନ ଦେଖାଦେଇପାରେ। ବ୍ୟୟର ମାତ୍ରା ସାମାନ୍ୟ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ। ଯାନବାହା ଚାଳନାରେ ସତର୍କ ଅବଲମ୍ବନୀୟ।



ମିଥୁନ: ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ଶରୀର ଶୁସ୍ଥ ରହିବ। ଶୁଭ ଖବର ପାଇ ଆନନ୍ଦିତ ହେବେ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆୟ ଓ ବ୍ୟୟ ସମାନ ରହିବା ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ।



କର୍କଟ: ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମାଲିମୋକଦ୍ଦମାରେ ଶୁଣାଣୀ ସାପେକ୍ଷ ଜନିତ ହେବ।

ସିଂହ: ଶତ୍ରୁ ଉପରେ ବିଜୟ ହାସଲ କରିବେ। ଆର୍ଥିକ ସ୍ଥିତି ସୁଦୃଢ ହେବ। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ବନ୍ଧୁଙ୍କ ଠାରୁ ସହଯୋଗ ପାଇ ଉପକୃତ ହେବେ। ଶରୀର ସୁସ୍ଥ ରହିବ। ମନ ଭଲ ରହିବ।

କନ୍ୟା: ଯଶ ଖ୍ୟାତି ଲାଭ ହେବ। କର୍ମକ୍ଷେତ୍ରରେ ସଫଳତା ଦେଖାଦେବ। ରୋଜଗାର ମଧ୍ୟମ ଧରଣର ହେବ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ପରେ ଆନ୍ଦ ଦେଖାଦେବ।

ତୁଳା: ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନତା ଅବଲମ୍ବନୀୟ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଦେଖାଦେବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବା ଘରେ ଅଶାନ୍ତି।



ବିଛା: ବ୍ୟବସାୟରେ ଲାଭର ଆଶା କମ୍। ବ୍ୟୟର ମାତ୍ରା ବଢିବ। ବନ୍ଧୁଙ୍କ ସହ ମତଭେଦ ବୃଦ୍ଧି ହୋଇପାରେ। ଶତ୍ରୁଙ୍କ ଠାରୁ ସତର୍କ ରହିବେ। ମାଲିମକଦ୍ଦମାରେ ଶୁଣାଣି ବିଳମ୍ବ ହେବ।

ଧନୁ: ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇ ପାରନ୍ତି। କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ। ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ। ଘରେ ଖୁସି ଦେଖାଦେବ। ଶୁଭ ଖବର ମଧ୍ୟ ପାଇପାରନ୍ତି।

ମକର: କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ। ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ। ନୂତନ ଦ୍ରବ୍ୟମାନ କ୍ରୟ କରିପାରନ୍ତି। ରୋଜଗାର ଭଲ ହେବ। ଗୃହେ ଖୁସୀର ବାତାବରଣ ଖେଳିଯିବ।

କୁମ୍ଭ: ଶତ୍ରୁ ନାଶ ହେବେ। ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଦେବ ଦର୍ଶନ ସହ ସେବା ପୂଜା ମଧ୍ୟ କରିପାରନ୍ତି।

ମୀନ: ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ। ଶାରୀରିକ ଅସୁସ୍ଥତା ଦେଖାଦେବ। ଖର୍ଚ୍ଚର ମାତ୍ରା ଅଧିକ ହେବ। ଘରେ କଳହ ଦେଖାଦେବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖାଦେବ।

ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

ତା୩୦।୦୬।୨୦୨୬, ଜ୍ୟେଷ୍ଠଦି୧୬ନ, ମଙ୍ଗଳବାର

ସୂର୍ଯ୍ୟୋଦୟ- ଘ୫।୧୫।୦୭ ଚନ୍ଦ୍ରୋଦୟ-ସଂଘ୦୭।୧୭।୪୧

ମଳପୂର୍ଣ୍ଣିମା-ପ୍ରାଘ୫।୨୮ପର୍ଯ୍ୟନ୍ତ।ପୂର୍ବାଷାଢା**ନକ୍ଷତ୍ର** ଅହୋରାତ୍ର। ଧନୁଚନ୍ଦ୍ର- ଅହୋରାତ୍ର **ଚନ୍ଦ୍ରଶୁଦ୍ଧି-**ମେଷ,ମିଥୁନ,କର୍କଟ,ସିଂହ,ବିଛା,ଧନୁ,ମୀନ ରାଶିର **ଘାତ ଚନ୍ଦ୍ର-ତୁଳା ଓ କୁମ୍ଭ ରାଶୀର**। **ଶ୍ରାଦ୍ଧନିର୍ଣ୍ଣୟ-**ପ୍ରତିପଦାର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-**ଆମିଷ ପ୍ରାଘ୫।୨୮ଗତେ ପାଣିକଖାରୁ ଖାଇବା ମନା। **ଆଜିର ଶୁଭବେଳା-**ପ୍ରାଘ ୫।୫୫ ଗତେ ଦିଘ ୬।୫୫ମଧ୍ୟେ। ଦିଘ ୯।୫୦ ଗତେ ଦିଘ ୧୨।୫୮ ମଧ୍ୟେ।

ପ୍ରକାଶିତ

32 YEARS
ସମ୍ବାଦ କଳିକା

ଟ୍ରେଡ୍ ୱାର ପାଇଁ ଟ୍ରମ୍ପଙ୍କ ଚେତାବନୀ

ବିଶ୍ୱବ୍ୟାପୀ ଟ୍ରେଡ୍ ୱାରର ଚେତାବନୀ ଦେଲେ ଡୋନାଲ୍ଡ ଟ୍ରମ୍ପ, କହିଲେ '୧୦୦% ଟ୍ୟାରିଫ୍ ଲଗାଇବୁ, ସବୁ ବ୍ୟାପାର ଡିଲ୍ ହେବ କ୍ୟାନସେଲ୍'। ଡିଜିଟାଲ୍ ସର୍ଭିସ୍ ଟ୍ୟାକ୍ସ (DST)କୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ବିଶ୍ୱର ଅନେକ ଦେଶକୁ ସିଧାସଳଖ ଚେତାବନୀ ଦେଇଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ, ଯେଉଁ ଦେଶ ଆମେରିକୀୟ ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ଉପରେ ଏହି ଟ୍ୟାକ୍ସ ଲଗାଇବ, ତାକୁ ଆମେରିକାକୁ କରାଯାଉଥିବା ରପ୍ତାନି ଉପରେ ୧୦୦ ପ୍ରତିଶତ ଟ୍ୟାରିଫ୍ ର ସାମ୍ନା କରିବାକୁ ପଡ଼ିବ । ଏପରିକି ଏହି ଟ୍ୟାକ୍ସ ଯୋଗୁଁ ବର୍ତ୍ତମାନର ସମସ୍ତ ବାଣିଜ୍ୟିକ ଚୁକ୍ତି ମଧ୍ୟ ଶେଷ ହୋଇଯିବ ବୋଲି ଟ୍ରମ୍ପ କହିଛନ୍ତି । ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ଟ୍ରମ୍ପ କହିଛନ୍ତି, ଆମେରିକୀୟ କମ୍ପାନୀଗୁଡ଼ିକୁ ଟାର୍ଗେଟ୍ କରୁଥିବା ଦେଶଗୁଡ଼ିକୁ କଡ଼ା ଜବାବ ଦିଆଯିବ ଏବଂ ଆବଶ୍ୟକ ପଡ଼ିଲେ ଚାଲିଥିବା ସମସ୍ତ ବ୍ୟାପାର ଚୁକ୍ତିକୁ ରଦ୍ଦ କରାଯିବ । ସୂଚନାଯୋଗ୍ୟ ଯେ, ଡିଜିଟାଲ୍ ସର୍ଭିସେସ୍ ଟ୍ୟାକ୍ସ ହେଉଛି ସେହି ବଡ଼ ବଡ଼ ଡିଜିଟାଲ୍ କମ୍ପାନୀଗୁଡ଼ିକର ରୋଜଗାର ଉପରେ ଲାଗୁ ହେଉଥିବା ଟ୍ୟାକ୍ସ, ଯେଉଁମାନେ ଅନଲାଇନ୍ ବିଜ୍ଞାପନ, ଡିଜିଟାଲ୍ ମାର୍କେଟପ୍ଲେସ୍ ଏବଂ ୟୁଜର୍ସଙ୍କ ଡାଟା ବ୍ୟବହାର କରି କୋଟି କୋଟି ଟଙ୍କା କମାଉଛନ୍ତି । ଅନେକ ୟୁରୋପୀୟ ଦେଶ ଏହି ଟ୍ୟାକ୍ସ ଲାଗୁ କରିସାରିଛନ୍ତି କିମ୍ବା ଲାଗୁ କରିବାକୁ ପ୍ରସ୍ତାବ ରଖିଛନ୍ତି । ସେମାନଙ୍କର ଯୁକ୍ତି ହେଉଛି ଯେ, ବହୁରାଷ୍ଟ୍ରୀୟ ଟେକ୍ କମ୍ପାନୀଗୁଡ଼ିକ ଯେଉଁ ଦେଶରୁ ରୋଜଗାର କରୁଛନ୍ତି, ସେହି ଦେଶକୁ ହିଁ ଅଧିକ ଟ୍ୟାକ୍ସ ଦେବା ଉଚିତ୍ । ତେବେ ଆମେରିକା ଦୀର୍ଘ ସମୟ ଧରି ଏହାକୁ ବିରୋଧ କରିଆସୁଛି । ଆମେରିକାର ଅଭିଯୋଗ ଯେ, ଡିଜିଟାଲ୍ ସର୍ଭିସ୍ ଟ୍ୟାକ୍ସ ବାହାନାରେ ବିଶେଷ କରି ଗୁଗଲ୍, ଆପଲ୍, ମେଟା, ଆମାଜନ୍ ଏବଂ ମାଇକ୍ରୋସଫ୍ଟ ଭଳି ଆମେରିକୀୟ କମ୍ପାନୀଗୁଡ଼ିକୁ ଟାର୍ଗେଟ୍ କରାଯାଉଛି । ଚଳିତ ବର୍ଷ ଆରମ୍ଭରେ ଏକ ବଡ଼ ବାଣିଜ୍ୟିକ ଚୁକ୍ତି ଉପରେ ସହମତି ପ୍ରକାଶ ପାଇଥିଲେ ମଧ୍ୟ ୱାଶିଂଟନ ଏବଂ ୟୁରୋପୀୟ ଦେଶଗୁଡ଼ିକର ସରକାର ଏହି ଡିଜିଟାଲ୍ ଟ୍ୟାକ୍ସକୁ ନେଇ ଏକମତ ହୋଇପାରି ନାହାନ୍ତି। ଟ୍ରମ୍ପ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ଯେ, ଯିଏ ଏହି ନିୟମ ଭାଙ୍ଗିବ ସେ ବର୍ତ୍ତମାନର ହେଉ ବା ଭବିଷ୍ୟତର, ସବୁ ବାଣିଜ୍ୟ ଚୁକ୍ତି ହରାଇବ ଏବଂ ୧୦୦% ଟ୍ୟାରିଫ୍ ଗଣିବ । ଏହା ପ୍ରଥମ ଥର ନୁହେଁ, ଟ୍ରମ୍ପ ବାରମ୍ବାର ଏହି ଦେଶଗୁଡ଼ିକୁ ଧମକ ଦେଇ ଆସୁଛନ୍ତି। ଚଳିତ ବର୍ଷ ଆରମ୍ଭରେ ସେ ବ୍ରିଟେନକୁ ଚେତାବନୀ ଦେଇ କହିଥିଲେ ଯେ ଯଦି ସେମାନେ ଆମେରିକୀୟ କମ୍ପାନୀ ଉପରେ ୨ ପ୍ରତିଶତ ଡିଜିଟାଲ ଟ୍ୟାକ୍ସ ଲଗାନ୍ତି, ତେବେ ପରିଣାମ ଭୋଗିବାକୁ ପଡ଼ିବ । ସେହିପରି ଫ୍ରାନ୍ସ ଯଦି ନିଜର ଡିଜିଟାଲ୍ ଟ୍ୟାକ୍ସ ପ୍ରତ୍ୟାହାର ନକରେ, ତେବେ ଫ୍ରାନ୍ସରୁ ଆସୁଥିବା ଜିନିଷ ଉପରେ ୧୦୦ ପ୍ରତିଶତ ଟ୍ୟାରିଫ୍ ଲଗାଯିବ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି ।



ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ବ୍ୟକ୍ତି

ଶ୍ରଦ୍ଧେୟ ଭକ୍ତବୃନ୍ଦ ବ୍ୟକ୍ତି ଯେ ପର୍ଯ୍ୟନ୍ତ ବ୍ୟକ୍ତିତ୍ୱର ବିକାଶ ନ କରିଛି ସେ ପର୍ଯ୍ୟନ୍ତ ସେ ମାୟାର ବନ୍ଧନରେ ଥାଏ । କେବଳ ସେ ହିଁ ସେହି ହୋଇଥାଏ । ପଶୁ ପ୍ରକୃତିକୁ ଆଧାର କରି ଚାଲିଥାଏ । କାମ, କ୍ରୋଧ, ଲୋଭ, ମୋହରେ ଆବୃତ ହୋଇଥାଏ ।। ନିଜେ ଖାଇବ ନିଜେ ବଞ୍ଚିବ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ କୁ ଜାହିର କରୁଥାଏ ପ୍ରତିମୂହୂର୍ତ୍ତରେ ଏହା ହିଁ ତ ମାୟା, ମନୁଷ୍ୟ ଜନ୍ମର ସାର୍ଥକତାକୁ ସେ ଭୂଲିଯାଇଥାଏ । ପରଶ୍ରୀକାତରତାର ନିଶାରେ ସେ ମୋହାନ୍ଧ ହୋଇ ସଂସାର ଓ ସମାଜର ବୋଝ ହୋଇଥାଏ । ତେଣୁ ଏ ବୋଝ ତାକୁ ଏତେ ଭାରି ପଡେ ଯେ ପରିଶେଷରେ ତାର ନିଜର ଲୋକ ମାନେହିଁ ତାକୁ ଘୃଣା କରୁଥାଆନ୍ତି । କିନ୍ତୁ ସେ ଭାବେ ମୁଁ ଯାହା କରୁଛି ଠିକ୍ କରୁଛି । ଯାହା କରିଛି ସେବି ଠିକ୍ । କିନ୍ତୁ ପରିଶେଷରେ ମନୁଷ୍ୟ ହିତା ହିତ ଜ୍ଞାନ ଭୂଲି ନର୍କଗାମୀ ହୋଇଥାଏ । ତେଣୁ ହେ ସୁଧିଜନ ବେଳହୁଁ ଗୋବିନ୍ଦ ସୁମର । ଆମେ ଯାହା କରୁଛୁ ତାହା ଠିକ୍ ବୋଲି ଆମେ କହିଲେ ହେବନାହିଁ । କାରଣ ମନୁଷ୍ୟର ଦର୍ପଣ ହେଉଛି ସମାଜ,ତୁମର କର୍ମକୁ ସମାଜ ଦେଖିଛି କାରଣ ବହୁ ଲୋକଙ୍କ ହୃଦୟରେ ଯେଉଁ ଭାବ ଜାଗ୍ରତ ହୁଏ ତାହାହିଁ ଈଶ୍ୱର ବାଣୀ । ଆମେ କହିଲେ କେମିତି ହେବ । ତେଣୁ ହେ ସୁଧିଜନ ସବୁ ମୂହୂର୍ତ୍ତରେ ବ୍ୟକ୍ତିଗତ ମନଭାବ ଭୂଲି ସମାଜର ଅଗ୍ରଗତି ଦିଗରେ ସଚେତନ ହେଲେ ଈଶ୍ୱର ନିଶ୍ଚୟ ତୁମକୁ ଆର୍ଶୀବାଦ କରିବେ । ହରିଓଁ । ◆◆

ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ହାତୀ ବେଶରେ କଳା ସାଆନ୍ତ

ନୀଳାଦ୍ରି ବିହାରୀ ଶ୍ରୀଜଗନ୍ନାଥ। ଅସୀମ ତାଙ୍କର ଲୀଳା, ଅକଳନ୍ତି ତାଙ୍କର ବିଭୂତି। କଳିରେ ସେ ଦାରୁ ଦେବତା, ଦାରୁବ୍ରହ୍ମ। ସେ ନିର୍ଗୁଣ, ପରମାତ୍ମା, ପରଂବ୍ରହ୍ମ। ସୂକ୍ଷ୍ମ, ସ୍ଥୂଳ, ଆଦି ଅନାଦି, ଅସୀମ, ସସୀମ - ଏ ପରି ତାଙ୍କୁ ନାନା ରୂପେ ପରିକଳ୍ପନା କରାଯାଏ। ଉପନିଷଦ ବର୍ଣ୍ଣିତ ପୂର୍ଣ୍ଣ ବ୍ରହ୍ମ ହିଁ ଶ୍ରୀଜଗନ୍ନାଥ। ଏଣୁ ଯଥାର୍ଥରେ ସେ, "ପୂର୍ଣ୍ଣମଦ ପୂର୍ଣ୍ଣମିଦଂ, ପୂର୍ଣ୍ଣାତ୍ ପୂର୍ଣ୍ଣ ମୁଦଚ୍ୟତେ / ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବା ବଶିଷ୍ୟତେ।" ନୀଳାଚଳ ନାଥ, କାଳିଆ ସାଆନ୍ତ। ସେ ରୂପ ଅରୂପର ଆଧାର। ବାରମାସରେ ତାଙ୍କର ତେରଯାତ୍ରା।। ଭକ୍ତମାନଙ୍କୁ ନାନାଦି ବେଶରେ ଦର୍ଶନ ଦିଅନ୍ତି । ଭକ୍ତ ମନୋବାଞ୍ଛା ପୂରଣ କରନ୍ତି। ଶ୍ରୀକ୍ଷେତ୍ରରେ ପାଳିତ ବିଭିନ୍ନ ଯାନି ଯାତ୍ରା। ତନ୍ମଧ୍ୟରେ ୧୨ଟି ଯାତ୍ରା ସୁପ୍ରସିଦ୍ଧ। ଯଥା: "ମଞ୍ଚ ସ୍ନାନଂ ରଥ ବର ଗତିଃ ଶାୟନଂ ଋୟନେ ଦ୍ୱେ / ପାର୍ଶ୍ୱ ବୃତ୍ତିଃ ଶୟନ ନିବୃତ୍ତିଃ ପାବୃତ୍ତୈଃ ପୁଷ୍ୟପୂଜା / ଦୋଳଯାତ୍ରା ଦମନକଃ ମହୋତାନା ପୂଜା ତୃତୀୟା/ ଚୈକଂ ଯାତ୍ରା ବିଧି ନିଗଦିତା ଦ୍ୱାଦଶୈତା ନରେନ୍ଦ୍ର" (ସ୍ନାନଯାତ୍ରା, ରଥଯାତ୍ରା, ଶୟନ, ଦକ୍ଷିଣାୟନ, ପାର୍ଶ୍ୱ ପରିବର୍ତ୍ତନ, ଉତ୍‌ଥାପନ, ପ୍ରାବରଣ ଷଷ୍ଠୀ, ପୁଷ୍ୟପୂଜା, ଉତ୍ତରାୟଣ, ଦୋଳ, ଦମନକ ଚତୁର୍ଦ୍ଦଶୀ, ଅକ୍ଷୟ ତୃତୀୟା - ଏସବୁ ଦ୍ୱାଦଶ ଯାତ୍ରା)। ଏଥିମଧ୍ୟରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କର ସ୍ନାନଯାତ୍ରା ଖୁବ୍ ମହତ୍ତ୍ୱପୂର୍ଣ୍ଣ। ପତିତପାବନଙ୍କ ରଥଯାତ୍ରାର ଏଇଟି ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଜ୍ୟେଷ୍ଠ ପୂର୍ଣ୍ଣିମା, ଫିସନ ଦିଅଁମାନଙ୍କ ସ୍ନାନୋତ୍ସବ ଅନୁଷ୍ଠିତ ହୁଏ। ତା'ପରେ ଶ୍ରୀଜଗନ୍ନାଥ, ବଳଭଦ୍ରଙ୍କୁ ଗଜବେଶ ଲାଗି କରାଯାଏ। ସାନଭାଇ ଜଗନ୍ନାଥ, ବଡ଼ଭାଇ ବଳଦେବ, ଯଥାକ୍ରମେ କଳା, ଧଳା ହାତୀ ବେଶ, ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ସ୍ମାର୍ତ୍ତମତେ ଶ୍ରୀଜଗନ୍ନାଥଙ୍କ ଗଣପତି ବେଶ। ତାହା ଗାଣାପତ୍ୟମାନଙ୍କର ଉତ୍ସବ। ଏଥିରେ ଗାଣପତ୍ୟମାନେ ଶ୍ରୀଜୀଉଙ୍କୁ ଗଣପତି ଭାବେ ପୂଜାରାଧନା କରିଥାନ୍ତି। ଅତୀତରେ ଶ୍ରୀଜଗନ୍ନାଥ ଧାମକୁ ବହୁ ଧର୍ମାବଲମ୍ବୀମାନେ ଆସିଛନ୍ତି। ସ୍ୱ ସ୍ୱ ଧର୍ମ ଦର୍ଶନ ପ୍ରଚାରପ୍ରସାର ସେମାନଙ୍କ ଅଭିଳାଷ; ମାତ୍ର ନିଜ ଧର୍ମୀୟ ଚିନ୍ତାଧାରା, ତା' ମଧ୍ୟରେ ଜଗନ୍ନାଥଙ୍କୁ ପାଇ ବିହ୍ୱଳ ହୋଇ ଯାଇଛନ୍ତି। ବୌଦ୍ଧ, ଜୈନ, ଶାକ୍ତ, ବୈଷ୍ଣବ, ଶିଖ, ମୁସଲମାନ - ଏମିତି ସବୁ ଧର୍ମ ଦର୍ଶନର ସମନ୍ୱୟ, ତାହା ଜଗନ୍ନାଥ ଧର୍ମ। ଶ୍ରୀଜଗନ୍ନାଥ ହିଁ ସର୍ବଧର୍ମର ପ୍ରତୀକ। ସ୍ନାନ ପୂର୍ଣ୍ଣିମାରେ ତାଙ୍କର ଗଜାନନ/ ଗଣପତି ବେଶ। ଏହାର ଏକ ବଳିଷ୍ଠ ନମୁନା। ଜ୍ୟେଷ୍ଠ ପୂର୍ଣ୍ଣିମା ମଧ୍ୟ ଦେବସ୍ନାନ ପୂର୍ଣ୍ଣିମା ଭାବେ ସର୍ବଜନ ବିଦିତ।

ଶ୍ରୀଜଗନ୍ନାଥ ରାଜରାଜେଶ୍ୱର, ବିଶ୍ୱ ବ୍ରହ୍ମାଣ୍ଡର ସମ୍ରାଟ। ତାଙ୍କ ନୀତିକାନ୍ତି, ବେଶଭୂଷା ସାଧାରଣ ଓଡ଼ିଆଟିଏ ପରି। କେବେ ରାଜାଧିରାଜ ବେଶ। ମହଣ ମହଣ ସୁନାର ଆଭୂଷଣ ଆଉ କେବେ ସାଧାରଣ ଓଡ଼ିଆର ବେଶଭୂଷା। ଓଡ଼ିଆ ଜାତିର ସେ ମାନ, ସମ୍ମାନ, ଗୌରବ, ଧର୍ମ, ଦର୍ଶନ, ଐତିହ୍ୟ, ସଂସ୍କୃତି, ବିଭବ - ସବୁର ପ୍ରତୀକ। ପତିତଜନ ଉଦ୍ଧାରଣ ପାଇଁ ତାଙ୍କର ବିଭିନ୍ନ ଲୀଳା। ସେ ପୁଣି ଭାବଗ୍ରାହୀ, ଅନ୍ତର୍ଯ୍ୟାମୀ। ବୁଝନ୍ତି ଭକ୍ତ ଜନ ମନ କଥା। ତାଙ୍କ କାମକୁମ୍ଭ ପରିପୂର୍ଣ୍ଣ କରନ୍ତି। ଯେ ଯେମିତି ଭଜେ, ସେମିତି ତାଙ୍କୁ ପାଏ। ପଞ୍ଚଦଶ ଶତାବ୍ଦୀର କଥା। ମହାରାଷ୍ଟ୍ରର ଗାଣପତ୍ୟ ସମ୍ପ୍ରଦାୟର ଶ୍ରୀଗଣପତି ଭଟ୍ଟ। ଜନୈକ ବିଶିଷ୍ଟ ପଣ୍ଡିତ, ପୁରୀ ଆସିଲେ। ଚତୁର୍ଦ୍ଧା ମୂର୍ତ୍ତିକୁ ସ୍ନାନବେଦୀରେ ଦର୍ଶନ କଲେ ଜ୍ୟେଷ୍ଠ ପୂର୍ଣ୍ଣିମାରେ। ତାଙ୍କର ଆତ୍ମସନ୍ତୋଷ ନୋହିଲା। ସେ ଥିଲେ ଗଣେଶଙ୍କ ବଡ଼ଭକ୍ତ। ନିରାଶ ହୋଇ ଫେରି ଯାଉଥିଲେ। ମୁକ୍ତେଶ୍ୱର ଠାରେ ଶୂନ୍ୟବାଣୀ ହେଲା। ଭଟ୍ଟ ମହାଶୟ ପୁନଃ ପ୍ରତ୍ୟାବର୍ତ୍ତନ କଲେ। ନିଜ ଚକ୍ଷୁକୁ ବିଶ୍ୱାସ କରିପାରିଲେନି। ଶ୍ରୀଜଗନ୍ନାଥ କଳା ଗଣେଶ, ବଳଭଦ୍ର ଧବଳ ଗଜାନନ ରୂପରେ ବିରାଜିତ। ଭକ୍ତି ଗଦ୍‌ଗଦ୍ ଚିତ୍ତ। ଗଣପତି ଭଟ୍ଟଙ୍କ ପ୍ରଭୁଙ୍କ ଚରଣାବିନ୍ଦରେ ଶରଣ ଗଲେ। ସେଇ ଦିନୁ ସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ଗଜାନନ ବେଶ - ଏଇଟି କିମ୍ବଦନ୍ତୀର କଥା। ଓଡ଼ିଶାର ଗଙ୍ଗବଂଶୀ ଶେଷ ରାଜା ଭାନୁଦେବ (ଖ୍ରୀ.ଅ. ୧୪୧୮-୩୫)। ତାଙ୍କ ରାଜତ୍ୱର ୪ର୍ଥ ଅଙ୍କ। ରାଜା ଭାନୁଦେବ ଶ୍ରୀଜଗନ୍ନାଥଙ୍କ ଏହି ବେଶ ଆରମ୍ଭ କରିଥିବା କଥିତ ଅଛି। ସେଇ ପରମ୍ପରାଟି ଏଯାବତ୍ ଅତୁଟ ରହିଛି।

ଗଣପତି ଭଟ୍ଟ, ତାଙ୍କ ସମ୍ବନ୍ଧରେ ଚମତ୍କାର ବର୍ଣ୍ଣନା 'ଦାର୍ଢ୍ୟତା ଭକ୍ତି' ରସାମୃତରେ। ରଚୟିତା ଭକ୍ତକବି ରାମ ଦାସ। କର୍ଣ୍ଣାଟ ନାମେ ଦେଶ। ସେଠାରେ ଗଣପତିଙ୍କ ନିବାସ। ପଣ୍ଡିତପଣେ ତାଙ୍କ ସରି,ଆନ ନୁହନ୍ତି ତାଙ୍କ ପରି। ବହୁ ଶାସ୍ତ୍ର ପାଠ କଲେ, ବେଦ ବେଦାନ୍ତ ପଢ଼ିଲେ / ଶେଷ ସିଦ୍ଧାନ୍ତ ତାଙ୍କର - "ଏମେନ୍ତ ତାର ମନ ଜାଣି / ଅନ୍ୟ ଦେବତାଙ୍କୁ ସେ ନଗଣି / କେବଳ ଜଗନ୍ନାଥ ବ୍ରହ୍ମ / ସଂସାର ଶୁଭାଶୁଭ କର୍ମ।" ସେଇ ଦାରୁବ୍ରହ୍ମ ମୋକ୍ଷଦାତା। ଏଇ ବିଶ୍ୱାସ ଭଟ୍ଟଙ୍କର। ଶ୍ରୀକ୍ଷେତ୍ର ଆସିଲେ। ପହଞ୍ଚିଲେ ଅଠର ନଳା ପାଖରେ। ବହୁ ଭକ୍ତଙ୍କ ସହ କଥୋପକଥନ। ମନରେ ସଂଶୟ। ବ୍ରହ୍ମଦର୍ଶନ କଲେ ପରମାତ୍ମା ସହ ଆତ୍ମାର ବିଲୀନ; ମାତ୍ର ବ୍ରହ୍ମଦର୍ଶନ କରି ଏମାନେ ଫେରୁଛନ୍ତି କିପରି ? ଏକଥା ମନରେ ପାଞ୍ଚିଲେ। ଫେରିଯିବାକୁ ତାଙ୍କର ସିଦ୍ଧାନ୍ତ। ପ୍ରଭୁ ଜାଣିଲେ ଭକ୍ତ ମନ କଥା। ବିପ୍ରବେଶରେ ଦେଖାଦେଲେ, ଗଣପତିଙ୍କ ସନ୍ଦେହ ଦୂରୀଭୂତ। ଜାଣିଲେ - "ତାହାଙ୍କୁ ଯଦ୍ୟପି ରଖିଲେ / କି ବାଞ୍ଛାନିଧି ବୋଲାଇଲେ। ଏଣୁ ଯେ ଯାହା ଚିନ୍ତୁଥାଇ / ତାହାକୁ ସେ ଫଳ ମିଳଇ।" ଭଟ୍ଟ ଚାଲିଲେ ଶ୍ରୀମନ୍ଦିର। ସେ ଦିନ ସ୍ନାନ ପୂର୍ଣ୍ଣିମା। ଭଟ୍ଟ "ଦେଖିଲେ ଦାରୁ ବ୍ରହ୍ମ ମୂର୍ତ୍ତି / ମଣ୍ଡପେ ବିଜେ କରିଛନ୍ତି।" କିନ୍ତୁ କାହିଁ ତାଙ୍କର ଇଷ୍ଟଦେବ ଗଣେଶ ? ଫେରିଗଲେ। ପୁନଶ୍ଚ ପ୍ରଭୁଙ୍କର ମାୟା। ମୁଦିରଥ ଡକାଇ ଆଣିଲେ। ଭଟ୍ଟ, "ସାତ୍ତ୍ୱିକମୟ ଦିବ୍ୟଜ୍ଞାନ / ଚାହିଁଲା ନିଶ୍ଚଳ ନୟନେ / ଦେଖିଲା ପ୍ରଭୁ ଭଗବାନ / ହୋଇ ଅଛନ୍ତି ଗଜାନନ।" ବିହ୍ୱଳ ଗଣପତି ଭଟ୍ଟ, ପ୍ରଭୁଙ୍କ ଛାମୁରେ ତାଙ୍କର ପ୍ରାର୍ଥନା - "ଆଜ ଏ ଦେବସ୍ନାନ ଯାତ / ଯେବେ ହୋଇବ ଜଗନ୍ନାଥ / କେବଳ ହସ୍ତୀବେଶ ହୋଇ / ବିଜେ କରିବ ଭାବଗ୍ରାହୀ।" ଭକ୍ତର କାମନା ପୂର୍ଣ୍ଣ ହେଲା। ସେଇଦିନୁ ସ୍ନାନ ପୂର୍ଣ୍ଣିମାରେ କାଳିଆ ରାଜାଙ୍କର ହାତୀବେଶ। ଏଇଟି ପୁରାଣ କଥା।

ବଡ଼ ମନୁଆ ସେ କାଳିଆରାଜା। ବର୍ଷସାରା ଗମ୍ଭୀରାରେ, ରତ୍ନବେଦୀରେ। ବିଳାସ ବ୍ୟସନ ପ୍ରାଚୁର୍ଯ୍ୟ ସବୁ ତୁଚ୍ଛ। ବାହାରନ୍ତି ଜ୍ୟେଷ୍ଠ ପୂର୍ଣ୍ଣିମାରେ। ପତିତ ଜନଙ୍କ ଉଦ୍ଧାର ପାଇଁ ଓହ୍ଲାଇ ଆସନ୍ତି ରତ୍ନବେଦୀରୁ। ବିଜେ ଆନନ୍ଦ ବଜାରସ୍ଥ ସ୍ନାନ ମଣ୍ଡପରେ। ପ୍ରଚଣ୍ଡ ନିଦାଘ। ଦିଅଁମାନେ ମନଭରି ସ୍ନାନ କରନ୍ତି ଜ୍ୟେଷ୍ଠ ପୂର୍ଣ୍ଣିମାରେ। ତା' ପରେ କମ୍ପ ଜ୍ୱରରେ ପୀଡ଼ିତ। ଚିକିତ୍ସିତ ହୁଅନ୍ତି ଅଣସର ପିଣ୍ଡିରେ। ଏହା ଶ୍ରୀଜୀଉଙ୍କ ଅଣସର ବାସ। ଉପଚାର ପରେ ସମ୍ପୂର୍ଣ୍ଣ ସୁସ୍ଥ। ଆସେ ଆଷାଢ଼ ଶୁକ୍ଳ ଦ୍ୱିତୀୟା। ରଥାରୂଢ଼ ହୁଅନ୍ତି ଠାକୁରମାନେ, ସାଥିରେ ଚକ୍ରରାଜ ସୁଦର୍ଶନ। ଆରମ୍ଭହୁଏ ଜଗାର ଘୋଷଯାତ୍ରା। ସ୍ନାନପୂର୍ଣ୍ଣିମାରୁ ହିଁ ଏହାର ଅୟମାରମ୍ଭ।

ସ୍ନାନପୂର୍ଣ୍ଣିମାର ପୂର୍ବରାତି ଅର୍ଥାତ୍ ଜ୍ୟେଷ୍ଠଶୁକ୍ଳ ତ୍ରୟୋଦଶୀ। ଆରମ୍ଭ ହୁଏ ଦଇତା ସେବକମାନଙ୍କର ଗୋଷ୍ଠୀଗତ ସେବା। ଗଲେ ଦୀର୍ଘ ଏକମାସ ଧରି; ଶ୍ରୀଜୀଉମାନଙ୍କର ନୀଳାଦ୍ରିବିଜେ ପର୍ଯ୍ୟନ୍ତ। ସ୍ନାନପୂର୍ଣ୍ଣିମାରେ ସ୍ୱୟଂ ଚତୁର୍ଦ୍ଧା। ମୂର୍ତ୍ତି ବିଜେ କରନ୍ତି ସ୍ନାନବେଦୀରେ। କିନ୍ତୁ ଅନ୍ୟ କେତେକ ନୀତିରେ ଦିଅଁଙ୍କର ବିଜେପ୍ରତିମା, ଏପରିକି ସୁଦର୍ଶନ ବିଜେ କରିବା ବିଧି ରହିଛି। ଜ୍ୟେଷ୍ଠ ଚତୁର୍ଦ୍ଦଶୀ ପ୍ରାତଃରୁ ଦିଅଁମାନଙ୍କର ନୀତି ଶେଷହୁଏ। ପୂଜାପଣ୍ଡା, ମୁଦିରଷ୍ଟ, ପତିମହାପାତ୍ରଙ୍କ ତିନିବାଡ଼ରେ ମଙ୍ଗଳାର୍ପଣ। ତା' ପରେ ଦିଅଁମାନଙ୍କର ଡୋର ଲାଗି। ଘଣ୍ଟଘଣ୍ଟା କାହାଳୀର ଗହଗହ ନାଦ, ଆଲଟ ଝମର ବ୍ୟଜନ, ଛତ୍ରଧାରୀଙ୍କ ଛତ୍ରଧାରଣ, ଏକ ଭାବବିହ୍ୱଳ ଭାକ୍ତିକ ପରିବେଶ। ଦିଅଁମାନଙ୍କର ପହଣ୍ଡି ବିଜେ। ପ୍ରଥମେ ସୁଦର୍ଶନ, ପରେ ପରେ ବଳଭଦ୍ର, ସୁଭଦ୍ରା, ଶ୍ରୀଜଗନ୍ନାଥଙ୍କର ପହଣ୍ଡି। ଚତୁର୍ଦ୍ଧା ମୂର୍ତ୍ତିଙ୍କ ଏହି ପହଣ୍ଡି ବିଜେକୁ ଧାଡ଼ି ପହଣ୍ଡି କୁହାଯାଏ। ତା' ପରେ ମଦନମୋହନଙ୍କ ବିଜେ ହୁଅନ୍ତି ମହାଜନ ସେବକମାନଙ୍କ ଦ୍ୱାରା। ତାହା ପହଣ୍ଡି ବିଜେ ପର୍ଯ୍ୟାୟଭୁକ୍ତ ନୁହେଁ। ସାତପାହାଚ ଠାରୁ ଠାକୁରମାନଙ୍କୁ ଟାହିଆ ସହ ଚୂଳ ଲାଗି କରାଯାଏ। ଜଗା ହଲି ହଲି ଦୋହଲି ଦୋହଲି, କେତେ ବାଗରେ, କେତେ ଢଙ୍ଗରେ ଝଲେ ମଠେଇ ମଠେଇ। ଭକ୍ତଜନ ମୋହିନିଏ। ହଲୁଥାଏ ଟାହିଆ, ଅପୂର୍ବ ସେ ଦୃଶ୍ୟ ! ସୁନା ଗୋସେଇଁ, ମୁଦିରଷ୍ଟ, ସେବକ। ଏମାନେ ସୁନାକୂଅ (ଶୀତଳାଙ୍କ କୂଅ)ରୁ ୧୦୮ ଗରାଜଳ ଆଣି ଅଧିବାସ ଗୃହରେ ରଖିଥାନ୍ତି। ଏଥିରେ କର୍ପୂର, ଚନ୍ଦନ, କେଶର ମିଶାଯାଏ। କୁମ୍ଭଗୁଡ଼ିକ ଉପରେ ନାରୀକେଳ, ଖଣ୍ଡେ ଖଣ୍ଡେ ବରିଆ। ଜଳାଧିବାସ ସମ୍ପନ୍ନ ହୁଏ। ସ୍ନାବଦୋରେ ଶ୍ରୀଜୀଉଙ୍କ ପୂଜାବିଧି ସମାପ୍ତ। ଆରମ୍ଭ ହୁଏ ଦିଅଁଙ୍କର ସ୍ନାନପର୍ବ। ୧୦୮ କୁମ୍ଭ ଜଳ। ଏଥିରୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ସୁଦର୍ଶନଙ୍କୁ ଯଥାକ୍ରମେ ୩୫, ୩୩, ୨୨, ୧୮ କୁମ୍ଭ ଜଳରେ ସ୍ନାନ କରାଯାଏ। ଜ୍ୟେଷ୍ଠ ତ୍ରୟୋଦଶୀ ତିଥିରେ ସକଳ ତୀର୍ଥରାଜ ବିଜେ କରିଥାନ୍ତି ସୁନାକୂଅରେ। ଏଣୁ ଏ ଜଳ ଅତି ପବିତ୍ର; ଦେବସ୍ନାନ ଯୋଗ୍ୟ।

ଦିଅଁମାନଙ୍କ ସ୍ନାନପରେ ମୁଦିରଷ୍ଟ 'ରାଜନୀତି' କରନ୍ତି। ସ୍ୱୟଂ ଗଜପତି ମହାରାଜା ସୁବର୍ଣ୍ଣ ସମାର୍ଜନୀ ଧରି ସ୍ନାନବେଦୀରେ ଛେରାପହଁରା କରନ୍ତି। ତାଙ୍କ ଅନୁପସ୍ଥିତିରେ ମୁଦିରଷ୍ଟ ଛେରାପହଁରା କରନ୍ତି। ଏହାପରେ ଆରମ୍ଭ ହୁଏ ବହୁ ପ୍ରତିକ୍ଷିତ ଶ୍ରୀଜୀଉଙ୍କ ହାତୀବେଶ। ଗୋପାଳତୀର୍ଥ ମଠ ବଡ଼ବାଡ଼ (ଶ୍ରୀବଳଭଦ୍ର), ରାଘବଦାସ ମଠ ଅନ୍ୟ ଦୁଇବାଡ଼ (ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା)ଙ୍କ ହାତୀବେଶ ଉପକରଣ। ଯଥାବିଧି ପ୍ରେରଣ କରନ୍ତି। ଶ୍ରୀଜୀଉଙ୍କ ମସ୍ତକରେ ମୁକୁଟ, ଗଳାରେ ହାର, ହସ୍ତୀଦନ୍ତ, ହସ୍ତୀକର, କରପଲ୍ଲବ - ଏମିତି ଦିଅଁମାନେ ହାତୀବେଶ ଲା

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ଜୁନ୍ ୨୦୨୬ ସୋମବାର

ସୋନପୁରରେ ଶତପ୍ରତିଶତ ସଫଳ ହେଲା ଏସ୍ଆଇଆର୍

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ଅନ୍ତର୍ଗତ ୬୫- ସୋନପୁର ବିଧାନସଭା ମଣ୍ଡଳୀ ନିର୍ଦ୍ଧାରିତ ସମୟ ସୀମାର ବହୁ ପୂର୍ବରୁ ପରିଗଣନା ଫର୍ମ ବଣ୍ଟନ ତଥା ଡିଜିଟାଇଜେସନ୍ କାର୍ଯ୍ୟ ୧୦୦% ସମ୍ପୂର୍ଣ୍ଣ କରିବାରେ ସଫଳ ହୋଇଛି । ଉପ-ଜିଲ୍ଲାପାଳ ତଥା ERO, ୬୫ – ସୋନପୁର AC ଡଃ ସୌମ୍ୟରୂପା ରଥଙ୍କ ତତ୍ତ୍ୱାବଧାନରେ ସମସ୍ତ ୭ଜଣ AERO, ୩୨ ଜଣ ବି.ଏଲ୍.ଓ. ସୁପରଭାଇଜର୍ ଓ ୩୧୯ ଜଣ ବି.ଏଲ୍.ଓ.ଙ୍କ ମିଳିତ ସହଯୋଗ ତଥା ଉଦ୍ୟମ ଯୋଗୁ ଏହା ସମ୍ଭବ ହୋଇପାରିଛି। ଏହି ବିଧାନସଭା ମଣ୍ଡଳୀର ସମସ୍ତ ୨,୫୩,୭୨୪ ଜଣ ଭୋଟରଙ୍କର ପରିଗଣନା ଫର୍ମ ବି.ଏଲ୍.ଓ ଆପ୍ ମାଧ୍ୟମରେ ଅପ୍‌ଲୋଡ୍ କରାଯାଇଛି । ଏହାପରେ ୨୪.୬.୨୬ ଓ ୨୫.୬.୨୬ ଦୁଇଦିନ ଧରି ବି.ଏଲ୍.ଓ – ବି.ଏଲ୍.ଏ ମିଟିଂମାନ ସମସ୍ତ ୩୧୯ଟି ବୁଥ୍‌ରେ ଅନୁଷ୍ଠିତ ହୋଇଯାଇଛି ଯେଉଁଥିରେ ଅନୁପସ୍ଥିତ, ମୃତ ତଥା ସ୍ଥାନାନ୍ତରିତ ଭୋଟରମାନଙ୍କର ତାଲିକା ପଠନ ଓ ଦୃଢୀକରଣ କରାଯାଇଥିଲା । ଏଥିନିମନ୍ତେ ସର୍ବପ୍ରଥମେ ଡିଜିଟାଇଜେସନ୍ ପ୍ରକ୍ରିୟା ୧୦୦% ସମ୍ପାଦନ କରିଥିବା ସର୍ବୋତ୍ତମ ୩୪ ଜଣ ବି.ଏଲ୍.ଓ, ୬ ଜଣ ବି.ଏଲ୍.ଓ ସୁପରଭାଇଜର, ୫ ଜଣ SIR ଆସିଷ୍ଟାଣ୍ଟ ଓ ଅଫିସରମାନଙ୍କୁ ଜିଲ୍ଲାପାଳ ସୁବର୍ଣ୍ଣପୁର, ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ଓ ଉପ-ଜିଲ୍ଲାପାଳ, ସୋନପୁରଙ୍କ ଦ୍ୱାରା ମାନପତ୍ର ତଥା ସ୍ମୃତି ଫଳକ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ଏଥିରେ ସମସ୍ତ SIRe କର୍ମକର୍ତ୍ତାମାନେ ଖୁସି ବ୍ୟକ୍ତ କରିଥିଲେ ଓ ଉତ୍ସାହିତ ହୋଇଥିଲେ।

ବ୍ରହ୍ମପୁର ଷ୍ଟେସନ୍‌ରେ ଲାଗିବ କ୍ୱିକ୍ ୱାଟରିଂ ସିଷ୍ଟମ୍:ଟ୍ରେନ୍‌ରେ ଭର୍ତ୍ତି ହୋଇପାରିବ ପାଣି

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଦକ୍ଷିଣ ଓଡ଼ିଶାର ପ୍ରମୁଖ ରେଳ ଷ୍ଟେସନ୍ ଭାବେ ପରିଚିତ ବ୍ରହ୍ମପୁର ରେଳ ଷ୍ଟେସନ୍‌ର ବହୁ ବର୍ଷର ଜଳ ସମସ୍ୟା ଦୂର କରିବା ପାଇଁ ରେଳବାଇ ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି । ପୂର୍ବତଟ ରେଳବାଇର ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ ଷ୍ଟେସନ୍‌ରେ କ୍ୱିକ୍ ୱାଟରିଂ ସିଷ୍ଟମ୍ ବା ଦ୍ରୁତ ଜଳ ପୂରଣ ବ୍ୟବସ୍ଥା ସ୍ଥାପନ ପାଇଁ ୩ କୋଟି ୩୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଛି । ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେଲେ ଟ୍ରେନ୍‌ରେ ପାଣି ଭର୍ତ୍ତି ହେବା କାର୍ଯ୍ୟ ସହ ଯାତ୍ରୀ ସେବା, ଷ୍ଟେସନ୍ ପରିଚାଳନା ଏବଂ ରେଳ ଚଳାଚଳର ଦକ୍ଷତା ମଧ୍ୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ହାଓ୍ୱଡ଼ା-ଚେନ୍ନାଇ ମୁଖ୍ୟ ରେଳପଥରେ ଅବସ୍ଥିତ ବ୍ରହ୍ମପୁର ଷ୍ଟେସନ୍ ଦକ୍ଷିଣ ଓଡ଼ିଶାର ସବୁଠୁ ବ୍ୟସ୍ତବହୁଳ ଷ୍ଟେସନ୍‌ଗୁଡ଼ିକ ମଧ୍ୟରୁ ଅନ୍ୟତମ । ପ୍ରତିଦିନ ହଜାର ହଜାର ଯାତ୍ରୀ ଏଠାରୁ ଯାତାୟାତ କରୁଥିବା ବେଳେ ଶତାଧିକ ଏକ୍ସପ୍ରେସ୍, ମେଲ୍ ଓ ପାସେଞ୍ଜର ଟ୍ରେନ୍ ଷ୍ଟେସନ୍ ଦେଇ ଚଳାଚଳ କରିଥାଏ । ଗତ କିଛି ବର୍ଷ ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍, ଅମୃତ ଭାରତ ଏକ୍ସପ୍ରେସ୍ ଓ ମେମୁ ଟ୍ରେନ୍ ଭଳି ନୂଆ ସେବା ଆରମ୍ଭ ହେବା ପରେ ଷ୍ଟେସନ୍‌ର ଗୁରୁତ୍ୱ ଆହୁରି ବଢ଼ିଛି । ମାତ୍ର ଟ୍ରେନ୍‌କୁ ଜଳ ଯୋଗାଣ ବ୍ୟବସ୍ଥା କରିବା ରେଳ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇ ରହିଥିଲା । ବର୍ତ୍ତମାନ ଅନେକ ଟ୍ରେନ୍‌ରେ ପାଣି ଭର୍ତ୍ତି କରିବା ପାଇଁ ଖୋର୍ଦ୍ଧା ରୋଡ୍, ପଲାସା ଓ ବିଜୟନଗରମ୍ ଭଳି ପଡ଼ୋଶୀ ଷ୍ଟେସନ୍ ଉପରେ ନିର୍ଭର କରିବାକୁ ପଡୁଛି । ଏଥିଯୋଗୁ ଅନେକ ସମୟରେ ଟ୍ରେନ୍‌ର ରକ୍ଷଣାବେକ୍ଷଣ କାର୍ଯ୍ୟରେ ବିଳମ୍ବ ଘଟିବା ସହ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ଗ୍ରୀଷ୍ମ ଋତୁରେ ପାଣି ଚାହିଦା ବଢ଼ିଯାଉଥିବାରୁ ସମସ୍ୟା ଅଧିକ ଗୁରୁତର ହୋଇପଡୁଛି । ତେଣୁ ବ୍ରହ୍ମପୁର ଷ୍ଟେସନ୍‌ରେ ନୂତନ ଭାବେ କ୍ୱିକ୍ ୱାଟରିଂ ସିଷ୍ଟମ୍ କାର୍ଯ୍ୟକାରୀ କରାଯିବାକୁ ସ୍ଥିର ହୋଇଛି । ଏହାଦ୍ୱାରା ଉଚ୍ଚ କ୍ଷମତାସମ୍ପନ୍ନ ପାଇପ୍ ନେଟ୍‌ୱର୍କ ଓ ଆଧୁନିକ ପମ୍ପିଂ ବ୍ୟବସ୍ଥା ମାଧ୍ୟମରେ ଅଳ୍ପ ସମୟ ମଧ୍ୟରେ ଟ୍ରେନ୍‌ର ସମସ୍ତ କୋଚ୍‌କୁ ଜଳ ଯୋଗାଇହେବ । ଫଳରେ ଟ୍ରେନ୍‌ର ରହଣି ସମୟ ହ୍ରାସ ପାଇବା ସହ ସମୟାନୁବର୍ତ୍ତିତା ବୃଦ୍ଧି ପାଇବ । ଏହା ସହିତ ଯାତ୍ରୀ ମଧ୍ୟ ଯାତ୍ରା ସମୟରେ ପର୍ଯ୍ୟାପ୍ତ ଜଳ ସୁବିଧା ପାଇବେ । ଏହା କାର୍ଯ୍ୟକ୍ଷମ ହେଲେ ଆଗାମୀ ଦିନରେ ବ୍ରହ୍ମପୁର ଷ୍ଟେସନ୍ ପୂର୍ବତଟ ରେଳବାଇର ଅନ୍ୟତମ ଆଧୁନିକ ଏବଂ ସୁବିଧାସମ୍ପନ୍ନ ଷ୍ଟେସନ୍ ଭାବେ ପରିଚିତ ହେବ । ଉଲ୍ଲେଖଯୋଗ୍ୟ ଯେ, ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ବ୍ରହ୍ମପୁର ରେଳ ଷ୍ଟେସନ୍‌ର ବ୍ୟାପକ ବିକାଶ କାର୍ଯ୍ୟ ଚାଲିଛି । ଏଥିପାଇଁ ପ୍ରାୟ ୩୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ମଞ୍ଜୁର ହୋଇଛି । ନୂତନ ଷ୍ଟେସନ୍ ଭବନ, ବିଶ୍ୱସ୍ତରୀୟ ଯାତ୍ରୀ ସୁବିଧା, ଉନ୍ନତ ପ୍ରବେଶ ପଥ, ଫୁଟ୍ ଓଭରବ୍ରିଜ୍, ଲିଫ୍ଟ, ଏସ୍କାଲେଟର ଏବଂ ପାର୍କିଂ ବ୍ୟବସ୍ଥା ନିମନ୍ତେ କାମ ଆରମ୍ଭ ହୋଇଛି । କାମ ସମ୍ପୂର୍ଣ୍ଣ ହେଲେ ଷ୍ଟେସନ୍ ସମ୍ପୂର୍ଣ୍ଣ ରୂପେ ବଦଳିଯିବ ।

ଅବ୍ୟବସ୍ଥା ଘେରରେ ଚାଉଳିଆଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

କଟକ, ନ୍ୟୁଜ୍ ବ୍ୟୁରୋ

ଅବହେଳିତ କଟକ ଚାଉଳିଆଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ସବୁ କିଛି ଥାଇ ମଧ୍ୟ ମିଳୁନି ସୁବିଧା। ଖୋଲିପାରୁନି ଆହାର କେନ୍ଦ୍ର, ମିସନ୍ ଶକ୍ତି କାଫେ ଓ ଶୌଚାଳୟ। ଫଳରେ ଲୋକମାନେ ହନ୍ତସନ୍ତ ହେଉଛନ୍ତି। କଟକ ଚାଉଳିଆଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ଆହାର କେନ୍ଦ୍ର ପାଖରୁ ଆରମ୍ଭ କରି ମିସନ୍ ଶକ୍ତି କାଫେ, ଶୌଚାଳୟ ଆଦି ରହିଛି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଏହିସବୁ ଥାଇ ମଧ୍ୟ ଲୋକମାନେ ଏହାର ସୁବିଧା ପାଇପାରୁନାହାନ୍ତି। ଆହାର କେନ୍ଦ୍ର, ମିସନ୍ ଶକ୍ତି କାଫେ ଓ ଶୌଚାଳୟ ନିର୍ମାଣ ହେବା ପରଠାରୁ ତାଲା ଝୁଲୁଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଚାଉଳିଆଗଞ୍ଜ ସମେତ ସହର ବିଭିନ୍ନ ସ୍ଥାନର ଲୋକମାନେ ନିର୍ଭର କରିଥାନ୍ତି। ଦୁଇବର୍ଷରୁ ଅଧିକ ସମୟ ହେବ ନିର୍ମାଣ ସରିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଖୋଲିପାରୁନାହିଁ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଆବଶ୍ୟକତା ଠାରୁ କମ୍ ଡାକ୍ତର ରହିଛନ୍ତି। ୨ ବର୍ଷ ହେବ ନାହାନ୍ତି ସ୍ଥାୟୀ ଅଧୀକ୍ଷକ। ୩୦ ଶଯ୍ୟା ବିଶିଷ୍ଟ ଏହି ପ୍ରମୁଖ ଡାକ୍ତରଖାନା ଏବେ ସ୍ୱାସ୍ଥ୍ୟ ବିଭାଗର ନଜର ଆଢୁଆଳରେ ରହିଯାଇଛି। ସାଧାରଣ ରୋଗ ଥିଲେ ମଧ୍ୟ ରୋଗୀଙ୍କୁ ଏସ୍‌ସିବି ରେଫର୍ କରିଦିଆଯାଉଛି। ଶଯ୍ୟା ଥିଲେ ବି ଆଡ୍‌ମିସନ୍ କରାଯାଉନାହିଁ। ରାତିରେ ଯଦି କୌଣସି ରୋଗୀ ଆସନ୍ତି ତେବେ ଡାକ୍ତରଙ୍କୁ ପାଇବା କଷ୍ଟକର। ଏନେଇ କଟକ ମେୟର ସୁବାସ ସିଂହ କହିଛନ୍ତି, ସ୍ଥାୟୀ ଅଧୀକ୍ଷକ ନିଯୁକ୍ତି ପାଇଁ ନିଷ୍ପତ୍ତି ହୋଇଛି। ଖୁବଶୀଘ୍ର ଆହାର କେନ୍ଦ୍ର ଓ ମିସନ୍ ଶକ୍ତି କାଫେ ଖୋଲାଯିବ। ତେବେ କେଉଁଦିନ କଟକ ଚାଉଳିଆଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମାଧାନ ହେଉଛି ତାହା ଦେଖିବାକୁ ବାକି ରହିଲା।

୪୪ ହିତାଧିକାରୀଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ପୌରପରିଷଦ ପକ୍ଷରୁ ସ୍ଥାନୀୟ ଟାଉନ୍ ହଲ୍‌ଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହର) ଅଧୀନରେ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୌଦ୍ଧ ପୌରପରିଷଦର ୧୭ଟି ୱାର୍ଡର ମୋଟ୍ ୪୪ ଜଣ ହିତାଧିକାରୀଙ୍କୁ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ପୌରପରିଷଦର ନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନ ଓ ସହକାରୀ ନିର୍ବାହୀ ଅଧିକାରୀ ପବିତ୍ର ମୋହନ ପ୍ରଧାନ ଉପସ୍ଥିତ ରହି ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା। ଉଠାଦୋକାନୀ ଓ ରାସ୍ତାକଡ଼ ବ୍ୟବସାୟୀମାନଙ୍କୁ ସହଜ ସର୍ତ୍ତରେ ଋଣ ପ୍ରଦାନ, ଆର୍ଥିକ ସ୍ୱାବଲମ୍ବନ ଏବଂ ସରକାରଙ୍କ ବିଭିନ୍ନ ସୁବିଧା ସମ୍ପର୍କରେ ଅବଗତ କରାଯାଇଥିଲା। ଯୋଗ୍ୟ ହିତାଧିକାରୀମାନେ ଏହି ଯୋଜନାର ସୁଫଳ ପାଇ ସହରାଞ୍ଚଳର ଗୃହହୀନ ପରିବାର ଓ କ୍ଷୁଦ୍ର ବ୍ୟବସାୟୀଙ୍କ ଜୀବନମାନରେ ଉନ୍ନତି ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ମିଶନ ମ୍ୟାନେଜର ସୁଭାଶିଷ ନାଏକ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯନ୍ତ୍ରୀ ଜଗମୋହନ ମହାରଣାଙ୍କ ସହିତ ଅନ୍ୟମାନେ ସହଯୋଗ କରିଥିଲେ।

ଯୁକ୍ତ ୩ ନାମଲେଖା ଘଟଣା

ମେଧାବୀଙ୍କ ପସନ୍ଦ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ଶଶିଭୂଷଣ ରଥ କଲେଜ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଯୁକ୍ତ ୩ରେ ନାମଲେଖା ପାଇଁ ପ୍ରଥମ କଟ୍‌ଅଫ୍ ମାର୍କ ପ୍ରକାଶ ପାଇଛି। ଗଞ୍ଜାମ ଜିଲ୍ଲାରେ ଥିବା ୬୬ଟି ଡିଗ୍ରୀ କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଷୟ ସହ ନୂତନ ଭାବେ ଯୋଡ଼ି ହୋଇଥିବା ବିଷୟ ଗୁଡ଼ିକର କଟ୍‌ଅଫ୍ ପ୍ରକାଶ ପାଇଛି । ପ୍ରତ୍ୟେକ ବର୍ଷ ଭଳି ମେଧାବୀ ଛାତ୍ରଛାତ୍ରୀ ଚଳିତ ବର୍ଷ ମଧ୍ୟ ନିଜର ପସନ୍ଦ କଲେଜ ଭାବେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଓ ଶଶିଭୂଷଣ ରଥ ସରକାରୀ କମହିଳା ମହାବିଦ୍ୟାଳୟ ରହିଛି । ଚଳିତ ବର୍ଷ ଗଞ୍ଜାମ ଜିଲ୍ଲାରେ ବିଜ୍ଞାନ ପାଠ୍ୟକ୍ରମର ରସାୟନ ବିଜ୍ଞାନ ବିଷୟରେ ସର୍ବାଧିକ ୯୨.୫୦ ପ୍ରତିଶତ କଟ୍‌ଅଫ୍ ମାର୍କ ରହିଥିବା ବେଳେ ଏହାପଛକୁ ପଦାର୍ଥ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ଗଣିତ ବିଷୟ ରହିଛି । ସେହିପରି କଳା ପାଠ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଷୟରେ ସର୍ବାଧିକ କଟ୍‌ଅଫ୍ ମାର୍କ ରହିଛି । ବ୍ରହ୍ମପୁର ସ୍ଥିତ ଶଶିଭୂଷଣ ରଥ କଲେଜରେ ରସାୟନ ବିଜ୍ଞାନ ବିଭାଗରେ ସର୍ବାଧିକ କଟ୍‌ଅଫ୍ ମାର୍କ ୯୨.୫ ପ୍ରତିଶତ ରହିଛି । ପଦାର୍ଥ ବିଜ୍ଞାନ ପାଇଁ ୮୯.୧୭, ଶିକ୍ଷା ପାଇଁ ୭୫.୬୭, କମ୍ପ୍ୟୁଟର ସାଇନ୍ସ ପାଇଁ ୮୦.୬୭, ପ୍ରାଣୀ ବିଜ୍ଞାନ ପାଇଁ ୯୧.୫୦, ଉଦ୍ଭିଦ ବିଜ୍ଞାନ ପାଇଁ ୮୬.୩୩, ରାଜନୀତି ବିଜ୍ଞାନ ପାଇଁ ୮୦.୮୩, ଓଡ଼ିଆ ପାଇଁ ୭୩.୫୦ ପ୍ରତିଶତ ରହିଛି । ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ରସାୟନ ବିଜ୍ଞାନ ବିଷୟରେ କଟ୍‌ଅଫ୍ ମାର୍କ ୯୧.୩୩ ପ୍ରତିଶତ ରହିଥିବା ବେଳେ ପ୍ରାଣୀ ବିଜ୍ଞାନ ପାଇଁ ୮୮.୧୭, ଉଦ୍ଭିଦ ବିଜ୍ଞାନ ପାଇଁ ୮୩.୧୭, ପଦାର୍ଥ ବିଜ୍ଞାନ ପାଇଁ ୯୧.୫୦ ପ୍ରତିଶତ, ବାଣିଜ୍ୟ ପାଇଁ ୮୪.୮୩, ଓଡ଼ିଆ ପାଇଁ ୭୭, ଇଂରାଜୀ ପାଇଁ ୭୯, ଶିକ୍ଷା ପାଇଁ ୭୩.୬୭, ଗଣିତ ପାଇଁ ୯୧, ରାଜନୀତି ବିଜ୍ଞାନ ପାଇଁ ୮୨.୮୩ ଏବଂ କମ୍ପ୍ୟୁଟର ବିଜ୍ଞାନ ପାଇଁ ୮୫.୬୭ ପ୍ରତିଶତ ରହିଛି । ବିନାୟକ ଆଚାର୍ଯ୍ୟ ସରକାରୀ କଲେଜରେ ରସାୟନ ବିଜ୍ଞାନ ପାଇଁ ୮୩.୧୭ ପ୍ରତିଶତ ରହିଥିବା ବେଳେ ପଦାର୍ଥ ବିଜ୍ଞାନ ପାଇଁ ୭୯.୧୭ ପ୍ରତିଶତ, ରାଜନୀତି ବିଜ୍ଞାନ ପାଇଁ ୭୪, ବାଣିଜ୍ୟ ପାଇଁ ୭୭ ପ୍ରତିଶତ ରହିଛି । ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ରସାୟନ ବିଜ୍ଞାନ ପାଇଁ ୭୯ ପ୍ରତିଶତ କଟ୍‌ଅଫ୍ ରହିଥିବାବେଳେ ପଦାର୍ଥ ବିଜ୍ଞାନ ପାଇଁ ୭୮.୮୩ ଏବଂ ପ୍ରାଣୀ ବିଜ୍ଞାନ ପାଇଁ ୭୪.୫୦ ପ୍ରତିଶତ, ରାଜନୀତି ବିଜ୍ଞାନ ପାଇଁ ୭୦.୮୩ ପ୍ରତିଶତ ରହିଛି । ଆସିକା ସ୍ଥିତ ନିରଞ୍ଜନ ମହିଳା ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ କଟ୍‌ଅଫ୍ ମାର୍କ ୭୫.୧୭ ପ୍ରତିଶତ ରହିଛି । ଘରୋଇ ଡିଗ୍ରୀ କଲେଜ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରସାୟନ ବିଜ୍ଞାନ ବିଷୟ ପାଇଁ ୭୬.୬୦ ପ୍ରତିଶତ ରହିଥିବା ବେଳେ ପ୍ରାଣୀ ବିଜ୍ଞାନ ପାଇଁ ୮୨.୨୦, ଉଦ୍ଭିଦ ବିଜ୍ଞାନ ପାଇଁ ୭୧.୬୭ ପ୍ରତିଶତ, ପଦାର୍ଥ ବିଜ୍ଞାନ ପାଇଁ ୭୫.୧୭, ଗଣିତ ବିଷୟ ପାଇଁ ୭୬.୮୩ ଓ ଭୂତତ୍ତ୍ୱ ବିଜ୍ଞାନ ପାଇଁ ୭୫.୬୭ ପ୍ରତିଶତ ରହିଛି । ଖଲ୍ଲିକୋଟ ସ୍ଥିତ ଆର୍‌ସିଏମ୍ କଲେଜରେ ରସାୟନ ବିଜ୍ଞାନ ବିଭାଗରେ ସର୍ବାଧିକ କଟ୍‌ଅଫ୍ ମାର୍କ ୮୪.୪୦ ପ୍ରତିଶତ ରହିଛି । ହିଞ୍ଜିଳିକାଟୁ କଲେଜରେ ରସାୟନ ବିଜ୍ଞାନ ବିଭାଗରେ କଟ୍‌ଅଫ୍ ମାର୍କ ୮୪ ପ୍ରତିଶତ ରହିଥିବା ବେଳେ ପଦାର୍ଥ ବିଜ୍ଞାନ ପାଇଁ ୮୫.୩୩ ଓ ପ୍ରାଣୀ ବିଜ୍ଞାନ ପାଇଁ ୮୨.୫୦ ପ୍ରତିଶତ, ରାଜନୀତି ବିଜ୍ଞାନ ପାଇଁ ୭୯.୧୭ ପ୍ରତିଶତ କଟ୍‌ଅଫ୍ ମାର୍କ ରହିଛି ।

ପ୍ରଶାସନିକ ବାରଣ ସତ୍ତ୍ୱେ ସରକାରୀ ଜମିରେ ଅବୈଧ ଗୃହନିର୍ମାଣ ଜାରି

ରାଇଘର, ନ୍ୟୁଜ୍ ବ୍ୟୁରୋ

ରାଇଘର ବ୍ଲକର ଡି.ଏନ୍.କେ ସାହିରେ ଜଣେ ବ୍ୟକ୍ତି **ବିଶ୍ୱନାଥ ମଣ୍ଡଳ** ଘର ନିର୍ମାଣ କରିଛନ୍ତି କିନ୍ତୁ ପ୍ରଶାସନର ନଜର ପଡୁନଥିବା ବେଳେ ତହସିଲ ଅଫିସ କାର୍ଯ୍ୟାଳୟରୁ ରାଜସ୍ୱ ନିରୀକ୍ଷକ ଅନନ୍ତ ଚୌଧୁରୀ, ସହକାରୀ ରାଜସ୍ୱ ନିରୀକ୍ଷକ ରଣଦୀପ ମଣ୍ଡଳ, କର୍ମଚାରୀ ବିଷ୍ଣୁ ଗୌଡ଼, କର୍ମଚାରୀ ବିପିନ ସାନ୍ତା ପହଞ୍ଚି ଏହି ଅବୈଧ ଘର ନିର୍ମାଣକୁ ବନ୍ଦ କରେଇଥିଲେ। ସରକାରୀ ଜମି ଜନସାଧାରଣଙ୍କ ସମ୍ପତ୍ତି। ଏହି ଜମିର ସୁରକ୍ଷା ଓ ସଠିକ୍ ବ୍ୟବହାର ନିଶ୍ଚିତ କରିବା ପ୍ରଶାସନର ମୂଳ ଦାୟିତ୍ୱ। ସରକାରୀ ଜମି ଉପରେ ଅବୈଧ ଭାବେ ଛାତଘର ନିର୍ମାଣ କାର୍ଯ୍ୟ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଦୀର୍ଘଦିନ ଧରି ସରକାରୀ ଜମି ଅତିକ୍ରମଣ ବଢ଼ି ଚାଲିଛି। ପ୍ରଥମେ ଅସ୍ଥାୟୀ ଭାବେ ନିର୍ମାଣ କରାଯାଇଥିବା ବେଳେ ବର୍ତ୍ତମାନ ପକ୍କା ଘର ତିଆରି କାମ ଚାଲିଥିବା ଦେଖିବାକୁ ମିଳୁଛି। ସବୁକିଛି ସାର୍ବଜନୀନ ଭାବରେ ହେଉଥିବା ସତ୍ତ୍ୱେ ସମ୍ପୃକ୍ତ ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହେଉଛି। ସାଧାରଣ ଲୋକ ପ୍ରଶ୍ନ କରୁଛନ୍ତି ଯେ, ସରକାରୀ ଜମିରେ ଯଦି ଅବୈଧ ନିର୍ମାଣ ହେଉଛି, ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ଦିନ ଠାରୁ ଏପର୍ଯ୍ୟନ୍ତ କୌଣସି ଯାଞ୍ଚ କିମ୍ବା ନୋଟିସ୍ ଜାରି ହୋଇଛି କି ନାହିଁ, ତାହା ମଧ୍ୟ ସ୍ପଷ୍ଟ ହୋଇପାରିନାହିଁ। ବିଶେଷଜ୍ଞ ମାନଙ୍କ ମତରେ, ସରକାରୀ ଜମି ଉପରେ ଅତିକ୍ରମଣକୁ ସମୟରେ ରୋକାଯାଇ ନଥିଲେ ଭବିଷ୍ୟତରେ ଏହା ବଡ଼ ସମସ୍ୟାର ରୂପ ନେଇପାରେ। ଏହାଦ୍ୱାରା ସରକାରୀ ସମ୍ପତ୍ତି କ୍ଷତିଗ୍ରସ୍ତ ହେବା ସହ ସାଧାରଣ ଲୋକଙ୍କ ସ୍ୱାର୍ଥ ମଧ୍ୟ ପ୍ରଭାବିତ ହୋଇପାରେ। ତେଣୁ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରି ଆବଶ୍ୟକ ଆଇନ୍‌ଗତ ପଦକ୍ଷେପ ନେବା ଆବଶ୍ୟକ ବୋଲି ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ବର୍ତ୍ତମାନ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ଲୋକମାନଙ୍କ ପ୍ରଶ୍ନ ହେଉଛି, ସରକାରୀ ଜମି ଉପରେ ଚାଲିଥିବା ଏହି ନିର୍ମାଣ କାର୍ଯ୍ୟ ପ୍ରତି ପ୍ରଶାସନର ନଜର ପଡିବା ପରେ ରାଜସ୍ୱ ନିରୀକ୍ଷକଙ୍କ ସମେତ ଚାରି ଜଣ କର୍ମଚାରୀ ଆସି ଘର ନିର୍ମାଣ କାର୍ଯ୍ୟକୁ ରୋକିଥିଲେ କିନ୍ତୁ ନିରୀକ୍ଷକ ଏବଂ କର୍ମଚାରୀ ଯିବାର କିଛି ଘଣ୍ଟା ପରେ ପୁଣି ଏହି ବେନିୟମ ଭାବେ ଘର କାମ ଜାରି ରହିଛି। ଅବୈଧ ନିର୍ମାଣ ବନ୍ଦ ହେବ କି, ନା ପୂର୍ବବତ୍ ଚାଲୁ ରହିବ ଏହା ଉପରେ ସମସ୍ତଙ୍କ ନଜର ରହିଛି। ସ୍ଥାନୀୟ ଲୋକ ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଆଇନ୍ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଓ ସରକାରୀ ଜମିର ସୁରକ୍ଷା ପାଇଁ ତତ୍କାଳ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

କେନ୍ଦୁଝରରେ ଭୋଟର ତାଲିକା ଶୁଦ୍ଧିକରଣ:ଏଏସ୍‌ଡିଡି ଚିହ୍ନଟ ପାଇଁ ବୁଥ୍ ସ୍ତରରେ ବୈଠକ

କେନ୍ଦୁଝର, ନ୍ୟୁଜ୍

କେନ୍ଦୁଝର ଜିଲ୍ଲାରେ ଆଗାମୀ ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ନିର୍ଭୁଲ କରିବା ଲକ୍ଷ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଆରମ୍ଭ ହୋଇଛି। ଭାରତୀୟ ନିର୍ବାଚନ ଆୟୋଗ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଏସ୍‌ଡିଡି ତାଲିକା ଉପରେ ଗୁରୁତ୍ୱଭୋଟର ତାଲିକାରୁ ତ୍ରୁଟି ହଟାଇବା ପାଇଁ ବୁଥ୍ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସମସ୍ତ ବୁଥ୍‌ରେ ବିଏଲ୍‌ଓମାନେ ରାଜନୈତିକ ଦଳର ବୁଥ୍ ଲେଭେଲ ଏଜେଣ୍ଟ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ସହ ମିଳିତ ବୈଠକ କରି 'ଏଏସ୍‌ଡିଡି' ଭୋଟରଙ୍କ ତାଲିକା ସମୀକ୍ଷା କରିଛନ୍ତି। ଏହି ତାଲିକାରେ ଅନୁପସ୍ଥିତ, ସ୍ଥାନାନ୍ତରିତ, ମୃତ ଏବଂ ଦ୍ୱିତୀୟ ଥର ନାମ ଥିବା ଭୋଟରଙ୍କୁ ଚିହ୍ନଟ କରାଯାଇଛି। ତାଲିକାରୁ ବାଦ୍ ପଡ଼ିବେ ଅଯୋଗ୍ୟ ଭୋଟର ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଏହି ଯାଞ୍ଚ ପରେ ଯେଉଁମାନଙ୍କ ନାମ ଏଏସ୍‌ଡିଡି ତାଲିକାରେ ଅନ୍ତର୍ଭୁକ୍ତ ହେବ, ସେମାନଙ୍କୁ ଆଗାମୀ ଖସଡ଼ା ଭୋଟର ତାଲିକାରୁ ବାଦ୍ ଦିଆଯିବ। ଭୋଟର ତାଲିକାର ସଠିକତା ବଜାୟ ରଖିବା ପାଇଁ ସମସ୍ତ ନିର୍ବାଚନ ମଣ୍ଡଳୀରେ ଅତ୍ୟନ୍ତ ସତର୍କତାର ସହ ଏହି ପ୍ରକ୍ରିୟାକୁ ଚୂଡ଼ାନ୍ତ ରୂପ ଦିଆଯାଇଛି। ନିର୍ବାଚନ କାର୍ଯ୍ୟକୁ ଅଧିକ ବିଶ୍ୱସନୀୟ ଓ ଭୁଲ୍‌ମୁକ୍ତ କରିବା ପାଇଁ ଏହି ଅଭିଯାନ ନିରନ୍ତର ଜାରି ରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ଡିଜେ ପାଇଁ ଜନଜୀବନ ଅସ୍ତ ବ୍ୟସ୍ତ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଧର୍ମଶାଳା ଅଞ୍ଚଳରେ ଏବେ ଡିଜେ ଶବ୍ଦରେ ଜନସାଧାରଣ ଅତିଷ୍ଠ ହେଲେଣି। ଦିନରାତି ବିକଟାଳ ଶବ୍ଦ ହେଉଥିବାରୁ ବୃଦ୍ଧ, ଶିଶୁ, ରୋଗୀ, ବରିଷ୍ଠ ନାଗରିକ ନାହିଁନଥିବା ଅବସ୍ଥା ଭୋଗୁଛନ୍ତି। ବିବାହ, ଧାର୍ମିକ କାର୍ଯ୍ୟକ୍ରମ, ରାଜନୈତିକ ରାଲି, ସାମାଜିକ ଉତ୍ସବରେ ଉଚ୍ଚ ଡେସିବିଲ୍‌ରେ ଡିଜେ ବାଜୁଛି। ପ୍ରଶାସନ ଓ ପୋଲିସ ନିରବଦ୍ରଷ୍ଟା ସାଜିଛି। ଶବ୍ଦ ପ୍ରଦୂଷଣ ଓ ଡିଜେ ପାଇଁ ନିୟମ ଥିଲେ ମଧ୍ୟ କଡାକଡି ପାଳନ ହେଉନାହିଁ। ସ୍ଥାନୀୟ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ତୁରନ୍ତ ଡିଜେ ବନ୍ଦ ପାଇଁ ଦାବି କରିଛନ୍ତି।

ଗାୟତ୍ରୀ ଜୟନ୍ତୀ ଓ ଗଙ୍ଗା ଦଶହରା ପର୍ବ ପାଳିତ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ସହର ସ୍ଥିତ ଗଡ଼ଖାଇ ନିକଟରେ ଥିବା ଗାୟତ୍ରୀ ଶକ୍ତି ପୀଠ ଠାରେ ଗାୟତ୍ରୀ ଜୟନ୍ତୀ ଓ ଗଙ୍ଗା ଦଶହରା ପର୍ବ ପାଳନ କରାଯାଇଛି। ଏହି ଅବସରରେ ବୁଧବାର ସକାଳେ ଗାୟତ୍ରୀ ପରିବାର ପକ୍ଷରୁ ମଙ୍ଗଳାଚରଣ ଓ କଳସ ସ୍ଥାପନ ସହ ପଞ୍ଚ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ବିଦ୍ୱାନଙ୍କ ଦ୍ୱାରା ବେଦ ମନ୍ତ୍ର ଉଚ୍ଚାରଣ, ହୋମ, ପୂଜାର୍ଚ୍ଚନ, ସଂସ୍କାର କର୍ମଶାଳା ସହ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ଯଜ୍ଞ ପୂର୍ଣ୍ଣାହୁତି ପରେ ଯୁଗ ସଂଗୀତ ଓ ସାମୁହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଦିବ୍ୟ କାର୍ଯ୍ୟକ୍ରମରେ ହରିଦ୍ୱାରରୁ ଆସିଥିବା ପରିବ୍ରାଜକ ସିଭେନ୍ଦ୍ର ପୁରୋହିତ ଅତିଥି ବକ୍ତା ଭାବରେ ଯୋଗ ଦେଇଥିବା ବେଳେ ବୌଦ୍ଧର ସମସ୍ତ ଗାୟତ୍ରୀ ପରିବାରର ସଦସ୍ୟମାନେ ସହଯୋଗ କରି ସଫଳ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଜାଗରଣ, ଗର୍ଭ ସଂସ୍କାର ଉତ୍ସବ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା ।

ବାଳିକାମାନଙ୍କୁ ବୈଷୟିକ ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ମୁଖ୍ୟ ସ୍ରୋତରେ ସାମିଲ୍ କରାଯାଉ

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ଶ୍ରୀ ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ବ୍ଲକରେ କାର୍ଯ୍ୟରତ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଖଲ୍ଲିକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଶିକ୍ଷାବିତ୍ ସତ୍ୟନାରାୟଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଦାସ ପୋଷାକ ବିତରଣ, ମଧ୍ୟାହ୍ନ ଭୋଜନ, ୟୁଡାଇସ୍ ସ୍ଥିତି, ବାଳିକାମାନଙ୍କୁ ଆଇ.ଟି.ଆଇ. ଭଳି ବୈଷୟିକ ଅନୁଷ୍ଠାନରେ ନାମ ଲେଖାଇ ମୁଖ୍ୟ ସ୍ରୋତରେ ସାମିଲ କରିବା, ଉଲ୍ଲାସ କାର୍ଯ୍ୟକ୍ରମକୁ ପ୍ରତ୍ୟେକ ବିଦ୍ୟାଳୟ ସ୍ତରରେ ବ୍ୟାପକ କରି ସାକ୍ଷରତା ହାର ଅଭିବୃଦ୍ଧି କରିବା ଆଦି ପ୍ରସଙ୍ଗ ଉପରେ ବିଶଦ ଆଲୋଚନା ହୋଇଥିଲା। ଆହୁରି ମଧ୍ୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଦାସ ଯେଉଁସବୁ ବିଦ୍ୟାଳୟରେ ଉଚ୍ଚ ପ୍ରାଥମିକ ସହିତ ଉଚ୍ଚ ବିଦ୍ୟାଳୟ ରହିଛି, ସେହିସବୁ ବିଦ୍ୟାଳୟରେ ଅଭାବ ରହିଥିବା ଖାଲି ପଦ ସକାଶେ ଶିକ୍ଷାଦାନ ବ୍ୟାହତ ହେଉଥିବାରୁ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ନିୟମିତ ଶିକ୍ଷାଦାନ ପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ବୈଠକରେ ଷୋହଳଟି କ୍ଲଷ୍ଟରର ସିଆର୍‌ସିସି ଉପସ୍ଥିତ ଥିଲେ ।

କେନାଲ ବନ୍ଧ ଉପରେ ମଦ ଦୋକାନ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ପଞ୍ଚାୟତ ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ଉପରେ ହେଉଥିବା ମଦ ଦୋକାନକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରି ଏକ ଦାବିପତ୍ର ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସଙ୍କ ଜରିଆରେ ଅଧକ୍ଷଣ ଯନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଇନ୍ଦୁପୁର ପଞ୍ଚାୟତର ମିଶନ ଶକ୍ତି ମହିଳା ଗୋଷ୍ଠୀ ସମୂହ ଏକତ୍ରୀତ ହୋଇ ପଞ୍ଚାୟତରେ ଠିପିବନ୍ଦ ସରକାରୀ ମଦ ଦୋକାନ ଖୋଲାଯାଉଥିବାର ଜାଣିପାରି ମଦ ଦୋକାନ ପାଇଁ ନିର୍ମାଣ ହେଉଥିବା କେନାଲ ବନ୍ଧ ଉପରେ ଦୋକାନ ଗୃହକୁ ବିରୋଧ କରିଛନ୍ତି। ଏ ନେଇ ଶତାଧିକ ମହିଳା ମଙ୍ଗଳବାର ଜିଲ୍ଲା କାର୍ଯ୍ୟାଳୟକୁ ଆସି ଜିଲ୍ଲା ପରିଷଦ ଅଧକ୍ଷାଙ୍କ ସହିତ ପଞ୍ଚାୟତର କେନାଲ ବନ୍ଧ ରାସ୍ତା ଉପରେ ହେଉଥିବା ମଦ ଦୋକାନ ଗୃହକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଅନ୍ନପୂର୍ଣ୍ଣା ବେହେରା, ସବିତା ବେହେରା, କୌଶଲ୍ୟା ବେହେରା, ସବିତା ବାରିକ, ମିନତୀପ୍ରଭା ଜେନା, ସାବିତ୍ରୀ ଜେନା ପ୍ରମୁଖ ଦାବି କରିଛନ୍ତି।

ଏସ୍.ଆଇ.ଆର୍ ଡିଜିଟାଇଜେସନ୍ କାର୍ଯ୍ୟ ସଫଳ ରୂପାୟନ ପାଇଁ ୯ଜଣ ସମ୍ବର୍ଦ୍ଧିତ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକ ଓ ଦୁଇଟି ପୌରାଞ୍ଚଳରେ ଚାଲିଥିବା ଏସ୍‌ଆଇଆର୍ କାମକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ରଘୁରାମ ଆର୍. ଆୟାର୍ ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣ ଜେନା, ରବିନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ପ୍ରମୁଖ ଉଦ୍ୟମ କରିଆସୁଛନ୍ତି। ଏନେଇ ବିଏଲ୍‌ଓ ଓ ଏଇଆର୍‌ଓଙ୍କୁ ଏସ୍‌ଆଇଆର୍ କାମକୁ ସମୟ ସୀମା ଭିତରେ ସାରିବା ପାଇଁ ପରାମର୍ଶ ଦେଇ ଆସୁଛନ୍ତି। ୯୭ କେନ୍ଦ୍ରାପଡା ବିଧାନସଭା ମଣ୍ଡଳୀ ପାଇଁ ଏସ୍‌ଆଇଆର୍ ୨୦୨୬ର ଡିଜିଟାଇଜେସନ୍ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ସର୍ଗ ସଠିକତା ଓ ପ୍ରତିବଦ୍ଧତା ସହ ସଫଳତା ସମ୍ପନ୍ନ କରିଥିବାରୁ ବଜ୍ରପାତରେ ଗୁରୁତର ଭାବରେ ଆହତ ହୋଇଥିବା ବୁଥ୍ ନମ୍ବର – ୧୮୭, ୯୭-କେନ୍ଦ୍ରାପଡାର ବିଏଲ୍‌ଓ ପ୍ରମିଳା ଓଝା ଚିକିତ୍ସିତ ହେଉଥିବାବେଳେ ତାଙ୍କର ସମ୍ପୂର୍ଣ୍ଣ ଏସ୍‌ଆଇଆର୍ କାର୍ଯ୍ୟକୁ ସମୟ ସୀମା ମଧ୍ୟରେ ସାରିଥିବାରୁ ଉପଜିଲ୍ଲାପାଳ ତାଙ୍କୁ ଉତ୍ତରୀୟ ମାନପତ୍ର ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି । ଏଥିସହିତ କେନ୍ଦ୍ରାପଡା ବିଡିଓ ଅଭିଶେକ ସ୍ୱାଇଁ, କେନ୍ଦ୍ରାପଡା ତହସିଲଦାର କୁଇନି ଜେନା, ତହସିଲଦାର ପଟ୍ଟାମୁଣ୍ଡାଇ ପଞ୍ଚାନନ ନାୟକ, ଡେପୁଟି କଲେକ୍ଟର ସୁନିତା ମହାପାତ୍ର, କେନ୍ଦ୍ରାପଡା ପୌର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା, ସହକାରୀ ଜିଲ୍ଲାପାଳ ଶାନ୍ତିଲତା ବୁଡ଼ିଆଳ, ଏବିଡିଓ ଅନିରୁଦ୍ଧ ବେହେରା, ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ ପ୍ରମୁଖଙ୍କୁ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ତାଙ୍କ କାର୍ଯ୍ୟାଳୟରେ ଉତ୍ତରୀୟ, ମାନପତ୍ର ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି।

ନିଶାମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆରର ଧୋବମୁଣ୍ଡା ସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ସୁବର୍ଣ୍ଣପୁର ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ଅଧ୍ୟକ୍ଷତା କରି ନିଶା ମୁକ୍ତ ଭାରତ ଗଠନ ପାଇଁ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ସହ ପ୍ରତିଭାଗୀ ମାନଙ୍କୁ ଏହି ସମ୍ପର୍କରେ ସମ୍ପର୍କୀୟ ମାନଙ୍କୁ ସଚେତନ କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭାଇ ବିକେ ଅରୁଣ ଓ ସଦାଶିବ, ଭଉଣୀ ବିକେ ଜୟଶ୍ରୀ ଓ ବିକେ ଶିବାନୀମାନେ ଯୋଗଦେଇ ନିଶା ସେବନର ନକାରାତ୍ମକ ଦିଗ ଓ ଏହାର ପାରିବାରିକ ତଥା ସାମାଜିକ ପ୍ରଭାବ ସମ୍ପର୍କରେ ପୋଷ୍ଟର ପ୍ରଦର୍ଶନ ମାଧ୍ୟମରେ ଉପସ୍ଥାପନ କରିଥିଲେ। ଏହାସହ ଏକ ସୁସ୍ଥ ସମାଜ ଗଠନ ପାଇଁ ସୁସ୍ଥ ମନ ଓ ସୁସ୍ଥ ପରିବେଶର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ରେଆରର ସାଧାରଣ ସମ୍ପାଦକ ଅନଙ୍ଗ ନେଗି ଜୀବନରେ ସୁସ୍ଥ ଶରୀରର ଆବଶ୍ୟକତା ପାଇଁ ନିଶା ମୁକ୍ତ ଜୀବନ ଅପରିହାର୍ଯ୍ୟ ବୋଲି ଆଲୋଚନା କରିଥିଲେ। ପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ନିଶାମୁକ୍ତ ସମାଜ ଗଠନ ଦିଗରେ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱଭାରତି ଚିନ୍ତନ ଶିକ୍ଷା ନିକେତନ, ଯଶୋଦା ଦେବୀ ନର୍ସିଂ ସେଣ୍ଟର, ହେଲ୍ପ ଟୁ ଅଦର, ସିୟା ସଂଗଠନ, ବୁଢାରଜା ଯୁବ ଅନୁଷ୍ଠାନ, ଗୋଷ୍ଠୀ ମାନସିକ କାର୍ଯ୍ୟକ୍ରମର ସ୍ୱେଚ୍ଛାସେବୀ, କର୍ମକର୍ତ୍ତା ଓ ରେଆର ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ପରେ ସମସ୍ତେ ରେଆରର ଫିଜିଓ ଥେରାପିକୁ ପରିଦର୍ଶନ କରି ଦିଆଯାଉଥିବା ସେବା ସମ୍ପର୍କରେ ଅବଗତ ହୋଇଥିଲେ। କାର୍ଯ୍ୟକ୍ରମରେ ରେଆରର କର୍ମକର୍ତ୍ତାମାନେ ସହଯୋଗ କରିଥିବାବେଳେ ସୁଦାମ ଗାଇଗରିଆ ଧନ୍ୟବାଦ ଅର୍ପଣ କରିଥିଲେ।

ବିଶ୍ୱ କ୍ୟାଡେଟ୍ ଚେସ୍ : ସାତ୍ତ୍ୱିକଙ୍କୁ କାଂସ୍ୟ

କଟକ, ନ୍ୟୁଜ୍ ବ୍ୟୁରୋ

ଜର୍ଜିଆର ବାତୁମିରେ ଅନୁଷ୍ଠିତ ବିଶ୍ୱ କ୍ୟାଡେଟ୍ ଚେସ୍ ଚାମ୍ପିଅନସିପ୍‌ରେ ଚମକିଛନ୍ତି ଭାରତୀୟ ଖେଳାଳି। ଭାରତୀୟ ଖେଳାଳିମାନେ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଦୁଇଟି କାଂସ୍ୟ ସହ ୪ଟି ପଦକ ଜିତିଛନ୍ତି। ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଆ ଖେଳାଳି ସାତ୍ତ୍ୱିକ ସ୍ୱାଇଁ କାଂସ୍ୟ ପଦକ ଜିତିଛନ୍ତି। ସାତ୍ତ୍ୱିକ ୧୦ ବର୍ଷରୁ କମ୍ ଓପନ ବର୍ଗରେ କାଂସ୍ୟ ପଦକ ଜିତି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ୧୨ ବର୍ଷରୁ କମ୍ ବାଳିକା ବର୍ଗରେ ଦିଭି ବ୍ରିଜେଶ ସ୍ୱର୍ଣ୍ଣ, ୧୦ ବର୍ଷରୁ କମ୍ ଓପନ ବର୍ଗରେ ସବ୍ରାର୍ଥୋ ମଣି ରୌପ୍ୟ ଓ ୮ ବର୍ଷରୁ କମ୍ ବାଳିକା ବର୍ଗରେ ସାଇଆସ୍ଥା ସିଂହ କାଂସ୍ୟ ପଦକ ଜିତିଛନ୍ତି। ଏହି ଅସାଧାରଣ ସଫଳତା ପାଇଁ ପଦକ ବିଜେତା ଖେଳାଳି, ସେମାନଙ୍କ ପିତା ମାତା, ପ୍ରଶିକ୍ଷକଙ୍କୁ ନିଖିଳ ଓଡ଼ିଶା ଚେସ୍ ଆସୋସିଏସନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି।

ଟି୨୦ ବିଶ୍ୱକପ୍‌ରୁ ବିଦା ହେଲା ଭାରତୀୟ ମହିଳା ଦଳ

ଇଂଲଣ୍ଡ

ଭାରତକୁ ଅଷ୍ଟ୍ରେଲିଆ ୬ ୱିକେଟରେ ପରାସ୍ତ କରିଛି। ଏହି ପରାଜୟ ସହିତ ଟିମ୍ ଇଣ୍ଡିଆ ବିଶ୍ୱକପରୁ ବାଦ୍ ପଡ଼ିଛି। ଭାରତର ଚାମ୍ପିଅନ ହେବାର ସ୍ୱପ୍ନ ପୁଣି ଥରେ ଅଧାରେ ରହିଯାଇଛି। ସେମିଫାଇନାଲରେ ପହଞ୍ଚିବା ପାଇଁ ଭାରତ ପାଇଁ ଏହି ମ୍ୟାଚ୍ ଜିତିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। 'ଗ୍ରୁପ୍-ଏ'ରୁ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

ଐତିହାସିକ ଲର୍ଡସ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଅଧିନାୟିକା ହରମନପ୍ରୀତ କୌର ୫୬ ରନର ଲଢୁଆ ଇନିଂସ ଖେଳି ଭାରତର ସ୍କୋରକୁ ୧୭୦ ରନ୍‌ରେ ପହଞ୍ଚାଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୬ଟି ବଲ୍ ବାକି ଥାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅଷ୍ଟ୍ରେଲିଆ ପାଇଁ ଏଲିସ୍ ପେରି (୫୬ ରନ୍) ଏବଂ ଆସ୍ଲେ ଗାର୍ଡନର ୫୩ ରନ୍‌ର ଏକ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ।

ଏଲିସ୍ ପେରି ଏବଂ ଆସ୍ଲେ ଗାର୍ଡନରଙ୍କ ୧୦୦ ରନର ଭାଗୀଦାରି ଭାରତୀୟ ଦଳ ପାଇଁ ଏକ ବଡ଼ ଧକ୍କା ଦେଇଥିଲା। ଗୋଟିଏ ସମୟରେ ଅଷ୍ଟ୍ରେଲିଆ ୬୮ ରନରେ ୩ ୱିକେଟ ହରାଇଥିଲା। କିନ୍ତୁ ପରେ ପେରି ଏବଂ ଗାର୍ଡନରଙ୍କ ୧୦୦ ରନର ଭାଗୀଦାରି ଭାରତକୁ ବିଜୟରୁ ଦୂରେଇ ରଖିବାରେ ସାହାଯ୍ୟ କରିଥିଲା।

ମହିଳା ଟି୨୦ ବିଶ୍ୱକପ୍ ପ୍ରଥମେ ୨୦୦୯ ମସିହାରେ ଖେଳାଯାଇଥିଲା। ଏହାରି ମଧ୍ୟରେ ୧୭ ବର୍ଷ ଏବଂ ୧୦ ସଂସ୍କରଣ ବିତିଗଲାଣି। କିନ୍ତୁ ଭାରତ ଏପର୍ଯ୍ୟନ୍ତ ବିଶ୍ୱ ଚାମ୍ପିଅନ୍ ହୋଇପାରିନାହିଁ। ଟିମ୍ ଇଣ୍ଡିଆ କେବଳ ଥରେ ଫାଇନାଲ୍ ଖେଳିଛି। ୨୦୨୦ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆ ୮୫ ରନ୍‌ରେ ଭାରତକୁ ପରାସ୍ତ କରିଥିଲା। ଅଷ୍ଟ୍ରେଲିଆ ଏବେ ତା'ର ସପ୍ତମ ଟାଇଟଲ୍ ପାଇଁ ଗୋଟିଏ ପାଦ ନିକଟତର ହୋଇଛି।

ଅଷ୍ଟ୍ରେଲିଆ ସେମିଫାଇନାଲ୍ ପହଞ୍ଚିବାର ୧୦୦ ପ୍ରତିଶତ ରେକର୍ଡ ବଜାୟ ରଖିଛି। ୨୦୦୯ ମସିହାରୁ ଅଷ୍ଟ୍ରେଲିଆ ପ୍ରତ୍ୟେକ ଟି୨୦ ବିଶ୍ୱକପରେ ଅତି କମ୍‌ରେ ସେମିଫାଇନାଲ୍ ପହଞ୍ଚିଛି। ଅଷ୍ଟ୍ରେଲିଆ ସାତ ଥର ଫାଇନାଲ୍ ଖେଳିଛି ଏବଂ ଛଅ ଥର ଟ୍ରଫି ଜିତିଛି।

ଅନ୍ତର୍ଜାତୀୟ କ୍ରିକେଟରୁ ଏକାସଙ୍ଗେ ଅବସର ନେଲେ ୩ ଦିଗ୍‌ଗଜ ଖେଳାଳି

ନୂଆଦିଲ୍ଲୀ

ମହିଳା ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣର ଗ୍ରୁପ୍-ବି ର ଦୁଇଟି ଯାକ ସେମିଫାଇନାଲିଷ୍ଟ ଦଳ ସ୍ଥିର ହୋଇସାରିଛନ୍ତି। ଡିଫେଣ୍ଡିଂ ଚାମ୍ପିଅନ୍ ନ୍ୟୁଜିଲାଣ୍ଡର ଯାତ୍ରା ଶେଷ ହୋଇଛି। ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ଇଂଲଣ୍ଡଠାରୁ ଅପମାନଜନକ ପରାଜୟ ପରେ ନ୍ୟୁଜିଲାଣ୍ଡ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛି। ଏହି ଗ୍ରୁପ୍‌ରୁ ଇଂଲଣ୍ଡ ଏବଂ ୱେଷ୍ଟଇଣ୍ଡିଜ୍ ଟପ୍-୪ ରେ ପ୍ରବେଶ କରିଛନ୍ତି।

ଇଂଲଣ୍ଡ ହାତରୁ ମିଳିଥିବା ଏହି ପରାଜୟ ସହ ନ୍ୟୁଜିଲାଣ୍ଡର ୩ ଜଣ ଭେଟେରାନ ଖେଳାଳିଙ୍କ ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟର ଶେଷ ହୋଇଛି। ସୋଫି ଡିଭାଇନ୍, ସୁଜି ବେଟ୍ସ ଓ ଲିଆ ତାହୁହୁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ନ୍ୟୁଜିଲାଣ୍ଡ ଚାହୁଁଥିଲା ଯେ ଏହି ତିନି ଦିଗ୍‌ଗଜ ଖେଳାଳିଙ୍କୁ ବିଜୟ ସହ ବିଦାୟ ଦେବା ପାଇଁ, କିନ୍ତୁ ଏହାର ଓଲଟା ହେଲା। ଏହି ଖେଳାଳିଙ୍କ ଶେଷ ମ୍ୟାଚ୍‌ରେ ଦଳକୁ ଅପମାନଜନକ ପରାଜୟର ସାମ୍ନା କରିବାକୁ ପଡ଼ିଲା। ମ୍ୟାଚ୍ ଶେଷ ହେବା ପରେ ନ୍ୟୁଜିଲାଣ୍ଡ ଏବଂ ଇଂଲଣ୍ଡର ଖେଳାଳିମାନେ ଅବସର ନେଇଥିବା ଏହି ତିନି ଜଣ ଖେଳାଳିଙ୍କୁ 'ଗାର୍ଡ ଅଫ୍ ଅନର' ପ୍ରଦାନ କରିଥିଲେ। ଏହି ସମୟରେ ସୋଫି ଡିଭାଇନ୍, ସୁଜି ବେଟ୍ସ ଏବଂ ଲିଆ ତାହୁହୁଙ୍କ ଆଖି ଛଳଛଳ ହୋଇଯାଇଥିଲା। ଏହି ତିନି ମହାନ ଖେଳାଳି ଅତ୍ୟନ୍ତ ଭାବୁକ ହୋଇପଡ଼ିଥିଲେ।

ସିରିଜ୍ ହାରିଲା ବିଶ୍ୱ ଚାମ୍ପିଅନ୍ ଭାରତ : ୧ ରନ୍‌ରେ ଜିତିଲା ଆର୍ୟଲାଣ୍ଡ

ବେଲଫାଷ୍ଟ

ଭାରତ ଏବଂ ଆର୍ୟଲାଣ୍ଡ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳାର ଶେଷ ମୁକାବିଲା ରୋମାଞ୍ଚକର ହୋଇଛି। ବେଲଫାଷ୍ଟର ସିଭିଲ ସର୍ଭିସ କ୍ରିକେଟ କ୍ଲବରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଆର୍ୟଲାଣ୍ଡ ୧ ରନ୍‌ରେ ଜିତିଛି। ଏଥି ସହିତ ଘରୋଇ ଦଳ ଶୃଙ୍ଖଳାକୁ ୨-୦ରେ ଅକ୍ତିଆର କରିଛି। ଭାରତ ବିପକ୍ଷରେ ଶୃଙ୍ଖଳା ବିଜୟ ହାସଲ କରି ଆର୍ୟଲାଣ୍ଡ ଇତିହାସ ରଚିଛି। ପ୍ରଥମ ଟି-୨୦ରେ ଭାରତକୁ ଆର୍ୟଲାଣ୍ଡ ୩୪ ରନ୍‌ରେ ପରାସ୍ତ କରିଥିଲା।

ଭାରତୀୟ ଟିମ୍ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ଘରୋଇ ଦଳ ବ୍ୟାଟିଂ କରୁଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ୱିକେଟ୍ ହରାଇ ୧୫୪ ରନ୍ ସଂଗ୍ରହ କରିଥିଲା। ଭାରତକୁ ଏହି ମ୍ୟାଚ୍ ବିଜୟୀ ହେବା ପାଇଁ ୧୫୫ ରନ୍‌ର ଲକ୍ଷ୍ୟ ମିଳିଥିଲା। ଶ୍ରେୟସ ଆୟରଙ୍କ ଦଳ ୨୦ ଓଭରରେ ୯ଟି ୱିକେଟ୍ ହରାଇ ୧୫୩ ରନ୍ କରିଥିଲା।

ଆର୍ୟଲାଣ୍ଡ ପାଇଁ ଟିମ୍ ଟେକ୍ଟର ଏବଂ ରସ୍ ଆଦାଇର ବ୍ୟାଟିଂ ଆରମ୍ଭ କରିଥିଲେ। ଉଭୟ ପ୍ରଥମ ୱିକେଟ୍ ପାଇଁ ୧୭ ରନ୍ ସଂଗ୍ରହ କରିଥିଲେ। ଏହି ସ୍କୋରରେ ଟିମ୍ ଟେକ୍ଟରଙ୍କ ଯୋଗଦାନ ୫ ରନ୍ ଥିଲା। ସ୍କୋର ୨୧ ରନ୍‌ରେ ଭାରତର ଦ୍ୱିତୀୟ ଶିକାର ହୋଇଥିଲେ ଆଦାଇର, ଯିଏକି ବ୍ୟକ୍ତିଗତ ଭାବେ ୧୬ ରନ୍ କରିଥିଲେ। ସେହିପରି ଆର୍ୟଲାଣ୍ଡ ୪୮ ରନ୍‌ରେ ତୃତୀୟ ୱିକେଟ୍ ଭାବେ ଲୋର୍କାନ ଟକରଙ୍କୁ ହରାଇଥିଲା। ସେ ୧୮ଟି ବଲ୍ ଖେଳି ୨ଟି ଚୌକା ସହାୟତାରେ ୧୫ ରନ୍ ସଂଗ୍ରହ କରିଥିଲେ।

ଆର୍ୟଲାଣ୍ଡ ଚତୁର୍ଥ ୱିକେଟରେ ୬୫ ରନ୍‌ର ଭାଗିଦାରୀ କରିଥିଲା ଏବଂ ଏହି କାମ ହେରି ଟେକ୍ଟର ଏବଂ ବେଞ୍ଜାମିନଙ୍କ ଦ୍ୱାରା ସମ୍ଭବ ହୋଇଥିଲା। ବେଞ୍ଜାମିନ ୨୩ଟି ବଲ୍ ଖେଳି ୩ଟି ଚୌକା ଏବଂ ୨ଟି ଛକା ବଳରେ ବ୍ୟକ୍ତିଗତ ଭାବେ ୩୭ ରନ୍ ସଂଗ୍ରହ କରିଥିଲେ। ଆର୍ୟଲାଣ୍ଡ ପଞ୍ଚମ ୱିକେଟ ମଧ୍ୟ ୧୧୩ ରନ୍‌ରେ ହରାଇଥିଲା। ଗରେଥ ଡେଲାନି ଖାତା ଖୋଲି ନପାରି ପାଭିଲିଅନ ଫେରି ଯାଇଥିଲେ। ଜର୍ଜ ଡକରେଲ ଆଉଟ ହେବା ପୂର୍ବରୁ ୧୯ ରନ୍ ସଂଗ୍ରହ କରିଥିଲେ। ସେ ୧୪ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଥିଲେ।

ହେରି ଟେକ୍ଟର ଦଳ ପାଇଁ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୭ଟି ବଲ୍‌ର ସାମ୍ନା କରିଥିଲେ। ଏଥରୁ ୫ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ସେ ଭାରତର ୭ମ ଶିକାର ହୋଇଥିଲା ବେଳେ ଲିଆମ ମ୍ୟାକକାର୍ଥି ୮ମ ବ୍ୟାଟ୍ସମ୍ୟାନ୍ ଭାବେ ଆଉଟ୍ ହୋଇଥିଲେ। ଭାରତ ପକ୍ଷରୁ ପ୍ରିନ୍ସ ଯାଦବ ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଦ୍ରୁତ ବୋଲର ଅର୍ଶଦୀପ ଏବଂ ଶିଭମ ଦୁବେଙ୍କୁ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ହର୍ଷିତ ରାଣାଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଫାଇନାଲ୍‌ରେ ଶ୍ରୀକାନ୍ତ

ଫୁଲେର

ଭାରତୀୟ ତାରକା କିଦାମ୍ବି ଶ୍ରୀକାନ୍ତ ଚଳିତ ୟୁଏସ୍ ଓପନ୍ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ରବିବାର ପୁରୁଷ ଏକକ ସେମିଫାଇନାଲ୍‌ରେ ୨୦୨୧ ବିଶ୍ୱ ରୌପ୍ୟ ବିଜେତା ଶ୍ରୀକାନ୍ତ ୨୨-୨୦, ୧୫-୨୧, ୨୧-୧୯ରେ ବିଶ୍ୱର ୩୩ ନମ୍ବର ଜାପାନର ୟୁଦାଇ ଓକିମୋତୋଙ୍କୁ ପରାସ୍ତ କରିଥିଲେ।

କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌କୁ ୭୨ ମିନିଟ୍‌ରେ ଜିତି ଶ୍ରୀକାନ୍ତ ଚଳିତ ଋତୁରେ ପ୍ରଥମ ଫାଇନାଲ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି ବିଶ୍ୱର ପୂର୍ବତନ ଏକ ନମ୍ବର ଶ୍ରୀକାନ୍ତ। ଟ୍ରଫି ଲଢ଼େଇରେ ସେ ବିଶ୍ୱର ୪୬ ନମ୍ବର ଚାଇନିଜ୍ ତାଇପେଇର ସୁ ଲି ଯାଙ୍ଗଙ୍କୁ ଭେଟିବେ। ତେବେ ଯୁବ ଭାରତୀୟ ସଟଲର ରୌନକ ଚୌହାନଙ୍କ ଅଭିଯାନ ସେମିଫାଇନାଲ୍‌ରେ ଶେଷ ହୋଇଛି। ସେ ଯାଙ୍ଗଙ୍କୁ ୧୭-୨୧, ୧୯-୨୧ରେ ହାରିଯାଇଥିଲେ। ମହିଳା ଏକକ ସେମିଫାଇନାଲ୍‌ରେ ଷଷ୍ଠ ମାନ୍ୟତାପ୍ରାପ୍ତ ଦେବୀକା ସିହାଗ କଡ଼ା ସଂଘର୍ଷ କରି ୨୧-୧୫, ୧୧-୨୧, ୧୫-୨୧ରେ ଡେନ୍‌ମାର୍କର ଲିନେ ଖ୍ରିଷ୍ଟୋଫରସେନ୍‌ଙ୍କଠୁ ହାରି ବିଦାୟ ନେଇଛନ୍ତି।

ଭୁବନେଶ୍ୱର ଜାତୀୟ ଆଥଲେଟିକ୍ସ ଚାମ୍ପିଅନସିପ୍

ଅଞ୍ଜୁ ବବି ଜର୍ଜଙ୍କ ୨୨ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଲେ ଆନସି ସୋଜନ

ଭୁବନେଶ୍ୱର

କେରଳର ଲମ୍ଫ ଡିଆଁ ଖେଳାଳି ଆନସି ସୋଜନ ଜାତୀୟ ଆନ୍ତଃ-ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପ୍‌ର ଲଙ୍ଗ୍ ଜମ୍ପରେ ଅଞ୍ଜୁ ବବି ଜର୍ଜଙ୍କ ୨୨ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛନ୍ତି। ଅନ୍ୟପଟେ ଉଚ୍ଚ ଡିଆଁରେ ସର୍ବେଶ କୁଶାରେ ମଧ୍ୟ ଏକ ନୂଆ ନେସନାଲ ରେକର୍ଡ ସୃଷ୍ଟି କରିଛନ୍ତି। ୨୫ ବର୍ଷୀୟା ଆନସି ୬.୮୮ ମିଟର ଲମ୍ଫ ଡିଆଁ ମାରିଥିଲେ। ପୂର୍ବତନ ବିଶ୍ୱ ଚାମ୍ପିଅନସିପ୍ ପଦକ ବିଜେତା ଅଞ୍ଜୁଙ୍କ ରେକର୍ଡ ୬.୮୩ ମିଟର ଥିଲା, ଯାହାକୁ ସେ ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ସ୍ଥାପନ କରିଥିଲେ।

ଆନସି ସୋଜନ ଭାରତୀୟ ଆଥଲେଟିକ୍ସ ମହାସଂଘ ଦ୍ୱାରା ନିର୍ଦ୍ଧାରିତ ଏସିଆନ ଗେମ୍ସର ୬.୪୮ ମିଟରର କ୍ୱାଲିଫାଇଙ୍ଗ୍ ସ୍କୋରକୁ ମଧ୍ୟ ପଛରେ ପକାଇ ଦେଇଛନ୍ତି। ସେ ଚଳିତ ସିଜିନ୍‌ରେ ପୂର୍ବରୁ ୬.୭୫ ମିଟର ଡିଆଁ ମାରି ଦ୍ୱିତୀୟ ଏସୀୟ ଖେଳାଳି ହୋଇଥିଲେ। ଯାହାକି ତାଙ୍କର ପୂର୍ବ ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଉତ୍ତର ପ୍ରଦେଶର ଶୈଳୀ ସିଂ ୬.୬୭ ମିଟର ସହ ଦ୍ୱିତୀୟ ଏବଂ ଲାକ୍ଷାଦ୍ୱୀପର ମୁବାସିନା ମହମ୍ମଦ ୬.୫୩ ମିଟର ସହ ତୃତୀୟ ସ୍ଥାନରେ ରହିଥିଲେ ଏବଂ ଏହି ତିନିଜଣ ଯାକ ଏସିଆନ ଗେମ୍ସ ପାଇଁ କ୍ୱାଲିଫାଇଙ୍ଗ୍ ମାର୍କ ହାସଲ କରିଛନ୍ତି। କିନ୍ତୁ କେବଳ ଶୀର୍ଷ ଦୁଇ ଜଣଙ୍କୁ ହିଁ ଦଳରେ ସ୍ଥାନ ମିଳିବ। ଆନସି ସୋଜନ ନିଜର ଏହି ରେକର୍ଡ-ବ୍ରେକିଂ ସ୍ୱର୍ଣ୍ଣ ପଦକ ପ୍ରଦର୍ଶନକୁ ନିଜ ପିତାଙ୍କୁ ଉତ୍ସର୍ଗ କରିଛନ୍ତି।

ଏହା ପୂର୍ବରୁ ମହାରାଷ୍ଟ୍ରର ସର୍ବେଶ କୁଶାରେ ପୁରୁଷ ଉଚ୍ଚ ଡିଆଁରେ ୨.୩୧ ମିଟରର ଏକ ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି। ଗତବର୍ଷ ଟୋକିଓ ବିଶ୍ୱ ଚାମ୍ପିଅନସିପ୍‌ର ପୁରୁଷ ଉଚ୍ଚ ଡିଆଁ ଫାଇନାଲରେ ସ୍ଥାନ ପାଇଥିବା ପ୍ରଥମ ଭାରତୀୟ ହୋଇଥିବା କୁଶାରେ, ତେଜସ୍ୱିନ ଶଙ୍କରଙ୍କ ଦ୍ୱାରା ୨୦୧୮ରେ ସ୍ଥାପିତ ୨.୨୯ ମିଟରର ରେକର୍ଡକୁ ଭାଙ୍ଗିଛନ୍ତି। ସେ ବୈଶ୍ୱିକ ସିଜିନ୍ ର୍‍ୟାଙ୍କିଂରେ ମିଳିତ ଭାବେ ତୃତୀୟ ଏବଂ ଏସିଆରେ ଶୀର୍ଷ ସ୍ଥାନରେ ରହିଛନ୍ତି।

ରେକର୍ଡ ଭାଙ୍ଗିବା ପରେ ଆନସି ସୋଜନ କହିଛନ୍ତି, 'ଅଞ୍ଜୁ ଜଣେ ଭେଟେରାନ୍। ମୁଁ ଏତିକି କହିବି ଯେ ସେ ମୋର ପ୍ରେରଣାର ଉତ୍ସ ସାଜିଛନ୍ତି। ମୁଁ ତାଙ୍କ ଡିଆଁକୁ ଅନେକ ଥର ଦେଖିଛି ଏବଂ ମୁଁ ଜାଣେ ଯେ ସେ ଏଥିପାଇଁ କେତେ ପରିଶ୍ରମ କରିଥିବେ। ଆଶା କରୁଛି ମ୍ୟାଡାମ ଆଜି ଏହି ପ୍ରଦର୍ଶନରେ ନିଶ୍ଚୟ ଖୁସି ହୋଇଥିବେ।'

ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କଲେ ବେନ୍ ଷ୍ଟୋକ୍ସ

ନୂଆଦିଲ୍ଲୀ



ଇଂଲଣ୍ଡ କ୍ରିକେଟର ସବୁଠାରୁ ବଡ଼ ଷ୍ଟାର ତଥା ବର୍ତ୍ତମାନର ଟେଷ୍ଟ ଅଧିନାୟକ ବେନ୍ ଷ୍ଟୋକ୍ସ ଅନ୍ତର୍ଜାତୀୟ କ୍ରିକେଟରୁ ହଠାତ୍ ଅବସର ଘୋଷଣା କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଟ୍ରେଣ୍ଟ ବ୍ରିଜ୍‌ରେ ଖେଳାଯିବାକୁ ଥିବା ତୃତୀୟ ତଥା ନିର୍ଣ୍ଣାୟକ ଟେଷ୍ଟ ମ୍ୟାଚ୍ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଶେଷ ମ୍ୟାଚ୍ ହେବ ବୋଲି ଷ୍ଟୋକ୍ସ ଘୋଷଣା କରିଛନ୍ତି। ଏହାପରେ ସେ ଆଉ ଇଂଲଣ୍ଡ ଜର୍ସିରେ ଖେଳୁଥିବାର ନଜର ଆସିବେ ନାହିଁ। ନିକଟରେ ନାଇଟ୍‌କ୍ଲବ ବିବାଦ ଏବଂ ଟିମ୍ କର୍ଫ୍ୟୁ ଭାଙ୍ଗିବା ଯୋଗୁଁ ଗୋଟିଏ ମ୍ୟାଚ୍‌ର ବ୍ୟାନ୍ ସାମ୍ନା କରିବା ପରେ ପ୍ରତ୍ୟାବର୍ତ୍ତନ କରିଥିବା ଷ୍ଟୋକ୍ସ, ଏହି ମ୍ୟାଚ୍‌ର ଠିକ୍ ପୂର୍ବରୁ ଏଭଳି ଏକ ଭାବୁକ ତଥା ବଡ଼ ନିଷ୍ପତ୍ତି ନେଇଛନ୍ତି। ଏହାସହିତ ୨୦୨୨ ରୁ ଆରମ୍ଭ ହୋଇଥିବା ତାଙ୍କର ଟେଷ୍ଟ ଅଧିନାୟକତ୍ୱର ଯାତ୍ରା ମଧ୍ୟ ଏହି ମ୍ୟାଚ୍ ସହିତ ଶେଷ ହୋଇଯିବ।

ନ୍ୟୁଜିଲାଣ୍ଡର କ୍ରାଇଷ୍ଟଚର୍ଚ୍ଚରେ ଜନ୍ମିତ ଏବଂ କମ୍ବ୍ରିଆରେ ବଡ଼ ହୋଇଥିବା ବେନ୍ ଷ୍ଟୋକ୍ସଙ୍କ ଅନ୍ତର୍ଜାତୀୟ ଯାତ୍ରା ୨୦୧୧ ମସିହାରେ ହ୍ୱାଇଟ୍-ବଲ୍ (ସୀମିତ ଓଭର) କ୍ରିକେଟ୍‌ରୁ ଆରମ୍ଭ ହୋଇଥିଲା। ଏହାପରେ ଡିସେମ୍ବର ୨୦୧୩ ରେ ଆଡିଲେଡ୍ ଆସେସ୍ ଟେଷ୍ଟ ସମୟରେ ସେ ନିଜର ଟେଷ୍ଟ ଡେବ୍ୟୁ କରିଥିଲେ। ଷ୍ଟୋକ୍ସ ନିଜ କ୍ୟାରିୟରରେ ଅନେକ ଏଭଳି ମ୍ୟାଚ୍ ଜିତାଇଛନ୍ତି ଯାହା ଅସମ୍ଭବ ମନେହେଉଥିଲା। ୨୦୧୯ ଦିନିକିଆ ବିଶ୍ୱକପ୍ ଫାଇନାଲରେ ନ୍ୟୁଜିଲାଣ୍ଡ ବିପକ୍ଷରେ ତାଙ୍କର ଅପରାଜିତ ୮୪ ରନର ଇନିଂସ ମ୍ୟାଚକୁ ସୁପର ଓଭର ପର୍ଯ୍ୟନ୍ତ ନେଇଥିଲା, ଯେଉଁଠାରେ ଇଂଲଣ୍ଡ ଚାମ୍ପିଅନ୍ ହୋଇଥିଲା। ଏହାର ଠିକ୍ କିଛି ସପ୍ତାହ ପରେ ହେଡିଙ୍ଗ୍‌ଲେ ଆସେସ୍ ଟେଷ୍ଟରେ ତାଙ୍କର ୧୩୫ ରନର ଐତିହାସିକ ଅପରାଜିତ ଇନିଂସ ଇଂଲଣ୍ଡକୁ ପ୍ରାୟ ହାରିଯାଇଥିବା ଏକ ମ୍ୟାଚରେ ବିଜୟୀ କରାଇଥିଲା। ଏହା ବ୍ୟତୀତ ୨୦୨୨ ଟି-୨୦ ବିଶ୍ୱକପ୍ ବିଜୟ ଏବଂ ୨୦୧୬ ରେ କେପଟାଉନରେ ଖେଳିଥିବା ୨୫୮ ରନର ଇନିଂସ ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ଆକର୍ଷଣ ଥିଲା।

ବେନ୍ ଷ୍ଟୋକ୍ସଙ୍କ ଏହି ଆକସ୍ମିକ ନିଷ୍ପତ୍ତି ଉପରେ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡର ଅଧ୍ୟକ୍ଷ ରିଚାର୍ଡ ଥମ୍ପସନ ତାଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦେଇ କହିଛନ୍ତି, 'ବେନ୍ ଷ୍ଟୋକ୍ସ ଇଂଲଣ୍ଡର ଏପର୍ଯ୍ୟନ୍ତର ଜଣେ ମହାନ କ୍ରିକେଟର ଏବଂ ନିଜ ପିଢ଼ିର ସବୁଠାରୁ ବଡ଼ ନାୟକ ଭାବରେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହୁଛନ୍ତି। ଚାପ ସମୟରେ ତାଙ୍କର ପ୍ରଦର୍ଶନ ଏବଂ ପଡ଼ିଆରେ କେବେ ହେଲେ ହାର ନ ମାନିବାର ମନୋଭାବ କୋଟି କୋଟି ପ୍ରଶଂସକଙ୍କ ହୃଦୟରେ ସଦାସର୍ବଦା ଜୀବିତ ରହିବ। ସେ ଯୁବପିଢ଼ିକୁ ସକାରାତ୍ମକତା ଏବଂ ଆତ୍ମବିଶ୍ୱାସର ସହ କ୍ରିକେଟ୍ ଖେଳିବା ପାଇଁ ପ୍ରେରିତ କରିଛନ୍ତି। ଆଜି ଆମେ ଜଣେ ଚମତ୍କାର ବ୍ୟାଟ୍ସମ୍ୟାନ, ଜଣେ ଉତ୍କୃଷ୍ଟ ବୋଲର, ଜଣେ ନିର୍ଭୀକ ଅଧିନାୟକ ଏବଂ ଜଣେ ଚରିତ୍ରବାନ ଖେଳାଳିଙ୍କୁ ହରାଉଛୁ।'

୨୪ କେଜି ଗଞ୍ଜେଇ ଜବତ : ଅଟୋସହ ଜଣେ ଗିରଫ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ସହରର ମହାନଦୀ ବ୍ରିଜ୍ ଛକ ନିକଟରେ ଅବକାରୀ ବିଭାଗ ପକ୍ଷରୁ କରାଯାଇଥିବା ଚଢ଼ଉରେ ଏକ ଅଟୋରୁ ୨୪ କେଜି ଗଞ୍ଜେଇ ଜବତ କରାଯିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଅଟୋ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବରପାଇ ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡିଙ୍କ ନିର୍ଦ୍ଦେଶକ୍ରମେ ଅବକାରୀରେ ଇନ୍ସପେକ୍ଟର ସୁଧୀର କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ମହାନଦୀ ବ୍ରିଜ୍ ଛକ ନିକଟରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଏକ ଅଟୋରୁ ୨୪ କେଜି ଗଞ୍ଜେଇ ଜବତ କରାଯିବା ସହ ଅଟୋଟିକୁ ମଧ୍ୟ ଜବତ କରାଯାଇଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ। ଏହି ମାମଲାରେ ବୌଦ୍ଧ ଥାନା ଅନ୍ତର୍ଗତ ଜାମୁଖୋଲ୍ ଗ୍ରାମର ଅଟୋ ଚାଳକ ଯୁଗଳ ସୁନାଙ୍କୁ ଗିରଫ କରାଯାଇ ବୌଦ୍ଧ କୋର୍ଟକୁ ଚାଲାଣ କରାଯାଇଛି।

ଉଦ୍‌ଘାଟିତ ହେଲା ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ନୂଆ ଟାଉନ ହଲରେ 'ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ'ର ଉଦ୍‌ଘାଟନ କରିଥିଲେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଓ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା। ପ୍ରଦର୍ଶନୀରେ ମୋଟ ୨୨ଟି ଷ୍ଟଲ୍ ରହିଛି ଏବଂ ସେଥିମଧ୍ୟରୁ ୬ଟି ଷ୍ଟଲ୍ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିଛି। ପ୍ରଦର୍ଶନୀ କାର୍ଯ୍ୟକ୍ରମ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରଦର୍ଶନୀ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ସାଧାରଣ ପରିଚାଳିକା, ଜିଲ୍ଲା ଶିଳ୍ପ କେନ୍ଦ୍ର, ସୁବର୍ଣ୍ଣପୁର, ସୁଶ୍ରୀ ସୁଷମା କରାଳି ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିଲେ ମୁନିସିପାଲିଟି ଅଧ୍ୟକ୍ଷା ତାମାସୀ ତାମସ୍ମିତା ନାଏକ, ଏଲ୍.ଡି.ଏମ୍., ସୁବର୍ଣ୍ଣପୁର, କାର୍ତ୍ତିକେଶ୍ୱର ପଣ୍ଡା ଏବଂ ଡି.ଡି.ଏମ୍., ନାବାର୍ଡ, ଡ. ସତ୍ୟସ୍ୱରୂପ ବିଦାନ୍ତ। ପ୍ରଦର୍ଶନୀ ଅବସରରେ ଉଦ୍ୟୋଗୀତା, ଋଣ ସହାୟତା, ବ୍ୟାଙ୍କିଂ ସୁବିଧା, ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ଦକ୍ଷତା ବିକାଶ, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସଶକ୍ତିକରଣ ଏବଂ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ। ସେହିପରି ବିପଣନ, ବ୍ରାଣ୍ଡିଂ, ଡିଜିଟାଲାଇଜେସନ ଓ ଉଦ୍ୟୋଗିତା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହା ସହିତ ଉଦ୍ୟୋଗୀତା ବିଷୟ ଉପରେ ପ୍ରବନ୍ଧ, ବିତର୍କ, କୁଇଜ୍ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ। ପ୍ରଦର୍ଶନୀର ଶେଷ ଦିନରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସହିତ ସଫଳ ଉଦ୍ୟୋଗୀମାନଙ୍କୁ ସମ୍ମାନିତ କରାଯିବ। କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଥିଲା ଯେ ଦେଶରେ ୪୦ କୋଟି ଲୋକ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ଚାକିରି ପାଉଛନ୍ତି। ଏହି କ୍ଷେତ୍ରରେ ଗ୍ରାମୀଣ ଲୋକମାନେ ଅଧିକାଂଶ ଭାବରେ କାମ କରୁଛନ୍ତି। ଏହାଛଡ଼ା ଋଣରେ ମଧ୍ୟ ୮୦୦ କୋଟି ଟଙ୍କା ଏହି କ୍ଷେତ୍ରକୁ ଦିଆଯାଉଛି। ବିଧାୟକ ଶ୍ରୀ ଜଗଦଲା କହିଥିଲେ ଯେ ସରକାର ଜନସାଧାରଣଙ୍କର ଆୟ ବୃଦ୍ଧି କରିବା ପାଇଁ ଚେଷ୍ଟା କରୁଛନ୍ତି। ଏହି କ୍ଷେତ୍ରରେ ଆମେ ଆମର କୌଳିକ ବୃତ୍ତିର ବିକାଶ କରିପାରିବା।

ଏଟିପି ଚ୍ୟାଲେଞ୍ଜର : ଇଣ୍ଟାରୋ ଓପନ୍ ଜିତିଲେ ନଗଲ

ଟାର୍ଗୁ ମୁରେସ୍

ଭାରତୀୟ ଟେନିସ୍ ଖେଳାଳି ସୁମିତ ନଗଲ ୨ ବର୍ଷ ପରେ ନିଜର ପ୍ରଥମ ଏଟିପି ଚ୍ୟାଲେଞ୍ଜ ଟ୍ରଫି ଜିତିବାରେ ସକ୍ଷମ ହୋଇଛନ୍ତି। ଏଠାରେ ଆୟୋଜିତ ଇଣ୍ଟାରୋ ଓପନ୍ କ୍ଲେ କୋର୍ଟ ପ୍ରତିଯୋଗିତାର ଫାଇନାଲ୍‌ରେ ସେ ୬-୩, ୭-୫ ସେଟ୍‌ରେ ଫ୍ରେଞ୍ଚ ଓପନ୍ କ୍ୱାଲିଫାୟର ଫେଲିକ୍ସ ବାଲ୍‌ସଙ୍କୁ ପରାସ୍ତ କରିଥିଲେ। ଏଥି ସହ ନଗଲ ୨୦୨୪ ଜୁନ୍‌ରେ ହେଇବ୍ରୋନ୍ ଚ୍ୟାଲେଞ୍ଜର ପ୍ରତିଯୋଗିତା ପରେ ନିଜ ଟ୍ରଫି ମରୁଡ଼ିର ଅନ୍ତ ଘଟାଇଛନ୍ତି। ଏହା ୨୮ ବର୍ଷୀୟ ନଗଲଙ୍କ ସପ୍ତମ ଏଟିପି ଚ୍ୟାଲେଞ୍ଜର ଏକକ ମୁକୁଟ ଏବଂ କ୍ଲେ କୋର୍ଟରେ ପଞ୍ଚମ। ଏହି ଫାଇନାଲ୍ ବିଜୟରେ ନଗଲ ୭୫ ଏଟିପି ର୍‍ୟାଙ୍କିଂ ପଏଣ୍ଟ ପାଇଛନ୍ତି।

ବାରିପଦାକୁ ୧ ୱିକେଟରେ ହରାଇଲା ବାଲେଶ୍ୱର

ବାରିପଦା, ନ୍ୟୁଜ୍ ବ୍ୟୁରୋ

ସ୍ଥାନୀୟ ମଧୁବନ ମିନି ଷ୍ଟାଡ଼ିୟମ୍ ପଡ଼ିଆରେ ବାରିପଦା କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ବାଲେଶ୍ୱର କ୍ରିକେଟ ଏକାଡ଼େମୀ ଓ ବାରିପଦା କ୍ରିକେଟ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ୧୪ ବର୍ଷରୁ କମ୍ ଖେଳାଳିଙ୍କ ମଧ୍ୟରେ ଏକ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ବାଲେଶ୍ୱର ୧ ୱିକେଟରେ ବାରିପଦାକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ବାରିପଦା ୩୦ ଓଭରରେ ୭ ୱିକେଟ ହରାଇ ୧୪୩ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଅଂଶୁମାନ ସର୍ବାଧିକ ୬୮ ଓ ବିଶ୍ୱପ୍ରସାଦ ୧୫ ରନ କରିଥିବା ବେଳେ ବିପକ୍ଷ ଦଳର ମାନବ ତାଳଦି ୨ଟି ଓ ଆଶିଷ କାଦରୀ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ଉତ୍ତରରେ ବାଲେଶ୍ୱର ୨୨.୩ ଓଭରରେ ୯ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ଆୟୁଷ୍ମାନ ଦାସ ସର୍ବାଧିକ ୪୦ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ତନ୍ମୟ ୩ଟି ଓ ସଂକେତ ଚାକଳଦାର ୨ଟି ଉଇକେଟ ଅକ୍ତିଆର କରିଥିଲେ। ମିର ଆକବର ଅଲ୍ଲୀ ଓ ମହମ୍ମଦ ନାଫିସୁଲ ଖେଳ ପରିଚାଳନା କରିଥିବା ବେଳ ତାପସ ଦେ ସ୍କୋରିଙ୍ଗରେ ସହାୟତା ପ୍ରଦାନ କରିଥିଲେ। ଉଭୟ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ଯୁବ ଖେଳାଳିଙ୍କୁ ମ୍ୟାଚ ଖେଳିବାର ସୁଯୋଗ ଦେବାପାଇଁ ଏହି ଖେଳର ଆୟୋଜନ କରାଯାଇଥିଲା ବୋଲି ମୁଖ୍ୟ ଆୟୋଜକ ସୁଶାନ୍ତ କୁମାର ଦାସ ଓ ପୂର୍ବତନ ରାଜ୍ୟ ସ୍ତରୀୟ ଖେଳାଳି ସାଇବା ସିଂ ଜଣାଇଛନ୍ତି।

ବରିଷ୍ଠ ନାଗରିକ ସଂଘ ଦ୍ୱାରା ମହିଳା ସଦସ୍ୟାଙ୍କୁ ସ୍ୱାଗତ

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ଦ୍ୱାରା 'ବରିଷ୍ଠ ମହିଳା ସଦସ୍ୟା ସ୍ୱାଗତ ଉତ୍ସବ-୨୦୨୬ 'ମହା ଉଲ୍ଲାସରେ ପାଳିତ ହୋଇଯାଇଛି। ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ଓ ସାମୁହିକ ଓଁକାର ଉଚ୍ଚାରଣ ପରେ ସଭାରମ୍ଭ ହେଲା। ଏହି ଉତ୍ସବରେ ବରଗଡ଼ ସାଂସଦ ଶ୍ରୀମାନ ପ୍ରଦୀପ କୁମାର ପୁରୋହିତ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ମାନିନୀ ଭୋଇ, ଅଧ୍ୟକ୍ଷା, ଜିଲ୍ଲା ପରିଷଦ, ମୁକ୍ତା ସାହୁ, ଓଡିଶା ମହିଳା କମିଶନର ସଦସ୍ୟା ଓ ସୁମତୀ ପଣ୍ଡା, ଡେପୁଟି କଲେକ୍ଟର ବରଗଡ଼ ଯୋଗଦେଇ ଥିଲେ। ସଂଘ ସଭାପତି କେଦାର ମିଶ୍ର ସ୍ୱାଗତ ଭାଷଣ ସହିତ ମାତୃଶକ୍ତିର ଯୋଗଦାନ, ଭୂମିକା ସହ ଉଦ୍ଦେଶ୍ୟ ଜ୍ଞାପନ କଲେ। ସମ୍ପାଦକ ଗୋବିନ୍ଦ ଦାଶ ସଂଘ ବିଭିନ୍ନ କାର୍ଯ୍ୟ ଓ ଉପଲବ୍ଧି ସହ ଯୋଗଦେଇଥିବା ଜନପ୍ରତିନିଧିଙ୍କୁ ଆଗାମୀ ଦିନରେ ଏକ ସୁସ୍ଥ ସମାଜ ପାଇଁ ବରିଷ୍ଠଙ୍କୁ ସହଯୋଗ କରିବାପାଇଁ ଅନେକ ତଥ୍ୟ ଉପସ୍ଥାପନା କରିଥିଲେ। ଉପସଭାପତି ନିର୍ମଳ କିଶୋର କର, ସହ ସମ୍ପାଦକ ଆନନ୍ଦ ପ୍ରଧାନ, ବରିଷ୍ଠ ସଦସ୍ୟ ସର୍ଦ୍ଦାର ପ୍ରୀତମ ସିଂ ଅତିଥି ପରିଚୟ ସହ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ସ୍ମୃତିଚିହ୍ନ ପ୍ରଦାନରେ ସହଯୋଗ କରିଥିଲେ। ସଂଗଠନ ସମ୍ପାଦକ ଯୋଗେଶ ଦାଶଙ୍କ ସଂଯୋଜନାରେ ସାଂସଦ ପୁରୋହିତ ଉପସ୍ଥିତ ତିରିଶ ଜଣ ସଦସ୍ୟାଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ। ତାଙ୍କ ଅଭିଭାଷଣରେ ମାତୃଶକ୍ତିଙ୍କୁ ଏହି ସମ୍ବର୍ଦ୍ଧନା ଦେବା ପାଇଁ ସେ ଗର୍ବିତ ପ୍ରକାଶ କରିଥିଲେ। ସଂଘର ବିଭିନ୍ନ କାର୍ଯ୍ୟକ୍ରମ, ସକ୍ରିୟ ସହଯୋଗର ପ୍ରଶଂସା ଓ ଉତରୋତ୍ତର ଉନ୍ନତି କାମନା କରିଥିଲେ। ପରିଶେଷରେ ସାଂସଦ ପାଣ୍ଠିରୁ ପ୍ରଥମେ ପାଞ୍ଚ ଲକ୍ଷ୍ୟ ପ୍ରଦାନ ଘୋଷଣା କରିଥିଲେ। ପ୍ରତିଶୃତି ଦେଲେ ଜିଲ୍ଲା ସଂଘ ପାଇଁ ଏକ ଭବ୍ୟ କୋଠା ପାଇଁ ମଧ୍ୟ ପାଣ୍ଠି ଯୋଗାଇ ଦେବେ। ସମ୍ମାନିତ ଅତିଥି ମାନିନୀ ଭୋଇ ବରିଷ୍ଠମାନେ ପରିବାରର ମେରୁଦଣ୍ଡ। ତାଙ୍କର ସେବା ପାଇଁ ବ୍ୟକ୍ତିଗତ ଭାବେ ଓ ପରିଷଦ ଜରିଆରେ ସେ ଚେଷ୍ଟିତ ରହିବେ ବୋଲି ପ୍ରକାଶ କରିଥିଲେ। ଶ୍ରୀମତୀ ପଣ୍ଡା ବରିଷ୍ଠ ମାନେ ଏକ ଜୀବନ୍ତ ପାଠାଗାର, ତାଙ୍କର ସ୍ୱର ଓ ସମସ୍ୟାର ସମାଧାନ ଆମର ଯୋଜନାରେ ରୁପାୟିତ ହେବାରେ ସେ ଚେଷ୍ଟିତ ହେବେ। ବରିଷ୍ଠ ହତାଦର ଉପରେ ପ୍ରଶାସନର ବିଭିନ୍ନ ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର କର୍ମଶାଳା ଶୀଘ୍ର ସଂଘରେ ଆୟୋଜନ ପାଇଁ ଘୋଷଣା କରାଯାଇଥିଲା। ମୁକ୍ତା ସାହୁ ଆମ ରାଜ୍ୟରେ ବରିଷ୍ଠ ମହିଳାଙ୍କ ଉପରେ ଅତ୍ୟାଚାରର ଅନେକ ଦୃଷ୍ଟାନ୍ତ ଦେଇ, ଏପରି ଅଭିଯୋଗ ଅଣଦେଖା କରାଯିବ ନାହିଁ। କମିଶନ ଦ୍ୱାରା ତୁରନ୍ତ ନ୍ୟାୟ ପ୍ରଦାନରେ ସେ ପୂର୍ଣ୍ଣ ସହଯୋଗ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଏହି ଅବସରରେ ସାଂସଦ ଶ୍ରୀ ପୁରୋହିତ ସୁନୀତି ମୁଣ୍ଡଙ୍କୁ ସଂଘ ତରଫରୁ ବିଶିଷ୍ଟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶ୍ରୀମତୀ ମୁଣ୍ଡ ତାଙ୍କ ଅଭିଭାଷଣରେ ଉପସ୍ଥିତ ସଦସ୍ୟ ସଦସ୍ୟାମାନଙ୍କୁ ସୁସ୍ଥ ପାରିବାରିକ ଜୀବନ ପାଇଁ ନିଜର ସନ୍ତାନଙ୍କୁ ବଡ଼ ଲୋକ ନୁହଁ ବରଂ ଭଲ ଲୋକ ହେବା ପାଇଁ ଯତ୍ନବାନ ହେବାକୁ ଅନୁରୋଧ କରିଥିଲେ। ଉତ୍ସବରେ ସୁଶ୍ରୀ ଅଙ୍କିତା ସାହୁ ଓଡ଼ିଶୀ ଓ ସୁଶ୍ରୀ ସ୍ନିଗ୍ଧା ଷଡ଼ଙ୍ଗୀ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରିଥିଲେ ଓ ଦୁଇ କୁନି ଝିଅ ସହ ତାଙ୍କ ଗୁରୁ ଶ୍ରୀ କୁଶ ମଲ୍ଲିକ (ସାନ ସାର)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ସଦସ୍ୟ ସଦସ୍ୟା ଯୋଗଦେଇ ଥିଲେ। ଶେଷରେ ଉପସଭାପତି ଗୌନ୍ତିଆ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଦେବସ୍ନାନ ପୂର୍ଣ୍ଣିମାରେ ସାଧାରଣ ଜନସାଧାରଣଙ୍କ ପାଇଁ ସୁରକ୍ଷା ଓ ସୁବିଧା ସମ୍ବନ୍ଧୀୟ ସୂଚନା

ପୁରୀ, ନ୍ୟୁଜ ବ୍ୟୁରୋ

ଦେବସ୍ନାନ ପୂର୍ଣ୍ଣିମା ୨୦୨୬ ଅବସରରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଆଗମନ ହେବାକୁ ଥିବାରୁ, ସେମାନଙ୍କ ସୁରକ୍ଷା, ସୁବିଧା ଏବଂ ଶୃଙ୍ଖଳିତ ବ୍ୟବସ୍ଥା ପାଇଁ ପୁରୀ ପୋଲିସ ପକ୍ଷରୁ ବିଶେଷ ପ୍ରସ୍ତୁତି କରାଯାଇଛି । ପୁରୀ ଏସ୍ପି ପୁରୀ ପ୍ରତୀକ ସିଂ ଜନସାଧାରଣଙ୍କୁ ଆହ୍ୱାନ କରି କହିଛନ୍ତି ଯେ, ସମସ୍ତ ଭକ୍ତ ଓ ପର୍ଯ୍ୟଟକମାନେ ପୋଲିସ, ଲାଇଫ ଗାର୍ଡ ଓ ସ୍ୱେଚ୍ଛାସେବୀମାନଙ୍କ ନିର୍ଦ୍ଦେଶକୁ ପାଳନ କରି ସୁରକ୍ଷିତ ଓ ଶୃଙ୍ଖଳିତ ଭାବରେ ଉତ୍ସବରେ ସହଯୋଗ କରନ୍ତୁ । ଏସପି ପୁଣି କହିଛନ୍ତି, ପୁରୀ ସମୁଦ୍ର ବେଳାଭୂମିରେ ବୁଲିବା କିମ୍ବା ସମୁଦ୍ରରେ ଗାଧୋଇବା ସମୟରେ ପୁରୀ ପୋଲିସ, ଲାଇଫ୍ ଗାର୍ଡ ଓ ସ୍ୱେଚ୍ଛାସେବୀମାନଙ୍କ ନିର୍ଦ୍ଦେଶ ମାନନ୍ତୁ । କେବଳ ନିର୍ଦ୍ଧାରିତ ସୁରକ୍ଷିତ ଅଞ୍ଚଳରେ ସମୁଦ୍ର ସ୍ନାନ କରନ୍ତୁ । ଛୋଟ ଶିଶୁମାନଙ୍କୁ ସବୁବେଳେ ନିଜ ନଜରରେ ରଖନ୍ତୁ । ବେଳାଭୂମିକୁ ସ୍ୱଚ୍ଛ ରଖିବା ପାଇଁ ଡଷ୍ଟବିନ୍ ବ୍ୟବହାର କରନ୍ତୁ । ନିଜ ସାମଗ୍ରୀ ପ୍ରତି ସଚେତନ ରୁହନ୍ତୁ । ହାଲୁକା ପୋଷାକ ପିନ୍ଧନ୍ତୁ ଏବଂ ପର୍ଯ୍ୟାପ୍ତ ପାଣି ପିଇ ଶରୀରକୁ ହାଇଡ୍ରେଟେଡ୍ ରଖନ୍ତୁ । ସେହିପରି ଆପତକାଳୀନ ସହାୟତା ପାଇଁ ୧୧୨ କିମ୍ବା ଟୁରିଷ୍ଟ ହେଲ୍ପଲାଇନ ୬୩୭୦୯୬୭୧୦୦ ସହ ଯୋଗାଯୋଗ କରନ୍ତୁ । ଗଭୀର ସମୁଦ୍ର କିମ୍ବା ନିଷିଦ୍ଧ ଅଞ୍ଚଳକୁ ପ୍ରବେଶ କରନ୍ତୁ ନାହିଁ । ସମୁଦ୍ର ଉତ୍ତାଳ ଥିବାବେଳେ କିମ୍ବା ରେଡ୍ ଫ୍ଲାଗ୍ ସଚେତନତା ସମୟରେ ସ୍ନାନ କରନ୍ତୁ ନାହିଁ । ବେଳାଭୂମିରେ ମଦ୍ୟପାନ କରନ୍ତୁ ନାହିଁ । ଅବର୍ଜନା ଫିଙ୍ଗନ୍ତୁ ନାହିଁ ଓ ସରକାରୀ ସମ୍ପତ୍ତିର କ୍ଷତି କରନ୍ତୁ ନାହିଁ । ଅତ୍ୟଧିକ ଭିଡ଼ ଥିବା କିମ୍ବା ଅସୁରକ୍ଷିତ ସ୍ଥାନକୁ ଯିବାରୁ କ୍ଷାନ୍ତ ରୁହନ୍ତୁ । ସୁରକ୍ଷା ସମ୍ବନ୍ଧୀୟ ଘୋଷଣାକୁ ଅଣଦେଖା କରନ୍ତୁ ନାହିଁ ବୋଲି ପୁରୀ ଏସପି କହିଛନ୍ତି । ସରକାରୀ ଲକର / ଡିପୋଜିଟ୍ କାଉଣ୍ଟର ବ୍ୟବସ୍ଥା- ଦେବସ୍ନାନ ପୂର୍ଣ୍ଣିମା-୨୦୨୬ ଅବସରରେ ଭକ୍ତମାନଙ୍କ ସାମଗ୍ରୀର ସୁରକ୍ଷିତ ସଂରକ୍ଷଣ ପାଇଁ ପୁରୀ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ସରକାରୀ ଲକର / ଡିପୋଜିଟ୍ କାଉଣ୍ଟର ବ୍ୟବସ୍ଥା କରାଯାଇଛି । ଟେମ୍ପଲ ଅଫିସ ପଛପଟ, ଉତ୍ତର ଦ୍ୱାର, ପଶ୍ଚିମ ଦ୍ୱାର, ଦକ୍ଷିଣ ଦ୍ୱାର, ସୂର୍ଯ୍ୟ କମ୍ପ୍ଲେକ୍ସ, ମରିଚିକୋଟ ଛକ, ଟାଉନ ଥାନା, ମାର୍କେଟ ଛକ । ତେବେ ଭକ୍ତମାନଙ୍କୁ ଦର୍ଶନ କିମ୍ବା ସମୁଦ୍ର ବେଳାଭୂମିକୁ ଯିବା ସମୟରେ ନିଜର ମୂଲ୍ୟବାନ ସାମଗ୍ରୀ ସୁରକ୍ଷିତ ରଖିବା ପାଇଁ ସରକାରୀ ଲକର / ଡିପୋଜିଟ୍ କାଉଣ୍ଟର ବ୍ୟବହାର କରିବାକୁ ପୁରୀ ପୋଲିସ ଅପିଲ କରିଛି । ପୁରୀ ପୋଲିସର ନମ୍ବର ୮୭୬୩୧୯୯୪୦୦ ରେ ମଧ୍ୟ ସହାୟତା ମିଳିବ । ଜରୁରୀ ସହାୟତା ପାଇଁ ୧୧୨ ନମ୍ବରକୁ ଫୋନ କରନ୍ତୁ । ପୁରୀ ଏସ୍ପି ଶ୍ରୀ ପ୍ରତୀକ ସିଂ କହିଛନ୍ତି, 'ପୁରୀ ପୋଲିସ ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ ୨୪ ଘଣ୍ଟିଆ ପ୍ରତିବଦ୍ଧ । ସମସ୍ତଙ୍କ ସହଯୋଗରେ ଦେବସ୍ନାନ ପୂର୍ଣ୍ଣିମା ସୁରକ୍ଷିତ, ସୁସଂଗଠିତ ଓ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହେବ ।'

ରାତ୍ରିର ନିରବତାକୁ ଚିରି ପୁରୀ ଅଭିମୁଖେ ସାଇକେଲ ଯାତ୍ରା : ପର୍ଯ୍ୟଟନ ପ୍ରସାରରେ ସବୁଜ ବାର୍ତ୍ତା ଦେଲା 'ଟ୍ୱାଇଲାଇଟ୍ ଟୁର-୪'

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପରିବେଶ ସୁରକ୍ଷା, ସୁସ୍ଥ ଜୀବନଶୈଳୀ ଓ ପର୍ଯ୍ୟଟନର ପ୍ରସାରକୁ ନେଇ ଏକ ଅଭିନବ ପ୍ରୟାସରେ ଶନିବାର ରାତିରେ 'ରେସର୍ସ ଆଣ୍ଡ ରନର୍ସ କ୍ଲବ୍' ପକ୍ଷରୁ 'ଟ୍ୱାଇଲାଇଟ୍ ଟୁର-୪' ନାମରେ ଏକ ରାତ୍ରିକାଳୀନ ସାଇକେଲ ଯାତ୍ରା ଆୟୋଜିତ ହୋଇଥିଲା । ଜୁନ୍ ୨୭ ତାରିଖ ରାତିରେ ଭୁବନେଶ୍ୱରର କ୍ରାଉନ୍ ବସ୍ ଷ୍ଟପ୍‌ରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା । ପରେ ସମୁଦ୍ରକୂଳ ମାର୍ଗ ଦେଇ ସାଇକେଲ ଆରୋହୀମାନେ ପୁନର୍ବାର ଭୁବନେଶ୍ୱରକୁ ଫେରିଥିଲେ । ଆୟକର ବିଭାଗର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ସରୋଜ କୁମାର ମହାପାତ୍ରଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ରାତ୍ରି ଯାତ୍ରାରେ ପ୍ରାୟ ୩୦ ଜଣ ସାଇକେଲ ଆରୋହୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଶୃଙ୍ଖଳା, ପରସ୍ପର ସହଯୋଗ ଓ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ସମଗ୍ର ଯାତ୍ରା ସଫଳତାର ସହ ସମ୍ପନ୍ନ ହୋଇଥିଲା । ରାତ୍ରିର ଶୀତଳ ପରିବେଶ, ଖୋଲା ଆକାଶ ଓ ନିରବ ରାଜପଥ ସାଇକେଲ ଯାତ୍ରାକୁ ଏକ ନିଆରା ଅନୁଭୂତି ପ୍ରଦାନ କରିଥିଲା ।

ଏହି ସାଇକେଲ ଅଭିଯାନର ମୂଳ ଉଦ୍ଦେଶ୍ୟ ଥିଲା ସମାଜକୁ ଏହି ବାର୍ତ୍ତା ପହଞ୍ଚାଇବା ଯେ, ସାଇକେଲ କେବଳ ଏକ ଯାତାୟାତ ମାଧ୍ୟମ ନୁହେଁ; ବରଂ ଏହା ସୁସ୍ଥ ଜୀବନ, ପରିବେଶ ସୁରକ୍ଷା ଓ ସ୍ଥାୟୀ ପର୍ଯ୍ୟଟନର ଏକ ପ୍ରଭାବଶାଳୀ ଉପାୟ । ସାଇକେଲ ବ୍ୟବହାର ଦ୍ୱାରା କାର୍ବନ ନିର୍ଗମନ ହ୍ରାସ ପାଇବା ସହ ଶାରୀରିକ ସୁସ୍ଥତା ବୃଦ୍ଧି ପାଇଥାଏ ଏବଂ ରାଜ୍ୟର ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ପ୍ରକୃତି ସହ ଉପଭୋଗ କରିବାର ସୁଯୋଗ ମିଳିଥାଏ । ରେସର୍ସ ଆଣ୍ଡ ରନର୍ସ କ୍ଲବ୍ ପକ୍ଷରୁ ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ନେଇ ଏଭଳି ସଚେତନତାମୂଳକ ସାଇକେଲ ଅଭିଯାନ ଆୟୋଜନ କରିବାକୁ ଯୋଜନା ରହିଥିବା ଜଣାପଡ଼ିଛି । ପରିବେଶ ଅନୁକୂଳ ଯାତାୟାତ ଓ ସୁସ୍ଥ ଜୀବନଶୈଳୀ ପ୍ରତି ସାଧାରଣ ଲୋକଙ୍କୁ ଆକର୍ଷିତ କରିବା ଦିଗରେ ଏଭଳି ପଦକ୍ଷେପ ନିଶ୍ଚିତ ଭାବେ ଏକ ସକାରାତ୍ମକ ସାମାଜିକ ଆନ୍ଦୋଳନର ରୂପ ନେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସମୁଦ୍ରରୁ ଆକାଶ ପର୍ଯ୍ୟନ୍ତ ଆତ୍ମନିର୍ଭର...

ପ୍ରଧାନମନ୍ତ୍ରୀ ଆଗକୁ ଆସୁଥିବା ଗଣେଶ ପୂଜା ସମ୍ପର୍କରେ ନିଜର ମନ୍ତବ୍ୟ ରଖିଥିଲେ । ସେ କହିଥିଲେ, ପୂଜାପାଠ ଶେଷ ହେବା ପରେ ଆମେ ମାଟିମୂର୍ତ୍ତିକୁ ପାଣିରେ ବିସର୍ଜନ କରୁ ଏବଂ ଏହା ପାଣିରେ ମିଶିଯାଇଥାଏ । ଫଳରେ ଆମେ ପ୍ରକୃତି ପ୍ରତି ଆମର ଆସ୍ଥା ଓ କର୍ତ୍ତବ୍ୟ ନିର୍ବାହ କରିଥାଉ । ଆଗାମୀ ଗଣେଶ ପୂଜାରେ ମୂର୍ତ୍ତି ନିକଟସ୍ଥ ସ୍ଥାନୀୟ କାରିଗରଙ୍କଠାରୁ ନିଶ୍ଚିତ କିଣନ୍ତୁ । ଏହା ଦ୍ୱାରା ଆମେ 'ଭୋକାଲ ଫର୍ ଲୋକଲ୍' ହୋଇପାରିବା ଓ ନିଜର ଦାୟିତ୍ୱ ନିର୍ବାହ କରିପାରିବା । ଏହା ସହିତ ମୂର୍ତ୍ତି ମାଟିରୁ ତିଆରି ହୋଇଥିବା ଆବଶ୍ୟକ । ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ନିର୍ମିତ ମୂର୍ତ୍ତି କିଣିବାରୁ ବର୍ଜନ୍ତୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଆଜି ମହାପ୍ରଭୁଙ୍କ ସ୍ନାନଯାତ୍ରା...

ଚାହିଁ ରହିଛନ୍ତି କୋଟି କୋଟି ଜଗନ୍ନାଥ ପ୍ରେମି । ବେଶ ପାଇଁ ପ୍ରସ୍ତୁତି ଶେଷ ହୋଇଛି । ମୁଖ୍ୟତଃ କଦଳୀଗଛର ପାଟୁଆ, କଇଁଅ ଅଠା, ସୋଲ , ଜରି , କପଡ଼ା, ଲେସ ଆଦିକୁ ବ୍ୟବହାର କରି ମହାପ୍ରଭୁଙ୍କ ଗଜାନନ ବେଶ ପାଇଁ ପ୍ରସ୍ତୁତ ହୋଇଛି ବିଭିନ୍ନ ସାଜସଜା । ବିଶେଷକରି ରାଘବଦାସ ମଠ ପକ୍ଷରୁ ଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କର ଓ ଗୋପାଳତୀର୍ଥ ମଠ ତରଫରୁ ବଳଭଦ୍ରଙ୍କର ସେବା ଯୋଗାଇ ଦିଆଯାଇଥାଏ । ସେମାନେ ଏହାକୁ ଠାକୁରଙ୍କ ସେବା ଭାବରେ ଗ୍ରହଣ କରିଥାନ୍ତି । ପାରମ୍ପରିକ ସେବା ହୋଇଥିବାରୁ ପିଢ଼ି ଅନୁଯାୟୀ କାରିଗରମାନେ ହାତୀବେଶକୁ କରିଥାନ୍ତି ।

ଅକ୍ଷୟ ତୃତୀୟା ଠାରୁ ଏହି କାର୍ଯ୍ୟ ଆରମ୍ଭ ହୋଇ ସ୍ନାନ ପୁର୍ଣ୍ଣିମା ଦିନ ଶେଷ ହୋଇଥାଏ । ଏହି କାର୍ଯ୍ୟରେ ସୋଲ କାରିଗର, ଦର୍ଜି, ଚିତ୍ରକର ଓ ମାଳି ଏକତ୍ର ମିଳିମିଶି ନିୟମ ନିଷ୍ଠାରେ କାମ କରିଥାନ୍ତି । ସ୍ନାନ ପୂର୍ଣ୍ଣିମା ପାଇଁ ଚଳ ଚଞ୍ଚଳ ହୋଇଛି ଶ୍ରୀକ୍ଷେତ୍ର । ଜମିଲାଣି ଗହଳି ଚହଳି ।

ସୁପ୍ରିମକୋର୍ଟ କଲେଜିୟମର ସଦସ୍ୟ...

ହାଇଦ୍ରାବାଦରେ ହୋଇଥିଲା । ସେ ନିଜାମ କଲେଜ ହାଇଦ୍ରାବାଦରେ ଅର୍ଥଶାସ୍ତ୍ର, ରାଜନୀତି ବିଜ୍ଞାନ ଓ ପବ୍ଲିକ୍ ଆଡମିନେଷ୍ଟ୍ରେସନରେ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିଲେ । ପରେ ୧୯୮୮ ମସିହାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ଲ' ସେଣ୍ଟରରେ ଆଇନ ଅଧ୍ୟୟନ କରିଥିଲେ । ସେହିବର୍ଷ ସେ ଓକିଲ ରୂପେ କାମ ଆରମ୍ଭ କରିଥିବା ବେଳେ ହାଇଦ୍ରାବାଦ ହାଇକୋର୍ଟ, ସିଭିଲ କୋର୍ଟ ଓ ଟ୍ରିବ୍ୟୁନାଲରେ ପ୍ରାକ୍ଟିସ୍ ଆରମ୍ଭ କରିଥିଲେ । ପରେ ସେ ତାଙ୍କ ଓକିଲାତିକୁ ଦିଲ୍ଲୀ ସ୍ଥାନାନ୍ତରଣ କରିଥିବା ବେଳେ ସୁପ୍ରିମକୋର୍ଟରେ ଅନେକ ମାମଲା ପରିଚାଳନା କରିଛନ୍ତି, ଯେଉଁଥିରେ ସମ୍ବିଧାନ ପୀଠ ମାମଲା ମଧ୍ୟ ରହିଛି । ଜଷ୍ଟିସ୍ ନରସିମ୍ହାଙ୍କୁ ୩୧ ଅଗଷ୍ଟ ୨୦୨୧ରେ ସିଧାସଳଖ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତୀ ଦିଆଯାଇଥିଲା ।

ଶୃଙ୍ଖଳିତ ରଥଯାତ୍ରା ପାଇଁ...

ଠାରୁ ସିଂହଦ୍ୱାର ମଧ୍ୟରେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଅବସ୍ଥାପିତ କ୍ୟାମେରା ବ୍ୟତୀତ ଅନ୍ୟ କୌଣସି କ୍ୟାମେରା ବ୍ୟବହାର କରାଯିବ ନାହିଁ । ଏତଦ୍‌ବ୍ୟତୀତ ଚାରମାଳ କିମ୍ବା ରଥ ଉପରକୁ କୌଣସି କ୍ୟାମେରା ବା ମୋବାଇଲ ଫୋନ୍ ନେବା ସଂପୂର୍ଣ୍ଣ ନିଷେଧ । ଏହାକୁ କଡ଼ାକଡ଼ି ଭାବେ ପାଳନ କରାଯିବା ସହ ଏହାର ଖିଲାପକାରୀଙ୍କ ଠାରୁ ତୀକ୍ଷ୍ଣ ନଜର କ୍ୟାମେରା ବା ମୋବାଇଲ୍ ଫୋନ୍ ଜବତ କରାଯିବ । ଏହି ଖିଲାପକାରୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ରଥ ଉପରେ ପହଣ୍ଡି ପୂର୍ବରୁ ଶ୍ରୀଜୀଉମାନଙ୍କୁ ଲାଗି ହେଉଥିବା ଘଷା ଜଳ ଯେପରି ରଥ ଚଟାଣ କିମ୍ବା ଚାରମାଳ ଉପରେ ନ ପଡ଼େ ସେଥିପ୍ରତି ସେବକ ଓ ପ୍ରଶାସନ ଯତ୍ନବାନ ରହିବେ । ପାଦ ଖସିବା ଆଶଙ୍କାକୁ ଦୃଷ୍ଟିରେ ରଖି ଏହି ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଧ୍ୟାନ ଦିଆଯିବ । ପ୍ରତ୍ୟେକ ରଥ ପାଇଁ ପୃଥକ ପୃଥକ ଶୋଧ ଦଳ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗଠନ କରାଯିବ । ଏହି ଦଳମାନଙ୍କରେ ପ୍ରଶାସନିକ ଅଧିକାରୀ, ପୁଲିସ ଅଧିକାରୀ ମନ୍ଦିର ପୁଲିସ, ମାଜିଷ୍ଟ୍ରେଟ ମୁତୟନ ରହିବେ । ତାଳଧ୍ୱଜ ରଥର ଶୋଧ ଦଳ ଦାୟିତ୍ୱରେ ଏସ୍‌ପି, ଓଏସ୍‌ଡ଼ି(ସୁରକ୍ଷା) ଓ ଉପଜିଲ୍ଲାପାଳ ରହିବେ । ଦେବଦଳନ ରଥର ଶୋଧ ଦଳ ଦାୟିତ୍ୱରେ ଅତିରିକ୍ତ ଜିଲ୍ଲାପାଳ, ଅତିରିକ୍ତ ଏସ୍‌ପି, ଶ୍ରୀମନ୍ଦିରର ଜଣେ ଅଧିକାରୀ ରହିବେ । ନନ୍ଦିଘୋଷ ରଥର ଶୋଧ ଦଳ ଦାୟିତ୍ୱରେ ପୁରୀ ଜିଲ୍ଲାପାଳ, ନୀତି ପ୍ରଶାସକ ଓ ଉପଆରକ୍ଷୀ ଅଧୀକ୍ଷକ ରହିବେ । ପ୍ରତି ରଥର ଚାକମାଳ ତଳେ ଶୋଧଦଳ ମୁତୟନ ରହିବେ ଓ ଅନଧିକୃତ ବ୍ୟକ୍ତିଙ୍କୁ ରଥ ଉପରକୁ ଚଢ଼ିବାକୁ ଦେବେ ନାହିଁ । ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିକୁ ଯେପରି ବଡ଼ଦାଣ୍ଡରେ ସମବେତ ଅଗଣିତ ଭକ୍ତ ଓ ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ ସମସ୍ତେ ଅବାଧ ଦର୍ଶନ କରିପାରିବେ ସେଥିପ୍ରତି ସେବା ସମ୍ପୃକ୍ତ ସେବକମାନେ ଯତ୍ନବାନ ହେବେ ।

୨୨ ରାଜ୍ୟରେ ମୌସୁମୀ...

ମୃତ୍ୟୁ ଘଟିଛି । ରତଲାମରେ ବର୍ଷା ଯୋଗୁଁ ରାସ୍ତା ଓ ଅଣ୍ଡରବ୍ରିଜ ପାଣିରେ ବୁଡ଼ିଯାଇଛି । ଉତ୍ତର ପ୍ରଦେଶର ହମିରପୁରରେ ମଧ୍ୟ ବଜ୍ରପାତ ଯୋଗୁଁ ଜଣେ ଚାଷୀଙ୍କର ମୃତ୍ୟୁ ଘଟିଛି । ସୋମବାର ପର୍ଯ୍ୟନ୍ତ ଅରୁଣାଚଳ ପ୍ରଦେଶ, ମେଘାଳୟ, ମିଜୋରାମ, ତ୍ରିପୁରା, ନାଗାଲାଣ୍ଡ, ମଣିପୁର ଓ ଆସାମରେ ବର୍ଷା ପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆଲର୍ଟ ଜାରି କରାଯାଇଛି ।

ବିମାନ ଦୁର୍ଘଟଣା...

କରିଥିଲା ଓ ଜରୁରୀକାଳୀନ ଦଳ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହିତ ଦୁର୍ଘଟଣାସ୍ଥଳକୁ ନ ଯିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବିମାନଟି କିଛି ଲୋକଙ୍କୁ ନେଇ ସ୍କାଏଡାଇଭିଂ ଯାତ୍ରାରେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ଦୁର୍ଘଟଣାର କାରଣ ନିଶ୍ଚିତ କରିନାହାନ୍ତି । ବିମାନ ଦୁର୍ଘଟଣାର ତଦନ୍ତ ଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି । ବିମାନଟି ଏକ ପାରାଚୁଟ ପ୍ରଶିକ୍ଷଣ ସ୍କୁଲର ହୋଇଥିବାବେଳେ ଏଥିରେ ଜଣେ ପାଇଲଟ, ୭ ଜଣ ପ୍ରଶିକ୍ଷକ ଓ ୬ ଜଣ ପ୍ରଶିକ୍ଷାର୍ଥୀ ଥିଲେ ।

ମହାନଦୀରେ ଗାଧୋଇବା ବେଳେ...

ଯୋଗୁଁ ଜଳର ସ୍ରୋତ ସେମାନଙ୍କୁ ଭସାଇ ନେଇଥିଲେ । ତିନି ଜଣ ସାଙ୍ଗ ହଠାତ ନିଖୋଜ ହୋଇଯିବା ନେଇ ଅନ୍ୟମାନେ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ । ଉଦ୍ଧାର ପାଇଁ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଉଦ୍ୟମ ଜାରି ରଖିଛନ୍ତି । ତେବେ ଅନ୍ଧାର ହୋଇଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ପହଞ୍ଚିଥିଲା ।

ଭାରତ ଭଳି ଜଳୁଛି ଫ୍ରାନ୍ସ...

ଜରୁରୀକାଳୀନ ସେବା ଉପରେ ବଢ଼ୁଥିବା ଚାପ କମ୍ କରିବାକୁ ପ୍ରଶାସନ ପଦକ୍ଷେପ ନେଇଛି । ସାପ୍ତାହିକ ଛୁଟିରେ ସାର୍ବଜନୀନ ସ୍ଥାନରେ ମଦ ପିଇବା ଉପରେ ପ୍ରତିବନ୍ଧକ ଲାଗୁ କରାଯାଇଛି । ଏପରିକି ଶନିବାର ହେଉଥିବା ପେରିସ୍ ପ୍ରାଇଡ୍ ମାର୍ଚ୍ଚକୁ ମଧ୍ୟ ଘୁଞ୍ଚାଇ ଦିଆଯାଇଛି । ଗରମ ପାଇଁ ଏଫିଲ୍ ଟାୱାର ଓ ଲୋବରେ ମ୍ୟୁଜିୟମ୍ ଭଳି ପ୍ରସିଦ୍ଧ ସ୍ଥାନକୁ ସମୟ ପୂର୍ବରୁ ବନ୍ଦ କରାଯାଉଛି । ତାତିରୁ ମୁକ୍ତି ପାଇଁ ଲୋକେ ପାର୍କ ଓ ନଦୀ କୂଳରେ ଏକାଠି ହେଉଛନ୍ତି । ଗ୍ରୀଷ୍ମ ପ୍ରବାହର ପ୍ରଚଣ୍ଡ ରୂପ ଏବେ ସମଗ୍ର ୟୁରୋପରେ ଦେଖିବାକୁ ମିଳିଛି । ବ୍ରିଟେନ୍‌ରେ ମଧ୍ୟ ଅତ୍ୟଧିକ ଗରମ ଅନୁଭୂତ ହେଉଛି । ସ୍ପେନ ଓ ଜର୍ମାନୀରେ ମଧ୍ୟ ପାରଦ ୪୦ ଡିଗ୍ରୀ ଅତିକ୍ରମ କରିଛି । ବୈଜ୍ଞାନିକଙ୍କ ଅନୁସାରେ, ତାପମାତ୍ରା ବୃଦ୍ଧିର କାରଣ ଜଳବାୟୁ ପରିବର୍ତ୍ତନ । ମଣିଷ ପାଇଁ ଜଳବାୟୁ ପରିବର୍ତ୍ତନ ହେଉଛି, ଗ୍ରୀଷ୍ମ ପ୍ରବାହ ବଢ଼ୁଛି । ଏବେ ୟୁରୋପ ସବୁଠୁ ଭୀଷଣ ହିଟ୍‌ୱେଭ୍‌ର ସାମ୍ନା କରୁଛି ।

ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମରେ ସ୍ପେନରୁ ଫେରିଲା ଯୁବ ଇଞ୍ଜିନିୟରଙ୍କ ମରଶରୀର

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମରେ ସ୍ପେନରେ ମୃତ ଓଡିଆ ଯୁବ ଇଞ୍ଜିନିୟର ଦେବାଶିଷ ପ୍ରିୟଦର୍ଶୀ ସାହୁଙ୍କ ମରଶରୀର ଆଜି ତାଙ୍କ ବାସଭବନରେ ପହଂଚିଛି । ଦେବାଶିଷଙ୍କ ମରଶରୀର ଭାରତ ଫେରାଇ ଆଣିବାପାଇଁ ସ୍ପେନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ଶ୍ରୀ ପଣ୍ଡା ଏକ ପତ୍ର ଲେଖି ନିବେଦନ କରିଥିଲେ । ସୂଚନାଯୋଗ୍ୟ, ଭୁବନେଶ୍ୱରରେ ଅବସ୍ଥାପିତ କଟକ ଜିଲ୍ଲା ସାଲେପୁର ଅନ୍ତର୍ଗତ ଭଟିମୁଣ୍ଡା ଗ୍ରାମର ହୃଷୀକେଶ ସାହୁଙ୍କ ବଡ଼ ପୁଅ ଦେବାଶିଷ କୋଲକତା ଆଇ ବି ଏମ୍ ରେ କାର୍ଯ୍ୟରତ ଥିଲେ । ୨ ସପ୍ତାହ ପ୍ରଶିକ୍ଷଣ ପାଇଁ ଚଳିତ ମାସ ୧୪ ତାରିଖରେ ସ୍ପେନ ଗସ୍ତ କରିଥିଲେ । ହଠାତ ୧୬ ତାରିଖରେ କୌଣସି କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ଖବର କମ୍ପାନୀ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଜଣାଇଥିଲେ । ଦେବାଶିଷଙ୍କ ଅନ୍ତିମ ସଂସ୍କାର ପାଇଁ ମରଶରୀରକୁ ଭାରତ ଫେରାଇ ଆଣିବା ପାଇଁ ପରିବାର ଲୋକ ଶ୍ରୀ ପଣ୍ଡାଙ୍କୁ ଅନୁରୋଧ କରିଥିଲେ । ଅନୁରୋଧକ୍ରମେ, ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କ ସହ ଯୋଗାଯୋଗ କରି ଦେବାଶିଷଙ୍କ ମରଶରୀର ସ୍ୱଦେଶ ଫେରାଇ ଆଣିବା ପାଇଁ ନିବେଦନ କରିଥିଲେ । ରବିବାର ମରଶରୀର ଭୁବନେଶ୍ୱର ବାସଭବନରେ ପହଂଚିବା ପରେ ସାଂସଦ ଶ୍ରୀ ପଣ୍ଡାଙ୍କ କାର୍ଯ୍ୟାଳୟ ତରଫରୁ ବିଜେପି ମାହାଙ୍ଗା ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡ଼ାଇ ଅନ୍ତିମ ଦର୍ଶନ କରିବା ସହ ଶୋକସଂତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଦୂତାବାସର ତ୍ୱରିତ ପଦକ୍ଷେପ ପାଇଁ ଶ୍ରୀ ପଣ୍ଡା ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପଣ୍ଡାଙ୍କ ଉଦ୍ୟମ ଓ ସହଯୋଗ ପାଇଁ ପରିବାର ଲୋକ କୃତଜ୍ଞତା ଜଣାଇଛନ୍ତି ।

ଚନ୍ଦ୍ରିକା ମୃତ୍ୟୁ ମାମଲାରେ ନୂଆ ମୋଡ଼

ମୃତ୍ୟୁ ପୂର୍ବରୁ ଦୁଇ ଦିନ ପୁରୁଷ ବନ୍ଧୁଙ୍କ ସହ ହୋଟେଲରେ ରହିଥିବା ସୂଚନା

କଟକ, ୨୮/୦୬ ନ୍ୟୁଜ ବ୍ୟୁରୋ

ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ରହସ୍ୟଜନକ ମୃତ୍ୟୁ ମାମଲାର ତଦନ୍ତ ଯେତିକି ଆଗକୁ ବଢ଼ୁଛି, ସେତିକି ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି । ପୁଲିସ ସୂଚନା ଅନୁସାରେ, ଚନ୍ଦ୍ରିକା ମୃତ୍ୟୁର ଦୁଇ ଦିନ ପୂର୍ବରୁ, ଅର୍ଥାତ୍ ୨୭ ଓ ୨୮ ତାରିଖରେ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଭୁବନେଶ୍ୱରର ଇନଫିନିଟି ଥାନା ଅଞ୍ଚଳର ଏକ ହୋଟେଲରେ ରହିଥିଲେ । ହୋଟେଲର ରେଜିଷ୍ଟର, ରହଣିର ବିବରଣୀ ଏବଂ ସିସିଟିଭି ଫୁଟେଜ୍ ପୁଲିସ ଜବତ କରିଛି । ଉଭୟଙ୍କ ହୋଟେଲକୁ ଆସିବା, ଯିବା ଓ ସେଠାରେ ରହିବା ସମୟର ଗତିବିଧିକୁ ଯାଞ୍ଚ କରାଯାଉଛି । ଏହି ସମସ୍ତ ତଥ୍ୟକୁ ଆଧାର କରି ଘଟଣାର ପ୍ରକୃତ କାରଣ ଖୋଜିବାରେ ଲାଗିଛି ପୁଲିସ । ସେପଟେ ଘଟଣାରେ ଅଭିଯୁକ୍ତ ପୁରୁଷ ବନ୍ଧୁଙ୍କ ବିରୋଧରେ ସରକାର କଡ଼ା ପଦକ୍ଷେପ ନେଇଛନ୍ତି । ତାଙ୍କୁ ସରକାରୀ ଚାକିରିରୁ ସମ୍ପୂର୍ଣ୍ଣ ବହିଷ୍କୃତ କରାଯାଇଛି । ତେବେ ଚନ୍ଦ୍ରିକାଙ୍କ ମୃତ୍ୟୁର ପ୍ରକୃତ କାରଣ କ'ଣ, ଏହା ପଛରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ଏବଂ ହୋଟେଲରେ ରହିବା ସମୟର ଘଟଣାକ୍ରମ ମୃତ୍ୟୁ ସହ କିପରି ଜଡ଼ିତ—ସେସବୁ ପ୍ରଶ୍ନର ଉତ୍ତର ଖୋଜିବାକୁ ପୁଲିସ ତଦନ୍ତକୁ ଆହୁରି ତ୍ୱରାନ୍ୱିତ କରିଛି ।

ବେଦାନ୍ତ ପକ୍ଷରୁ ସରକାରୀ ରାଜକୋଷକୁ ୫ ଲକ୍ଷ କୋଟି ଟଙ୍କା ପ୍ରଦାନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଭାରତର ଅଗ୍ରଣୀ ବିବିଧ ପ୍ରାକୃତିକ ସଂପଦ କମ୍ପାନି ବେଦାନ୍ତ ଲିମିଟେଡ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ସରକାରୀ ରାଜକୋଷକୁ ୬୨,୭୨୨ କୋଟି ଟଙ୍କାର ଅବଦାନ ପ୍ରଦାନ କରାଯାଇଛି । କମ୍ପାନି ପକ୍ଷରୁ ଜାରି କରାଯାଇଥିବା ୧୧ତମ ଟିକସ ସ୍ୱଚ୍ଛତା ରିପୋର୍ଟ ଅନୁସାରେ ଏହି ଅବଦାନ ହେଉଛି କମ୍ପାନିର ପରିଚାଳନା ରାଜସ୍ୱର ୩୬ ପ୍ରତିଶତ ଯାହା ଭାରତର ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଏହି ଅବଦାନ ୧୩.୩ ପ୍ରତିଶତ ଅଧିକ ରହିଛି । ଏଥି ସହିତ ବିଗତ ୧୦ ବର୍ଷରେ ସରକାରୀ ରାଜକୋଷକୁ ବେଦାନ୍ତର ଅବଦାନ ପରିମାଣ ୪,୮୩,୦୩୪ କୋଟି ଟଙ୍କାରୁ ଅଧିକ ହୋଇଛି । ଆର୍ଥିକ ଶୃଙ୍ଖଳା, ରାଷ୍ଟ୍ର ଗଠନ ଓ ବିକଶିତ ଭାରତ ପ୍ରତି ସହାୟତା ପ୍ରତି କମ୍ପାନି ଅତୁଟ ଗୁରୁତ୍ୱ ପ୍ରଦାନ କରିଛି । ଜାତୀୟ ରାଜକୋଷକୁ ଅବଦାନ ଦେଉଥିବା ଶ୍ରେଷ୍ଠ ତିନି ଘରୋଇ କ୍ଷେତ୍ର କମ୍ପାନି ମଧ୍ୟରେ ବେଦାନ୍ତ ଗ୍ରୁପ ରହିଛି । ୨୦୨୫-୨୬ ଆର୍ଥିକ ବର୍ଷରେ ବେଦାନ୍ତ ଐତିହାସିକ ଆର୍ଥିକ ପ୍ରଦର୍ଶନ କରିଥିଲା । କମ୍ପାନିର ରାଜସ୍ୱ ୧୫ ପ୍ରତିଶତ ବୃଦ୍ଧି ପାଇ ୧,୭୪,୦୭୫ କୋଟି ଟଙ୍କା ହୋଇଥିଲା ଯାହା ତାହାର ଇତିହାସରେ ସର୍ବାଧିକ । ଏବିଟଡା ୨୯ ପ୍ରତିଶତ ବୃଦ୍ଧି ପାଇ ୫୫,୯୭୬ କୋଟି ଟଙ୍କା ଓ ଟିକସ ପରବର୍ତ୍ତୀ ଲାଭ (ପିଏଟି) ୨୨ ପ୍ରତିଶତ ବୃଦ୍ଧି ପାଇ ୨୫,୦୯୬ କୋଟି ଟଙ୍କା ହୋଇଛି । ଏବିଟଡାକୁ ନିଟ ଋଣ ୧.୨୨ଗୁଣାରୁ ୦.୯୫ ଗୁଣା ଭଳି ଉନ୍ନତ ସ୍ତରକୁ ଆସିଛି ଯାହା ଗତ ୧୪ଟି ତ୍ରୈମାସିକରେ ଶ୍ରେଷ୍ଠ । ଜିଙ୍କ ଆଧାରିତ ସିଲଭର, ଆଲୁମିନିୟମ, ତମ୍ବା, ଲୁହାପଥର, ଇସ୍ପାତ, ଶକ୍ତି, ନିକେଲ, କ୍ରୋମ ଏବଂ ତୈଳ ଓ ଗ୍ୟାସ ବ୍ୟବସାୟରେ ବେଦାନ୍ତ ଦୃଢ଼ ଆର୍ଥିକ ପ୍ରଦର୍ଶନ କରିଛି । ଜିଙ୍କର ଅବଦାନ ସର୍ବାଧିକ ୧୯,୦୫୩ କୋଟି ଟଙ୍କା, ଆଲୁମିନିୟମର ୧୫,୭୮୮ କୋଟି ଟଙ୍କା ଏବଂ ତୈଳ ଓ ଗ୍ୟାସ ବ୍ୟବସାୟର ଅବଦାନ ୧୧,୬୯୭ କୋଟି ଟଙ୍କା ରହିଛି । କମ୍ପାନି ପକ୍ଷରୁ ସରକାରୀ ରୟାଲଟି ଓ ଲାଭ ପେଟ୍ରୋଲିୟମ ବାବଦରେ ରାଜସ୍ଥାନ, ଓଡ଼ିଶା, ଗୁଜରାଟ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଗୋଆ, କର୍ଣ୍ଣାଟକ ଓ ଆସାମ ସରକାରଙ୍କୁ ୧୪,୮୪୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ଆୟ ଓ ପୁଞ୍ଜି ଉପରେ ୮୨୯୦ କୋଟି ଟଙ୍କାର ଟିକସ ଦିଆଯାଇଛି । ଏଥି ସହିତ ଗ୍ରୁପ ପକ୍ଷରୁ ଆମଦାନୀ ଓ ରପ୍ତାନୀ ଉପରେ ୫୯୮୦ କୋଟି ଟଙ୍କାର ଶୁଳ୍କ, ତୈଳ ସେସ/ଏନସିସିଡି ଭାବେ ୨୫୦୩ କୋଟି ଟଙ୍କା, ୧୨୫୨ କୋଟି ଟଙ୍କାର ବିଦ୍ୟୁତ ଶୁଳ୍କ ଓ ୧୬୬୩ କୋଟି ଟଙ୍କାର ଅଯୋଗ୍ୟ ଜିଏସଟି ଦିଆଯାଇଛି । ମୋଟ ଉପରେ ଅନ୍ୟାନ୍ୟ ଟିକସ ଭାବେ କମ୍ପାନି ୧୧,୮୯୭ କୋଟି ଟଙ୍କା ଦେଇଛି । ପରୋକ୍ଷ ଟିକସ ଆକାରରେ ୨୧,୭୭୭ କୋଟି ଟଙ୍କା ପ୍ରଦାନ କରାଯାଇଛି ଓ ୩,୧୮୮ କୋଟି ଟଙ୍କାର ୱିଥହୋଲଡିଂ ଟିକସ ଦିଆଯାଇଛି । ହିନ୍ଦୁସ୍ତାନ ଜିଙ୍କରେ ଭାରତ ସରକାରଙ୍କ ୨୭.୯୨ ପ୍ରତିଶତ ଅଂଶଧନ ଥିବାରୁ ସରକାରଙ୍କୁ ଲାଭାଂଶ ବାବଦରେ ୧୧୮୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ବେଦାନ୍ତର ବ୍ୟାପକ ପରିବେଶ, ସାମାଜିକ ଓ ପ୍ରଶାସନ (ଇଏସଜି) ଏଜେଣ୍ଡାର ମୂଳରେ ରହିଛି ଟିକସ ସ୍ୱଚ୍ଛତା ।

ବଜ୍ରାଘାତରେ ମା'-ଝିଅଙ୍କ ମୃତ୍ୟୁ

ରାଇଘର, ନ୍ୟୁଜ ବ୍ୟୁରୋ

ରାଇଘର ମୁଣ୍ଡିବେଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ନିନାଶପାଣୀ ଗ୍ରାମରେ ଏକ ହୃଦୟବିଦାରକ ଓ ଅଭାବନୀୟ ଘଟଣା ଘଟିଯାଇଛି । ବଜ୍ରାଘାତରେ ମା' ଓ ଝିଅଙ୍କ ଅକାଳ ମୃତ୍ୟୁ ଘଟିଥିବା ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି । ମୃତକ ଦୁଇଜଣ ହେଲେ ଦୈମତୀ ମୁଦୁଲି ଓ ତାଙ୍କ ଝିଅ ଚମ୍ପା ମୁଦୁଲି । ସୂଚନା ଅନୁସାରେ, ମା' ଦୈମତୀ ମୁଦୁଲି ଓ ଝିଅ ଚମ୍ପା ମୁଦୁଲି ନିଜ ଜମିରେ ଥିବା କୁସୁମ ଗଛରୁ କୁସୁମ କୋଳି ତୋଳିବା ପାଇଁ ଯାଇଥିଲେ । ସେହି ସମୟରେ ବର୍ଷା ସହ ଘଡ଼ଘଡ଼ି ଆରମ୍ଭ ହୋଇଥିଲା । କିଛି ସମୟ ପରେ ହଠାତ୍ ବଜ୍ରପାତ ହେବାରୁ ଉଭୟ ମା' ଓ ଝିଅ ଏହାର ଶିକାର ହୋଇଥିଲେ । ଘଟଣା ବିଷୟରେ ଖବର ପାଇ ସ୍ଥାନୀୟ ଲୋକମାନେ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଥିଲେ । ପରେ ଉଭୟଙ୍କୁ ଚିକିତ୍ସା ପାଇଁ ନେବାର ପ୍ରୟାସ କରାଯାଇଥିଲେ ମଧ୍ୟ ସେତେବେଳକୁ ଉଭୟଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା ।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ତ୍ରୁଟି ପ୍ରସଙ୍ଗ

ନୈତିକତା ଦୃଷ୍ଟିରୁ ୪୮ ଘଣ୍ଟା ମଧ୍ୟରେ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ: ବିଜେଡି

ଭୁବନେଶ୍ୱର , ନ୍ୟୁଜ ବ୍ୟୁରୋ

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ହୋଇଥିବା ତ୍ରୁଟି ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ନଷ୍ଟ କରିଛି । ପିଲାଙ୍କ ଭବିଷ୍ୟତ ସହିତ ଖେଳ ଖେଳିଛନ୍ତି ସରକାର । ମୁଖ୍ୟମନ୍ତ୍ରୀ ରାଜଧର୍ମ ପାଳନ କରିବାରେ ବିଫଳ ହୋଇଥିବା କହି କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ ।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳ ସଭାପତି ଶ୍ରୀ ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ, ପାଠ୍ୟପୁସ୍ତକରେ ତ୍ରୁଟି କେବଳ ଓଡ଼ିଶାରେ ନୁହେଁ ଜାତୀୟ ସ୍ତରର ଗଣମାଧ୍ୟମରେ ଶିରୋନାମା ପାଲଟିଛି । ଏହାଦ୍ୱାରା ଓଡ଼ିଶା ସାରା ଦେଶରେ ନିନ୍ଦିତ ହୋଇଛି । କେବଳ ଲୋକଦେଖାଣିଆ ଭାବେ ୫ ଜଣଙ୍କୁ ନିଲମ୍ବିତ କରି ଚୁପ୍ ହୋଇ ବସି ରହିଛନ୍ତି ସରକାର । ନୈତିକ ଦାୟିତ୍ୱ ନେଇ ଗଣଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରିଛି ।

ଶ୍ରୀ ଚିନ୍ମୟ ସାହୁ କହିଥିଲେ ଯେ, ନୂତନ ଏନଇପି-୨୦୨୦ ଆଧାରିତ ଓଡ଼ିଆ ପାଠ୍ୟପୁସ୍ତକରେ ହୋଇଥିବା ବ୍ୟାପକ ତ୍ରୁଟି କେବଳ ଏକ ପ୍ରଶାସନିକ ଭୁଲ ନୁହେଁ, ବରଂ ଓଡ଼ିଆ ଭାଷା, ସଂସ୍କୃତି, ଐତିହ୍ୟ ଏବଂ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉପରେ ଆକ୍ରମଣ । ଏହି ଘଟଣା ଜାତୀୟ ସ୍ତରରେ ମଧ୍ୟ ଓଡ଼ିଶାକୁ ଲଜ୍ଜିତ କରିଛି । ଏହା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ରାଜଧର୍ମ ପାଳନ କରି ବିଭାଗୀୟ ମନ୍ତ୍ରୀଙ୍କ ବିରୋଧରେ କୌଣସି ପଦକ୍ଷେପ ନେଇନାହାନ୍ତି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ପ୍ରାୟ ୧୭୬୮ଟି ତ୍ରୁଟି ଚିହ୍ନଟ ହୋଇଛି । ସେଥିରୁ ସର୍ବାଧିକ ୭୦୫ଟି ତ୍ରୁଟି କେବଳ ଅଷ୍ଟମ ଶ୍ରେଣୀର ପୁସ୍ତକରେ ରହିଛି । ବନାନ, ତଥ୍ୟ, ଭୂଗୋଳ, ଇତିହାସ, ସାହିତ୍ୟ, ବ୍ୟକ୍ତିତ୍ୱଙ୍କ ନାମ, ଭୁଲ୍ ଫଟୋ ଏବଂ ଭୁଲ ସ୍ଥାନ ସମ୍ପର୍କିତ ତ୍ରୁଟି ପରିଲକ୍ଷିତ ହୋଇଛି । କର୍ଣ୍ଣାଟକ ବିଧାନସଭାର ଫଟୋକୁ ଓଡ଼ିଶା ବିଧାନସଭା ବୋଲି ଦର୍ଶାଯାଇଥିବା ବେଳେ ନିୟମଗିରିକୁ ଝାଡ଼ଖଣ୍ଡରେ ଥିବା ଉଲ୍ଲେଖ କରାଯାଇଛି ଏବଂ ଗଞ୍ଜାମ ଜିଲ୍ଲାକୁ ବ୍ରହ୍ମପୁର ଜିଲ୍ଲା ବୋଲି ଲେଖିବା ସରକାରଙ୍କ ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ । ପୁସ୍ତକ ପ୍ରକାଶନରେ ପ୍ରାୟ ୩୮୦ କୋଟି ଟଙ୍କାର ଦୁର୍ନୀତି ହୋଇଛି । ତେଣୁ ଏହି ସମଗ୍ର ଘଟଣାର ସିବିଆଇ ତଦନ୍ତ କରାଯିବା ସହ ସମ୍ପୃକ୍ତ ସମସ୍ତ ଦୋଷୀ ଅଧିକାରୀ ଓ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।

ଇପ୍ସିତା ସାହୁ କହିଥିଲେ ଯେ, ତ୍ରୁଟିପୂର୍ଣ୍ଣ ପୁସ୍ତକ ବିଷୟରେ ଜାଣିବା ପରେ ସରକାରଙ୍କ ପ୍ରଥମ କାମ ଥିଲା ସେଗୁଡ଼ିକୁ ତୁରନ୍ତ ପ୍ରତ୍ୟାହାର କରିବା । କିନ୍ତୁ ସରକାର ତାହା ନକରି ଲକ୍ଷ ଲକ୍ଷ ପିଲାଙ୍କୁ ଭୁଲ ତଥ୍ୟ ପଢ଼ିବାକୁ ବାଧ କରିଛନ୍ତି । ଶିକ୍ଷକମାନଙ୍କୁ ପୁସ୍ତକ ସଂଶୋଧନ କରି ପଢ଼ାଇବାକୁ କହି ଦାୟିତ୍ୱହୀନତାର ପରିଚୟ ଦେଇଛନ୍ତି ସରକାର । ଏହି ଅକ୍ଷମଣୀୟ ତ୍ରୁଟି ପାଇଁ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ନୈତିକ ଦାୟିତ୍ୱ ନେଇ ୪୮ ଘଣ୍ଟା ମଧ୍ୟରେ ଇସ୍ତଫା ଦିଅନ୍ତୁ । ପ୍ରକାଶନରେ ଖର୍ଚ୍ଚ ହୋଇଥିବା ସରକାରୀ ଅର୍ଥ ସମ୍ପୃକ୍ତ ଦୋଷୀଙ୍କ ଠାରୁ ଆଦାୟ କରାଯାଉ । ତଦନ୍ତ ରିପୋର୍ଟକୁ ତୁରନ୍ତ ସାର୍ବଜନୀନ କରାଯାଉ । ନଚେତ ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ମିଳିତ ଭାବେ ରାଜ୍ୟବ୍ୟାପୀ ଗଣଆନ୍ଦୋଳନ କରିବ । ଘଟଣାରେ ସମ୍ପୃକ୍ତ ପ୍ରକୃତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନହେବା ପର୍ଯ୍ୟନ୍ତ ବିଜେଡିର ସଂଗ୍ରାମ ଜାରି ରହିବ ।

ପୂର୍ବତନ ସାଂସଦଙ୍କ ପୁଅ କହି ୫ କୋଟି ଠକେଇ ଅଭିଯୋଗରେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପୂର୍ବତନ ସାଂସଦଙ୍କ ପୁଅ କହି ଠକେଇ କରୁଛନ୍ତି ଜଣେ ହାଇ ପ୍ରୋଫାଇଲ୍ ଠକକୁ ଭୁବନେଶ୍ୱର ଇନ୍‌ଫୋସିଟି ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ନିଜକୁ ପୂର୍ବତନ ସାଂସଦ କୃପାସିନ୍ଧୁ ଭୋଇଙ୍କ ପୁଅ କହି ଠକୁଥିଲା । କାର୍ ସର୍ଭିସ୍ କମ୍ପାନୀ ନାମରେ ୫ କୋଟି ଠକେଇ ହୋଇଥିବା ନେଇ ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୋଲିସ୍ ତାକୁ ନେପାଳ ଓ ପଶ୍ଚିମବଙ୍ଗ ସୀମାରୁ ଗିରଫ କରି ଛାନଭିନ୍ କରୁଛି । ଏହାସହ ଓଡ଼ିଶା ବ୍ୟତୀତ ରାଜ୍ୟ ବାହାର ଠକେଇ ନେଇ ମଧ୍ୟ ଯାଞ୍ଚ କରୁଛି ପୋଲିସ ।

OFFICE OF THE NOTIFIED AREA COUNCIL, DHARMAGARH
DIST-KALAHANDI, PIN-766015
13001/1009/2627
'e'-Procurement NOTICE.
Bid Identification No. DHM/03/2026-27

The Executive Officer on behalf of DharmagarhNAC invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil works : **30 (Thirty) numbers**
2. Estimated Costs : **2.07 Lakh to 16.94 Lakh**
3. Period of completion : **As per NIT**
4. Date and time of availability of the bid documents in the portal : **From 11.00 A.M. of 2206.2026 to 05.00 PM of 08.07.2026**
5. Last Date/Time for receipt of bids in the portal : **05.00 PM of 08.07.2026**
6. Bids will be opened on : **11.00 AM of Dt. 09.07.2026**
7. Name and address of the officer inviting bid : **Executive Officer, DharmagarhNAC**

Sd/- Executive Officer
Dharmagarh NAC
OIPR-13001/13163/1/26-27/0009

Government of Odisha "e" Procurement Notice 25001/556/2627
Bid Identification No.01 of 2026-27

1	Number of Works :	98 Nos. of Works (Roads- 98 nos)
2	Estimated Cost (Aprox.):	₹5.03 to ₹41.95 lakh (Approx.)
3	Period of Completion :	Mentioned against NIT Table Col.06
4	Date & Time of availability of Bid documents in the Portal :	29/06/2026 at 11:00 Hrs.
5	Last date & time for receipt of Bids in the Portal :	13/07/2026 at 17:00 Hrs.
6	Date of Opening of Tender :	14/07/2026 5at 11:00 Hrs.
7	Name and address of the Officer Inviting Bid :	Executive Engineer, Rural Works Division, Jagatsinghpur

Further details can be seen from the Governmentwebsite:www.tendersorissa.gov.in

Sd/- Executive Engineer
OIPR-25001/25056/1/26-27/0002 Rurla Works Division, Jagatsinghpur

ଭୁବନେଶ୍ୱର, ୨୯ ଜୁନ୍, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

ଶ୍ରୀମନ୍ଦିର ଜଗମୋହନରେ ପୂଜା ପାଇବେ ପଟିଦିଅଁ

ପୁରୀ,୨୮/୦୬ ନ୍ୟୁଜ ବ୍ୟୁରୋ

ମହାପ୍ରଭୁଙ୍କ ସ୍ନାନଯାତ୍ରା ପରେ ଠାକୁରଙ୍କ ଅନବସର ସେବାପୂଜା ଆରମ୍ଭ ହେବ । ଶ୍ରୀମନ୍ଦିରରେ ଏହି ସମୟରେ ପୂଜାପାଇବେ ପଟିଦିଅଁ । ଜଗମୋହନରେ ବିଜେ ହେବେ ପଟିଦିଅଁ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀ ନାରାୟଣ, ଦେବୀ ସୁଭଦ୍ରାଙ୍କ ସ୍ଥାନରେ ଭୁବନେଶ୍ୱରୀ ଓ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବଙ୍କୁ ପଟିଦିଅଁରୂପେ ପୂଜା କରାଯାଏ। ଏଣୁ ଠାକୁରଙ୍କ ପାରମ୍ପରିକ ଚିତ୍ରକର ସେବକଙ୍କ ତୂଳୀରେ ରୂପ ନେଇଛନ୍ତି 'ପଟିଦିଅଁ'। ଅନବସରକାଳୀନ ଗୁପ୍ତ ପୂଜା ସମୟରେ ଶ୍ରୀବିଗ୍ରହ ଭକ୍ତଙ୍କୁ ଦର୍ଶନ ଦେଇନଥାନ୍ତି। ଏହି ସମୟରେ ପଟିଦିଅଁଙ୍କୁ ପୂଜାର୍ଚ୍ଚନା କରାଯାଏ । ଏଥିସହ ପଟିଦିଅଁ ଶ୍ରୀ ନାରାୟଣଙ୍କ ସମ୍ମୁଖରେ ମଦନମୋହନ ଓ କୃଷ୍ଣ ବିଗ୍ରହ, ମା' ଭୁବନେଶ୍ୱରୀଙ୍କ ସମ୍ମୁଖରେ ଭୂଦେବୀ ଓ ଶ୍ରୀଦେବୀ ଏବଂ ଶ୍ରୀଅନନ୍ତ ବାସୁଦେବଙ୍କ ସମ୍ମୁଖରେ ଦୋଳଗୋବିନ୍ଦ ଓ ନୃସିଂହଙ୍କ ପ୍ରତିମୂର୍ତ୍ତି ଅଧିଷ୍ଠିତ ହୋଇଥାନ୍ତି । ଭକ୍ତମାନେ ପଟିଦିଅଁଙ୍କୁ ଦର୍ଶନକରି ପୂଜାର୍ଚ୍ଚନା କରନ୍ତି । ଏଣୁ ଠାକୁରଙ୍କ ପାରମ୍ପରିକ ସେବକମାନେ ପଟିଦିଅଁଙ୍କୁ ପ୍ରସ୍ତୁତ କରିଛନ୍ତି । ପଟିଦିଅଁଙ୍କୁ ଶ୍ରୀମନ୍ଦିରରେ ବିଜେ କରାଯିବ ।

ମହାପ୍ରଭୁଙ୍କ ଶ୍ରୀଅଙ୍ଗର ସୁରକ୍ଷା ପାଇଁ ସେନାପଟା ଲାଗି ନୀତି ସମ୍ପନ୍ନ

ପୁରୀ, ୨୮/୦୬ ନ୍ୟୁଜ ବ୍ୟୁରୋ

ମହାପ୍ରଭୁଙ୍କ ଶ୍ରୀଅଙ୍ଗର ସୁରକ୍ଷା ପାଇଁ ଲାଗି ହୋଇଛି ସେନାପଟା। ମହାପ୍ରଭୁ ରଥାରୂଢ ହୋଇ ଶ୍ରୀଗୁଣ୍ଡିଚା ଯାତ୍ରା କରିବା ପୂର୍ବରୁ ସମ୍ପାଦନ ହୋଇଥାଏ ଅନେକ ନୀତି କାନ୍ତି । ସେଥିମଧ୍ୟରୁ ସ୍ନାନଯାତ୍ରା ଅନ୍ୟତମ, ଯାହାକୁ ମହାପ୍ରଭୁଙ୍କ ଆଦ୍ୟଯାତ୍ରା ମଧ୍ୟ କୁହାଯାଏ। ଏହାପୂର୍ବରୁ ମହାପ୍ରଭୁଙ୍କ ସେନାପଟା ଲାଗି ନୀତି ଅନୁଷ୍ଠିତ ହୋଇଥାଏ । ରବିବାର ମହାପ୍ରଭୁଙ୍କ ସେନାପଟା ଲାଗି ନୀତି ସମ୍ପନ୍ନ ହୋଇଛି । ସେନାପଟା ଅର୍ଥାତ୍ ସେନାପତି ଭଳି ପୋଷାକ ବା ଯୋଦ୍ଧା ପରି ପୋଷାକ ପିନ୍ଧିଛନ୍ତି। ପହଣ୍ଡି ହୋଇ ସୋମବାର ମଣିମା ସ୍ନାନମଣ୍ଡପକୁ ବିଜେ କରିବେ । ପହଣ୍ଡି ସମୟରେ ମଣିମାଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଏ ସେନାପଟା ଏକ ଢାଲ ସଦୃଶ କାର୍ଯ୍ୟ କରିଥାଏ। ମଣିମାଙ୍କ ଶରୀର ଲହୁଣୀ ଠାରୁ ବେଶୀ କୋମଳ...ପୁଣି ବଜ୍ର ଠାରୁ ବେଶୀ କଠିନ . . . ସେ ଅଚଳ ମହାମେରୁ ପୁଣି ତାଙ୍କ ସ୍ୱଇଚ୍ଛାରେ ସେ ତାଙ୍କ ଭକ୍ତଙ୍କ ଅଧିନ ହୋଇ ଛେଚି କୁଟି ହେଇ ଭକ୍ତଙ୍କ କାନ୍ଧରେ ପହଣ୍ଡି ହୋଇ ଯାଆନ୍ତି । ତେଣୁ ଶ୍ରୀଅଙ୍ଗକୁ କିପରି ବାଧା ନ ଆସେ ଏଥିପାଇଁ ପହଣ୍ଡି ପୂର୍ବରୁ ପାଟପତନି ଦିଆଯାଇ ଏକ ସେନାପଟା ଲାଗି ରୂପେ ସ୍ୱତନ୍ତ୍ର ବସ୍ତ୍ର ପରିଧାନ କରାଯାଏ । ବଉଳ କାଠରେ ଏକ ସ୍ୱତନ୍ତ୍ରଭାବେ କବଚ୍ ସଦୃଶ ଶ୍ରୀଅଙ୍ଗକୁ ଆଚ୍ଛାଦିତ କରାଯାଇଥାଏ। ପତି ମହାପାତ୍ର ଓ ଦଇତାପତି ସେବକମାନଙ୍କ ଦ୍ୱାରା ଏ ସ୍ୱତନ୍ତ୍ର ସେନାପଟା ଲାଗି ବେଶ ସମ୍ପନ୍ନ ହୋଇଛି । ସ୍ନାନଯାତ୍ରା ଓ ଶ୍ରୀଗୁଣ୍ଡିଚା ଯାତ୍ରାରେ ମହାପ୍ରଭୁଙ୍କୁ ଦଇତାପତି ସେବାୟତମାନେ ପହଣ୍ଡି କରି ନେବାବେଳେ ମହାପ୍ରଭୁଙ୍କ ଶ୍ରୀଅଙ୍ଗର ସୁରକ୍ଷା ପାଇଁ ସେନାପଟା ଓ ବାହୁଟ କଣ୍ଠ ନୀତି ହୋଇଥାଏ। ଏହା ଏକ ଗୁପ୍ତନୀତି ହୋଇଥିବାରୁ ଶ୍ରୀମନ୍ଦିରର ପରମ୍ପରା ଅନୁଯାୟୀ କେବଳ ଦଇତାପତି ସେବାୟତମାନେ ଏହି ନୀତି ସମ୍ପାଦନ କରନ୍ତି । ସାକ୍ଷୀଗୋପାଳର ବକୁଳ ବନରୁ ସଂଗୃହିତ ବଉଳ କାଠ ଚିରଟ କରାଯାଇ ସେଥିରେ ଶ୍ରୀମନ୍ଦିର ବିଶ୍ୱକର୍ମା ସେବାୟତ ବାହୁଟ ଓ ସେନାପଟା ପ୍ରସ୍ତୁତ କରନ୍ତି । ସାକ୍ଷୀଗୋପାଳକୁ ମହାପ୍ରଭୁଙ୍କ ଅଜାଘର ବୋଲି ମଧ୍ୟ କୁହାଯାଏ ।

ମହାପ୍ରଭୁ ଅଲାରନାଥଙ୍କ ପୀଠରେ ଟ୍ରାଫିକ୍ କଟକଣା

୩୦ରୁ ୧୩ ଯାଏଁ ଭାରୀ ଯାନ ଚଳାଚଳ ମନା

ପୁରୀ,୨୮/୦୬ ନ୍ୟୁଜ ବ୍ୟୁରୋ

ଦେବସ୍ନାନ ପୂର୍ଣ୍ଣିମା ପରବର୍ତ୍ତୀ ମହାପ୍ରଭୁ ଅଲାରନାଥଙ୍କ ଯାତ୍ରା ଅବସରରେ ଭାରୀ ଯାନ ଚଳାଚଳ ଉପରେ କଟକଣା ଲଗାଇଛି ପ୍ରଶାସନ। ଏଥିସହିତ ଶୃଙ୍ଖଳିତ ଦର୍ଶନ ନିମନ୍ତେ ପୁଲିସ୍ ମୁତୟନ, ଅଣସର ଦର୍ଶନ ୧୫ ଦିନ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ତିନୋଟି ସ୍ଥାନରେ ପାର୍କିଂ ସହ ସିସିଟିଭି କ୍ୟାମେରା, ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବାହ୍ୟ ଭୋଗ ନିମନ୍ତେ ଶ୍ରୀଗଣେଶଙ୍କ ନିକଟରେ ଭୋଗ ମଣ୍ଡପ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିକିତ୍ସା କେନ୍ଦ୍ର ସହ ଡାକ୍ତର ରହିବା ବ୍ୟବସ୍ଥା, ଅଗ୍ନିଶମ ବିଭାଗ ପକ୍ଷରୁ ସତର୍କତା ବ୍ୟବସ୍ଥା, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ତରଫରୁ ପାନୀୟ ଜଳର ସୁବନ୍ଦୋବସ୍ତ ଏବଂ ଅସ୍ଥାୟୀ ପାଇଖାନା ନିର୍ମାଣର ସମୀକ୍ଷା କରି ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ । ଦେବସ୍ନାନ ପୂର୍ଣ୍ଣିମା ପ୍ରସ୍ତୁତି ବୈଠକରେ ଗୃହୀତ ନିଷ୍ପତ୍ତି ଅନୁଯାୟୀ, ଚଳିତ ବର୍ଷ ମହାପ୍ରଭୁ ଅଲାରନାଥଙ୍କ ଯାତ୍ରା ଅବସରରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦିବ୍ୟ ଜ୍ୟୋତି ପରିଡା ଦ୍ରବ୍ୟ ବହନକାରୀ ବଡ଼ ଯାନ ଚଳାଚଳ ଉପରେ ଅସ୍ଥାୟୀ ପ୍ରତିବନ୍ଧକ ଜାରି କରିଛନ୍ତି । ଏହି ପ୍ରତିବନ୍ଧକ ୩୦ ଜୁନ ୨୦୨୬ ଠାରୁ ୧୩ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବଳବତ୍ତର ରହିବ । ପ୍ରତିବନ୍ଧିତ ରୁଟ୍ ଗୁଡ଼ିକ ହେଉଛି ମଙ୍ଗଳା ଘାଟ ଠାରୁ ସାତପଡ଼ା ଏବଂ ଖଜୁରିଆ ଠାରୁ ବ୍ରହ୍ମଗିରି ମାର୍କେଟ ଛକ । ଏହି ନିର୍ଦ୍ଦେଶନାମା ମୋଟର ଯାନ ଆଇନ-୧୯୮୮ର ଧାରା ୧୧୫ ଏବଂ ଓଡ଼ିଶା ମୋଟର ଯାନ ନିୟମାବଳୀ-୧୯୯୩ର ନିୟମ ୧୭୩ ଅନୁଯାୟୀ ଜାରି କରାଯାଇଛି। ଜନସାଧାରଣ ଏବଂ ସମସ୍ତ ଭାରୀ ଯାନ ଚାଳକଙ୍କୁ ଉକ୍ତ ସମୟରେ ବିକଳ୍ପ ମାର୍ଗ ବ୍ୟବହାର କରି ପ୍ରଶାସନକୁ ସହଯୋଗ କରିବା ପାଇଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି ।

ଗୃହ ହସ୍ତାନ୍ତରରେ ବିଳମ୍ବ ହେଲେ କ୍ରେତା କ୍ଷତିପୂରଣ ଦାବି କରିପାରିବେ

ନୂଆଦିଲ୍ଲୀ,୨୮।୬

ଗୃହ କ୍ରେତା ଫ୍ଲାଟ୍‌ର ଦଖଲ ପାଇବା ପରେ ମଧ୍ୟ ହସ୍ତାନ୍ତରରେ ହୋଇଥିବା ବିଳମ୍ବ ପାଇଁ କ୍ଷତିପୂରଣ ଦାବିର ନ୍ୟାୟିକ ସମାଧାନ ଚାହିଁପାରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସର୍ବୋଚ୍ଚ ଅଦାଲତ ଜାତୀୟ ଗ୍ରାହକ ବିବାଦ ସମାଧାନ ଆୟୋଗ (ଏନ୍‌ସିଡିଆରସି)ଙ୍କ ୨୦୧୬ର ଏକ ନିର୍ଦ୍ଦେଶକୁ ରଦ୍ଦ କରିଦେଇଛନ୍ତି। ଏନ୍‌ସିଡିଆରସି ତାଙ୍କ ରାୟରେ କହିଥିଲେ ଯେ, ଅଭିଯୋଗକାରୀ ବିନା କୌଣସି ପ୍ରତିବାଦରେ ଫ୍ଲାଟ୍‌ର ଦଖଲ ନେଇସାରିଥିବାରୁ, ବିଳମ୍ବରେ ହସ୍ତାନ୍ତର ହେତୁ ସେବାରେ ତ୍ରୁଟି ଦର୍ଶାଇ ଅଭିଯୋଗ ଦାଖଲ କରିବା ସମୟରେ ସେ ଆଉ ଜଣେ ଗ୍ରାହକ ନଥିଲେ। ଏନ୍‌ସିଡିଆରସିଙ୍କ ରାୟକୁ ଚ୍ୟାଲେଞ୍ଜ କରି ଜଣେ ଗୃହ କ୍ରେତା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ବିକ୍ରମ ନାଥ ଏବଂ ଭି. ମୋହନାଙ୍କ ଖଣ୍ଡପୀଠ ଏହାର ଶୁଣାଣି କରି ଉପରୋକ୍ତ ରାୟ ଦେଇଛନ୍ତି। ଆବେଦନକାରୀ ୨୦୦୩ ଜାନୁଆରୀରେ ଦିଲ୍ଲୀର ଏକ ସମବାୟ ଗୃହ ନିର୍ମାଣ ସମିତିର ସଦସ୍ୟ ହୋଇଥିଲେ ଏବଂ ତାଙ୍କୁ ଏକ ଫ୍ଲାଟ୍ ଆବଣ୍ଟନ କରାଯାଇଥିଲା। ତେବେ ବିଳମ୍ବିତ ଦଖଲ ପାଇଁ କ୍ଷତିପୂରଣ ଦାବି ସ୍ୱାଭାବିକ ଭାବେ ପ୍ରକୃତ ଦଖଲ ମିଳିବା ପୂର୍ବର ସମୟ ପାଇଁ ହିଁ ଉପୁଜିଥାଏ ବୋଲି ଖଣ୍ଡପୀଠ କହିଛନ୍ତି। ପରବର୍ତ୍ତୀ ସମୟରେ ଦଖଲ ପାଇବା ମାତ୍ରେ କଥିତ ବିଳମ୍ବ ପାଇଁ କ୍ଷତିପୂରଣ ଦାବିର ନ୍ୟାୟିକ ସମାଧାନ ଆବଣ୍ଟନକାରୀଙ୍କର ଥିବା ଅଧିକାର ଆପେ ଆପେ ଶେଷ ହୋଇଯିବ ନାହିଁ। ଆବେଦନକାରୀ ଫ୍ଲାଟ୍ ହସ୍ତାନ୍ତରରେ ବିଳମ୍ବ ଯୋଗୁ ସେବାରେ ତ୍ରୁଟି ଦର୍ଶାଇ ଜିଲ୍ଲା ଗ୍ରାହକ ଫୋରମ୍‌ରେ ଅଭିଯୋଗ ଦାଖଲ କରିଥିଲେ। ଜୁଲାଇ ୨୦୦୯ରେ ଜିଲ୍ଲା ଫୋରମ୍ ଉଭୟ ପକ୍ଷଙ୍କୁ ମଧ୍ୟସ୍ଥତା ପାଇଁ ପଠାଇଥିଲେ ଏବଂ ଏହି ଆଦେଶକୁ ଫେବୃଆରୀ ୨୦୧୩ରେ ଦିଲ୍ଲୀ ରାଜ୍ୟ ଗ୍ରାହକ ବିବାଦ ସମାଧାନ ଆୟୋଗ କାଏମ ରଖିଥିଲେ। ପରେ ଆବେଦନକାରୀ ଏନ୍‌ସିଡିଆରସିଙ୍କ ଦ୍ୱାରସ୍ଥ ହୋଇଥିଲେ, ଯିଏ ଜାନୁଆରୀ ୨୦୧୬ରେ ତାଙ୍କର ସଂଶୋଧନ ଆବେଦନକୁ ଖାରଜ କରିଦେଇଥିଲେ। ଖଣ୍ଡପୀଠ ଉପଭୋକ୍ତା ସୁରକ୍ଷା ଆଇନ, ୧୯୮୬ର ସନ୍ଦର୍ଭ ଦେଇ କହିଛନ୍ତି, ଏହା ଏକ ଜନକଲ୍ୟାଣକାରୀ ଆଇନ, ଯାହାର ଉଦ୍ଦେଶ୍ୟ ହେଉଛି ସାମଗ୍ରୀରେ ତ୍ରୁଟି କିମ୍ବା ସେବାରେ ଅଭାବ ବିଷୟରେ ଅଭିଯୋଗ କରୁଥିବା ଗ୍ରାହକଙ୍କୁ ଏକ ସରଳ, ଶସ୍ତା ଏବଂ ଦ୍ରୁତ ପ୍ରତିକାର ପ୍ରଦାନ କରିବା। ଆଇନର ଧାରା ୩ ଅନୁଯାୟୀ, ଏହି ଆଇନଗତ ପ୍ରତିକାର, ଆଇନ ଅନୁସାରେ ଉପଲବ୍ଧ ଅନ୍ୟ କୌଣସି ପ୍ରତିକାରର ଅତିରିକ୍ତ ଅଟେ ଏବଂ ତାହାକୁ କ୍ଷୁଣ୍ଣ କରେ ନାହିଁ। ତେଣୁ ଅନ୍ୟ ଏକ ଫୋରମ୍ କିମ୍ବା ନ୍ୟାୟିକ ସମାଧାନର ଅନ୍ୟ ମାଧ୍ୟମ ଥିବା କାରଣରୁ ଗ୍ରାହକ ଫୋରମ୍‌ର ଅଧିକାର କ୍ଷେତ୍ର ବାଦ୍ ପଡ଼ିଯାଏ ନାହିଁ ବୋଲି ବେଞ୍ଚ କହିଛନ୍ତି।

ଉଭୟ ପକ୍ଷ ମଧ୍ୟରେ ହୋଇଥିବା ଚୁକ୍ତିନାମାରେ ମଧ୍ୟସ୍ଥତା ଧାରା ଥିବା କାରଣରୁ ଗ୍ରାହକ ଫୋରମ୍ ସମ୍ମୁଖରେ ଆବେଦନକାରୀଙ୍କ ମାମଲାକୁ ଖାରଜ କରାଯାଇପାରିବ ନାହିଁ। ଏନ୍‌ସିଡିଆରସିଙ୍କ ରାୟରେ ଏକ ଅତିରିକ୍ତ ତ୍ରୁଟି ରହିଥିଲା। ଜାତୀୟ ଆୟୋଗ ସମ୍ମୁଖରେ ମୁଖ୍ୟ ବିଷୟ ଥିଲା ଯେ ଜିଲ୍ଲା ଫୋରମ ଏବଂ ରାଜ୍ୟ ଆୟୋଗ ଅଭିଯୋଗକୁ ମଧ୍ୟସ୍ଥତା ପାଇଁ ପଠାଇବା ଉଚିତ ଥିଲା କି ନାହିଁ। କିନ୍ତୁ ଜାତୀୟ ଆୟୋଗ ଏହି ଆଧାରରେ ସଂଶୋଧନ ଆବେଦନକୁ ଖାରଜ କରିଦେଲେ ଯେ ଅଭିଯୋଗ ଦାଖଲ ସମୟରେ ଆବେଦନକାରୀ ଜଣେ ଗ୍ରାହକ ନ ଥିଲେ, କାରଣ ସେ ପୂର୍ବରୁ ବିନା କୌଣସି ପ୍ରତିବାଦରେ ଫ୍ଲାଟ୍‌ର କବ୍‌ଜା ନେଇସାରିଥିଲେ ବୋଲି ଖଣ୍ଡପୀଠ କହିଛନ୍ତି। ଆବେଦନକାରୀଙ୍କ ଅଭିଯୋଗ କେବଳ କବ୍‌ଜା ପାଇବା ପାଇଁ ନ ଥିଲା ବରଂ ତାଙ୍କର ଅଭିଯୋଗ ଥିଲା ଯେ ଫ୍ଲାଟ ହସ୍ତାନ୍ତର କରିବାରେ ବିଳମ୍ବ ହୋଇଛି ଏବଂ ସେ ଏଭଳି ବିଳମ୍ବ ପାଇଁ କ୍ଷତିପୂରଣ ପାଇବାକୁ ଯୋଗ୍ୟ। ହସ୍ତାନ୍ତରରେ ହୋଇଥିବା କଥିତ ବିଳମ୍ବ ପାଇଁ ଆବେଦନକାରୀଙ୍କ କ୍ଷତିପୂରଣ ଦାବିକୁ ପ୍ରମାଣ ଭିତ୍ତିରେ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରାଯାଇନାହିଁ। ସେହିପରି ବିରୋଧୀ ପକ୍ଷ ସମିତିର ପ୍ରତିରକ୍ଷାକୁ ମଧ୍ୟ ଗୁଣବତ୍ତା ଆଧାରରେ ଯାଞ୍ଚ କରାଯାଇନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ବେଞ୍ଚ କହିଛନ୍ତି ଯେ, କେବଳ ଅଭିଯୋଗ ଦାଖଲ ହେବା ପୂର୍ବରୁ କବଜା ହସ୍ତାନ୍ତର କରାଯାଇଥିବା କାରଣରୁ ଆବେଦନକାରୀ ଗ୍ରାହକ ହେବାରୁ ବଞ୍ଚିତ ହୋଇଗଲେ ବୋଲି କହି ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ବିଷୟଗୁଡ଼ିକୁ ଶେଷ କରାଯାଇପାରିବ ନାହିଁ। ଏନ୍‌ସିଡିଆରସି, ରାଜ୍ୟ ଆୟୋଗ ଏବଂ ଜିଲ୍ଲା ଫୋରମ ରାୟକୁ ଖଣ୍ଡପୀଠ ରଦ୍ଦ କରିଦେଇ ଗ୍ରାହକ ଅଭିଯୋଗକୁ ପୁନର୍ଜୀବିତ କରିଛନ୍ତି ଏବଂ ଗୁଣବତ୍ତା ଆଧାରରେ ନିଷ୍ପତ୍ତି ପାଇଁ ଏହାକୁ ଦ୍ୱାରକା ଜିଲ୍ଲା ଗ୍ରାହକ ବିବାଦ ସମାଧାନ ଆୟୋଗ ସମ୍ମୁଖରେ ଉପସ୍ଥାପନ କରିବାକୁ କହିଛନ୍ତି। ଜିଲ୍ଲା ଆୟୋଗ ଉଭୟ ପକ୍ଷଙ୍କୁ ଶୁଣାଣିର ଉପଯୁକ୍ତ ସୁଯୋଗ ଏବଂ ପ୍ରମାଣ ଉପସ୍ଥାପନ କରିବାର ସୁଯୋଗ ଦେବା ପରେ ଅଭିଯୋଗର ନିଷ୍ପତ୍ତି ନେବେ।

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୮/୦୬/୨୦୨୬
୨,୪୮,୯୧୧/- ଟଙ୍କା
ସୁନା:- ୧୯ଗ୍ରାମ୍ ୧୦୦ ମିଲିଗ୍ରାମ
ରୂପା:- ୩୧ଗ୍ରାମ୍ ୪୦୦ ମିଲିଗ୍ରାମ

ଖୁବ୍‌ଶୀଘ୍ର ଏସ୍‌ସିବି ରୂପାନ୍ତରଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ : ଆଇନ ମନ୍ତ୍ରୀ

କଟକ, ୨୮/୦୬ ନ୍ୟୁଜ ବ୍ୟୁରୋ

ଏସ୍‌ସିବି ମେଡିକାଲର ବହୁ ପ୍ରତୀକ୍ଷିତ ନୂଆ କ୍ଲିନିକାଲ ୟୁନିଟ୍ ବିଲ୍ଡିଂର କାମ ଏବେ ବି ଅଧାରେ । ପୂର୍ବରୁ ଚଳିତ ବର୍ଷ ଜୁନ୍ ମାସ ସୁଦ୍ଧା ଏହି ବିଲ୍ଡିଂକୁ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯିବ ବୋଲି ସରକାର ଲକ୍ଷ୍ୟ ରଖିଥିଲେ କିନ୍ତୁ ସେହି ଲକ୍ଷ୍ୟ ପୂରଣ ହୋଇପାରିନାହିଁ । ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ କହିବା ଅନୁଯାୟୀ, କ୍ଲିନିକାଲ ୟୁନିଟ୍-୧ ଓ ୟୁନିଟ୍-୪ରେ ବିଦ୍ୟୁତ ସଂଯୋଗ ସମ୍ପର୍କିତ କାମ ଏବେ ବି ବାକି ରହିଛି । ଏହି କାରଣରୁ ସମ୍ପୂର୍ଣ୍ଣ ପ୍ରକଳ୍ପ ଶେଷ ହେବାକୁ ଆହୁରି କିଛି ସମୟ ଲାଗିବ । ତେବେ ପ୍ରକଳ୍ପ ଅଧୀନରେ ନିର୍ମାଣ ହେଉଥିବା ଆବାସିକ ଗୃହଗୁଡ଼ିକର କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଖୁବ୍ ଶୀଘ୍ର ସେଗୁଡ଼ିକୁ ହସ୍ତାନ୍ତର କରିବା ପ୍ରକ୍ରିୟା ଆରମ୍ଭ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଏସ୍‌ସିବିର ଏହି ମେଗା ରୂପାନ୍ତରଣ ପ୍ରକଳ୍ପ କେବେ ସମ୍ପୂର୍ଣ୍ଣ ହେବ ଏବଂ କେବେ ରୋଗୀଙ୍କ ସେବାରେ ଲାଗିବ, ତାହାକୁ ନେଇ ଏବେ ବି ଅନିଶ୍ଚିତତା ଲାଗିରହିଛି । ସମୟ ଗଡ଼ିବା ସହ ପ୍ରକଳ୍ପର ସମୟସୀମା ମଧ୍ୟ ବଢୁଥିବାରୁ ଏହାକୁ ନେଇ ପ୍ରଶ୍ନ ଉଠିଛି । ଏସ୍‌ସିବିରେ ଅସୁସ୍ଥ ପୂର୍ବତନ ମନ୍ତ୍ରୀ ପ୍ରଭାତ ବିଶ୍ୱାଳଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବାକୁ ଆସିଥିବାବେଳେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଥିଲେ ।

ତହସିଲଦାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ପଟ୍ଟାଦାର ବଦଳରେ ଜମିର ସତ୍ତ୍ୱ ସ୍ଥିତିବାନ ରେକର୍ଡ କରିବା ପାଇଁ ନିଆଯାଉ ପଦକ୍ଷେପ

କଟକ, ୨୮/୦୬ ନ୍ୟୁଜ ବ୍ୟୁରୋ

ଶ୍ୟାମସୁନ୍ଦରପୁର ମୌଜାରେ ଜମିର ସତ୍ତ୍ୱ 'ପଟ୍ଟାଦାର'ରୁ 'ସ୍ଥିତିବାନ'କୁ ପରିବର୍ତ୍ତନ କରିବା ପ୍ରସଂଗରେ ୬ ସପ୍ତାହ ଭିତରେ ପଦକ୍ଷେପ ଗ୍ରହଣ କରିବାକୁ ଭୁବନେଶ୍ୱର ତହସିଲଦାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାଧବାନନ୍ଦ ମହାପାତ୍ର ଓ ଅନ୍ୟ ଦୁଇ ଜଣଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ୧୯୯୨ରେ ପଞ୍ଜୀକୃତ ବିକ୍ରି କବଲା ବଳରେ ଆବେଦନକାରୀ ଶ୍ୟାମସୁନ୍ଦରପୁର ମୌଜାରେ ଜଣେ ମୂଳ ଲିଜଧାରୀଙ୍କ ନିକଟରୁ ୧୩୦ ଡିସିମିଲ ଜମି କିଣିଥିଲେ। ମ୍ୟୁଟେସନ ପରେ ଭୁବନେଶ୍ୱର ତହସିଲ କାର୍ଯ୍ୟାଳୟ ପକ୍ଷରୁ ଆବେଦନକାରୀଙ୍କ ନାମରେ ପଟ୍ଟା ଜାରି କରାଯାଇଥିଲା। ପଟ୍ଟାରେ ଜମିର ସତ୍ତ୍ୱ 'ସ୍ଥିତିବାନ' ବୋଲି ଉଲ୍ଲେଖ କରାଯାଇଥିଲା। ପରବର୍ତ୍ତୀ ସମୟରେ, ରାଜ୍ୟ ସରକାରଙ୍କ ଗତ ୨୦୨୫, ଜୁଲାଇ ୨ର ଏକ ବିଜ୍ଞପ୍ତିକୁ ଆଧାର କରି ଭୁବନେଶ୍ୱର ତହସିଲଦାର ନିଜ ଆଡୁ ମାମଲା ରୁଜୁ କରି ଏହି ଜମିର ସତ୍ତ୍ୱକୁ 'ସ୍ଥିତିବାନ'ରୁ 'ପଟ୍ଟାଦାର'କୁ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶ ଅନୁସାରେ ସତ୍ତ୍ୱ ପରିବର୍ତ୍ତନ କରାଯିବା ପରେ ନୂଆ ଆରଓଆର ଜାରି କରାଯାଇଥିଲା। ସ୍ଥିତିବାନ ଜମିର ସତ୍ତ୍ୱକୁ ପଟ୍ଟାଦାର ପରିବର୍ତ୍ତନ କରିବାକୁ ତହସିଲଦାର ପ୍ରଦାନ କରିଥିବା ନିର୍ଦ୍ଦେଶ ବେଆଇନ ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ସମୟରେ ହାଇକୋର୍ଟଙ୍କ ୨୦୨୬, ମେ ୨୨ର ରାୟ ପ୍ରସଂଗରେ ଆବେଦନକାରୀ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ରାୟରେ ଜମି ରେକର୍ଡରେ ପ୍ରାକ୍-ସ୍ୱାଧୀନତା ଏବଂ ବ୍ରିଟିଶ ଅମଳର ପୁରୁଣା ଶବ୍ଦ ଗୁଡ଼ିକର ବର୍ତ୍ତମାନ ଯୁଗରେ କୌଣସି ପ୍ରାସଙ୍ଗିକତା ନାହିଁ ବୋଲି ହାଇକୋର୍ଟ କହିଥିଲେ। ଏକ ଜମିର ଘରବାଡ଼ି ରୂପାନ୍ତରଣ ପରେ ଲିଜ୍ ସ୍ଥିତିର ଅବସାନ ଘଟିଥାଏ । ସେତେବେଳେ ଏହା ଜମି ମାଲିକଙ୍କ ସ୍ଥାୟୀ ଦଖଲ ଅଧିକାରକୁ ସ୍ୱୀକୃତି ଦେଇଥାଏ। ଏଭଳି ସ୍ଥିତିରେ ଜମିକୁ 'ସ୍ଥିତିବାନ' ଭାବେ ରେକର୍ଡ କରି ପଟ୍ଟା ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟ ଆଧାରରେ ଆବେଦନକାରୀଙ୍କ ଜମିର ସତ୍ତ୍ୱ ସ୍ଥିତିବାନକୁ ପରିବର୍ତ୍ତନ କରିବା ପ୍ରସଂଗରେ ତହସିଲଦାର ପଦକ୍ଷେପ ଗ୍ରହଣ କରିବେ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀଙ୍କ ତରଫରୁ ଅନିମା କୁମାରୀ ଦେଈ ମାମଲା ପରିଚାଳନା କରୁଥିଲେ।

ଏବେ ବଜାରରେ ଉପଲବ୍ଧ...

ମାସିକ ଗଳ୍ପ ପତ୍ରିକା

"କଥାକଳିକା"ର ଜୁଲାଇ-୨୦୨୬ ସଂଖ୍ୟା



ଏଥର ସଂଖ୍ୟାରେ...

ସ୍ମରଣୀୟ କଥା : ଗଙ୍ଗାଧର ବିଶ୍ୱାଳ।
ସମକାଳର କଥା : ରମେଶ ପଟ୍ଟନାୟକ, ବିନୋଦ, ସୁଜାତା ମହାପାତ୍ର, ପ୍ରଣିତାରାଣୀ ବେହେରା, ସନ୍ତୋଷୀସ୍ୱାଇଁ, ରାଜଲକ୍ଷ୍ମୀ ତ୍ରିପାଠୀ, ସ୍ନିଗ୍ଧା ନାୟକ, ରାଧାଶ୍ୟାମ ରାଉଳ, ପୀତାମ୍ବର ମହାପାତ୍ର, ସୁଷମା ପରିଜା।
ଅନ୍ୟ ଭାଷାର କଥା : ଚିତ୍ତରଂଜନ ପଟ୍ଟନାୟକ।
ଯୁବ ମାନସର କଥା : ଲିପିକା ଦାସ ପଟ୍ଟନାୟକ, ଅନୁସୂୟା ପଣ୍ଡା, ଚିନ୍ମୟୀ ପଣ୍ଡା, ଇନ୍ଦୁମତୀ ପାତ୍ର, ରୁମୁଲୀ ନନ୍ଦ।
ଏବଂ ଶେଷରେ 'କଥା ସାଗର' : ମଳିନ ଚନ୍ଦ୍ର-ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା' କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬, ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି କଟକ ସହରର ମୁକୁଳା ଡ୍ରେନ

କଟକ, ୨୮/୦୬ ନ୍ୟୁଜ ବ୍ୟୁରୋ

କାଳ ସାଜିପାରେ କଟକର ମୁକୁଳା ଡ୍ରେନ୍! ବର୍ଷା ଋତୁ ଆସିଥିବା ବେଳେ କଟକ ସହରରେ ଅନେକ ଡ୍ରେନ ମୁକୁଳା ଅବସ୍ଥାରେ ପଡି ରହିଛି । କେଉଁଠି ଡ୍ରେନ ଉପରେ ସ୍ଲାବ୍ ପଡି ଭାଙ୍ଗି ଯାଇଛି ତ, କେଉଁଠି ସ୍ଲାବ୍ ପଡି ନାହିଁ । ଆଉ କେଉଁଠି ପଙ୍କ ଉଦ୍ଧାର ନାଁରେ ସ୍ଲାବକୁ ଉଠାଇ ବାହାରେ ରଖା ଯାଇଛି । ବିଶେଷକରି ଭିଡ଼ ସ୍ଥାନ ମାନଙ୍କରେ ଯାଇଥିବା ଡ୍ରେନର ଅବସ୍ଥା ଅତି ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ସେପଟେ ଆଗକୁ ବଡ଼ ବର୍ଷା ଆସୁଥିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବା ବେଳେ ଡ୍ରେନ ଉପରେ କଭର ନ ପଡିବା ସତେ ଯେପରି ବଡ଼ ଅଘଟଣକୁ ଆମନ୍ତ୍ରଣ କରିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଡ୍ରେନ ଉପରେ କଭର ନ ପଡିବାରୁ ବର୍ଷା ଦିନେ ଅନେକ ଅଘଟଣ ଘଟୁଥିବା ନଜିର ରହିଛି । ବିଶେଷକରି ବର୍ଷା ଦିନେ ରାଜଧାନୀ ଭୁବନେଶ୍ୱର ଡ୍ରେନରେ ନାବାଳକ ଭାସି ଯାଇ ମୃତ୍ୟୁ ବରଣ କରିବା ଏବଂ କଟକରେ ମଧ୍ୟ ଅନେକ ଅଘଟଣ ଘଟିବା ସତ୍ତ୍ୱେ ଏଥିପ୍ରତି ସତେ ଯେପରି କାହାର ନିଘା ନାହିଁ। ଗତବର୍ଷ ବର୍ଷା ସମୟରେ ଜଣେ ଯୁବକ ଡ୍ରେନରେ ପଡି ଗୁରୁତର ମଧ୍ୟ ହୋଇଥିଲେ । କେବଳ ବର୍ଷା ଦିନେ କାହିଁକି ବରଂ ଅନ୍ୟ ଦିନମାନଙ୍କରେ ମଧ୍ୟ ଡ୍ରେନରେ ଅନେକ ଅଘଟଣ ଘଟୁଛି । ଯାହାକୁ ଦୃଷ୍ଟିରେ ରଖି ସିଏମସି ସହରର ସମସ୍ତ ୱାର୍ଡରେ ଡ୍ରେନ ଉପରେ ସ୍ଲାବ ବା କଭର ପକାଇବା ସହ ଯେଉଁଠି ସମସ୍ୟା ରହିଛି, ସେଠାରେ ବ୍ୟାରିକେଡ ଲଗାଇବାକୁ ନିଷ୍ପତ୍ତି ନେଇଥିଲା । ଚଳିତବର୍ଷ ବର୍ଷା ପୂର୍ବରୁ ସହରର ବିଭିନ୍ନ ଡ୍ରେନ ଉପରେ କଭର ପକାଇବାକୁ ସିଏମସି ସମସ୍ତ ୱାର୍ଡ ଅଧିକାରୀଙ୍କୁ କଡା ନିର୍ଦ୍ଦେଶ ଦେଇଥିବା ବେଳେ ଏହା କେବଳ କାଗଜ କଲମରେ ସୀମିତ ହୋଇ ରହିଯାଇଛି। ସବୁଠାରୁ ଭିଭିଆଇପି ସ୍ଥାନ କୁହା ଯାଉଥିବା ଷ୍ଟାଡିୟମ୍ ରୋଡ଼ ଯେଉଁଠି କି ରହିଛି ବିଚାରପତିମାନଙ୍କ କ୍ୱାର୍ଟର୍ସ। ସେଠାରେ ଥିବା ଡ୍ରେନ ଉପରେ କଭର ପଡିଛି ସତ ମାତ୍ର ଅନେକ କଭର ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି । ସେହିପରି ଏହାର ଟିକେ ଆଗକୁ ଯାଇ ମାତାମଠ ଛକରେ ମଧ୍ୟ ଅବସ୍ଥା ସମାନ । କିଛି ଡ୍ରେନ ଉପରେ ସ୍ଲାବ ନାହିଁ ଆଉ କିଛି ଡ୍ରେନ ଉପରେ ଧର୍ମକୁ ଆଖି ଠାର ମାରିବା ଭଳି କଭର ପକାଯାଇଛି । ଯାହାର ଅବସ୍ଥା ନ କହିବା ଭଲ । ଏହି ସ୍ଲାବ ବା କଭର ଉପରେ ଯଦି ଜଣେ ଲୋକ ଚଢି ଯାଆନ୍ତି ତେବେ ତାହା ଭାଙ୍ଗି ଯିବା ସଦୃଶ । ସେହି ସ୍ଲାବରେ ଥିବା ରଡ଼ ଦେଖା ଯାଉଛି । ମଙ୍ଗଳା ବାଗ ଅଞ୍ଚଳରେ ମଧ୍ୟ ସମାନ ଅବସ୍ଥା । ସେହିପରି ରୁଚି ମସଲା ଗଳିରେ ମଧ୍ୟ ସ୍ଥିତି ଆହୁରି ସାଂଘାତିକ । ଏହି ସ୍ଥାନରେ ପ୍ରାୟ ୪ ଫୁଟ ଓସାର ଡ୍ରେନ ମାତ୍ର ପୁରା ମୁକୁଳା ଅବସ୍ଥାରେ। ସାମାନ୍ୟ ବର୍ଷା ହେଲେ ଏଠାକାର ରାସ୍ତା, ଡ୍ରେନର ପାଣି ପୁରା ଏକାକାର ହୋଇଯାଏ । ଅର୍ଥାତ ବର୍ଷା ପାଣି ରାସ୍ତା ଉପରେ ଜମି ରହିଲେ କେଉଁଠି ଡ୍ରେନ ଏବଂ କେଉଁଠି ରାସ୍ତା ତାହା ଜାଣିବା ମୁସ୍କିଲ । ସହରର ଲୋକ ଯେଉଁମାନେ ପ୍ରତ୍ୟେକ ଦିନ ଯାତାୟାତ କରୁଛନ୍ତି ସେମାନେ ରାସ୍ତାକୁ ଅନୁମାନ କରି ଯାତାୟାତ କରି ପାରିବେ ମାତ୍ର ଯଦି ଅଜଣା ବ୍ୟକ୍ତିଟିଏ ଏହି ସମୟରେ ଯାତାୟାତ କରନ୍ତି, ତେବେ ଆହତ ହେବାର ସମ୍ଭାବନା ଅଧିକ ରହିଛି । ମୁକୁଳା ଡ୍ରେନ ପାଇଁ ଜନ ସାଧାରଣଙ୍କ ଉପରେ ଦୋଷ ଲଦି ଦେଇଛନ୍ତି ସିଏମସି ମେୟର ସୁବାସ ସିଂହ। ସେ କହିଛନ୍ତି, 'ଡ୍ରେନ ଉପରେ କଭର ପକାଯାଇଛି, କେବଳ ଲୋକ ତାହାର ଉପରେ ଚାଲିବା ପାଇଁ । ମାତ୍ର ଲୋକମାନେ ଯଦି ତାହା ଉପରେ ବଡ଼ ଗାଡି ଚଢ଼ାଇବେ ତାହା ଭାଙ୍ଗି ଯିବ । ସାଧାରଣ ଲୋକମାନେ ସଚେତନ ନଥିବାରୁ ଡ୍ରେନ ଭାଙ୍ଗି ନଷ୍ଟ ହେଉଛି । ତେବେ ସହରରେ ଥିବା ମୁକୁଳା ଡ୍ରେନ ଉପରେ କଭର ପକାଇବା ପାଇଁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆ ଯାଇଛି। ଯେଉଁଠି ସ୍ଲାବ ଭାଙ୍ଗି ଥିବ ସେଠାରେ ମରାମତି କରାଯିବ ଏବଂ ଯେଉଁ ସ୍ଥାନରେ ପଡି ନଥିବ ସେଠାରେ ସାନି ଟେଣ୍ଡର କରାଯିବ । ମୁକୁଳା ଡ୍ରେନ ପାଇଁ ଯେପରି ଅଘଟଣ ନଘଟିବ ସେଥିପାଇଁ ସଜାଗ ରହିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।'

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com